

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୪ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 May 2026
Vol.No. 36 ■ No.116 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଆଜି ଭୋଟ ଗଣତି, ସକାଳୁ ଖୋଲିବ ଇଭିଏମ୍ ପେଡି: ପଶ୍ଚିମବଙ୍ଗ ଉପରେ ସମସ୍ତଙ୍କ ନଜର



ନୂଆଦିଲ୍ଲୀ,୦୩/୫ : ରାତି ପାହିଲେ ୪ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ହେବ ଭୋଟ ଗଣତି। ଏଗଜିଟ୍ ପୋଲ, ଭିନ୍ନ ଭିନ୍ନ ମତ ଦେଉଥିବାବେଳେ, ସ୍ପଷ୍ଟ ହେବ କାହାକୁ ବାଛିଲେ ଜନତା? ନିର୍ବାଚନ ଫଳାଫଳ ଉପରେ ରହିଛି ସାରାଦେଶର ନଜର। ୨୦୨୪ ସାଧାରଣ ନିର୍ବାଚନ ପରେ ଦେଶର ସବୁଠୁ ବଡ଼ ନିର୍ବାଚନ। ଗୋଟିଏ ଦିନରେ ଆସିବ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ। ସକାଳ ୮ଟାରୁ ଆରମ୍ଭ ହେବ ଭୋଟ୍ ଗଣତି। ପୋଷ୍ଟାଲ ବାଲାଟ୍ ଗଣତି ପରେ ଖୋଲା ହେବ ଏଭିଏମ। କଡା ସୁରକ୍ଷା ବଳୟ ମଧ୍ୟରେ ୪ରାଜ୍ୟ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ୮୨୩ ବିଧାନସଭା ଆସନ ପାଇଁ ହେବ ଗଣତି। ଅପରାହ୍ଣକୁ ସ୍ପଷ୍ଟ ହୋଇଯିବ କେଉଁ ରାଜ୍ୟରେ କିଏ ଗଢ଼ିବ ସରକାର? ଫଳାଫଳ ଆସିବା ପରେ ସ୍ପଷ୍ଟ ହେବ, ପଶ୍ଚିମବଙ୍ଗରେ ମମତା ପୁଣି କ୍ଷମତାକୁ ଫେରିବେ ନା ବାଜି ମାରିଲା ମୋଦୀ, ଶାହଙ୍କ ରଣନୀତି? ତାମିଲନାଡୁରେ ଷ୍ଟାଲିନଙ୍କୁ ଚକମା ଦେବେ କି ବିଜୟ? କେରଳମରେ କରିସ୍ମା ଦେଖାଇବ କି କଂଗ୍ରେସ ନା ଗଡ଼ ରକ୍ଷା କରିବେ ପିନରୟୀ ବିଜୟନ? ଆସାମରେ କିଛି ଚମତ୍କାର ହେବ ନା ହିମନ୍ତଙ୍କ ଉପରେ ପୁଣି ଆସାମବାସୀଙ୍କ ଭରସା? ତେବେ ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ସବୁ ଦଳ ସରକାର ଗଢ଼ିବାକୁ ଦମ୍ଭୋକ୍ତି ଦେଖାଉଛନ୍ତି। ଆମର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଦଖଲ ପାଇଁ ସବୁ ବଳ ଲଗାଇ ଦେଇଛି ବିଜେପି। ମତଦାନ ହାର ବି ପାଖାପାଖି ୯୩ ପ୍ରତିଶତ ହେବା ଓ ୫ରୁ ଅଧିକ ସର୍ଭେ ସଂସ୍ଥା ବିଜେପି ସରକାର ଗଢ଼ିବା ନେଇ ପୂର୍ବାନୁମାନ କରିବା ପରେ ଉଷ୍ମ ହୋଇଛି ଜାତୀୟ ରାଜନୀତି। ପଡିଶା ରାଜ୍ୟ ହୋଇଥିବାରୁ ଓଡ଼ିଶାର ବି ନଜର ରହିଛି। ରାଜନୀତି ବିଶେଷଜ୍ଞଙ୍କ ମତରେ ପଶ୍ଚିମବଙ୍ଗ ନିର୍ବାଚନ ଜାତୀୟ ରାଜନୀତିକୁ ନୂଆମୋଡ଼ ଦେବ। ପଶ୍ଚିମବଂଗରେ ମୋଦୀ-ଶାହ ଯୋଡିଙ୍କ ରଣନୀତି ସଫଳ ହେଲେ ଆଗକୁ ଥିବା ଉତ୍ତରପ୍ରଦେଶ ଓ ପଞ୍ଜାବ ନିର୍ବାଚନ ପାଇଁ ବଳ ମିଳିବ। ଜାତୀୟ ରାଜନୀତିରେ ଏନଡିଏର ଶକ୍ତି ଆହୁରି ବଢ଼ିବ। ଦୁର୍ବଳ ହେବ ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ଅରବିନ୍ଦ କେଜ୍ରିୱାଲ ଓ ମମତା ବାନାର୍ଜୀଙ୍କ ଇଣ୍ଡିଆ ମେଣ୍ଟ। କିନ୍ତୁ ମମତା ପୁଣି କ୍ଷମତାକୁ ଫେରିଲେ ଭିନ୍ନ ବାର୍ତ୍ତା ଯିବ। ଦିଲ୍ଲୀରେ ମମତାଙ୍କ ପତିଆରା ବଢ଼ିବ। ତାମିଲନାଡୁ ଉପରେ ବି ସାରାଦେଶର ନଜର ରହିଛି। ଅଭିନେତାରୁ ନେତା ପାଲଟିଥିବା ବିଜୟ ଥଲାପତିଙ୍କ ଦଳ ଟିଭିକେ ଭଲ ପ୍ରଦର୍ଶନ କରିବ ବୋଲି ଏଗଜିଟ୍ ପୋଲ୍ ଆକଳନ କରିବା ପରେ ଉତ୍କଣ୍ଠା ବଢ଼ି ଯାଇଛି। କେରଳମର ବିଜେପି ନଥିଲେ ବି ଫଳାଫଳ କଂଗ୍ରେସ ଓ ବାମପନ୍ଥୀଙ୍କ ପାଇଁ ବେଶ୍ ଗୁରୁତ୍ୱ ରଖୁଛି।

## ମହଙ୍ଗା ମାଡ଼ ବେଳାରେ ବଢ଼ିଲା ଓମଫେଡ୍ କ୍ଷୀର: ଲିଟର ପିଛା ୪ଟଙ୍କା ବୃଦ୍ଧି




ଭୁବନେଶ୍ୱର, ୦୩/୫ (ନି.ପ୍ର): ପୁଣି ବଢିଲା ଦୁଗ୍ଧ ଦର। ରାଜ୍ୟରେ ମହଙ୍ଗା ହେଲା ଓମ୍ ଫେଡ୍ କ୍ଷୀର। ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିମିଟେଡ୍ ପକ୍ଷରୁ କ୍ଷୀର ଦର ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଅଧ ଲିଟର କ୍ଷୀର ପ୍ୟାକେଟ୍ ପିଛା ଗ୍ରାହକଙ୍କୁ ଏଣିକି ଅତିରିକ୍ତ ୨ ଟଙ୍କା ଗଣିବାକୁ ପଡ଼ିବ। ନୂଆ ରେଟ୍ ଚାର୍ଟ ଅନୁଯାୟୀ, ଅଧ ଲିଟର ଟୋନ୍ ଦୁଗ୍ଧ ପ୍ୟାକେଟ୍ ମୂଲ୍ୟ ୨୫ ଟଙ୍କା ବଦଳରେ ୨୭ ଟଙ୍କା ହୋଇଛି। ସେହିପରି ୫୦୦ ମିଲିଲିଟର ପ୍ରିମିୟମ୍ ୨୭ ଟଙ୍କାରୁ ୨୯ ଟଙ୍କା, ଗୋଲ୍ଡ ପ୍ରିମିୟମ୍ ଦର ୨୮ ଟଙ୍କାରୁ ୩୦ ଟଙ୍କା, ଗୋଲ୍ଡ ପ୍ରିମିୟର ପ୍ଲସ ୩୦ରୁ ୩୨ ଟଙ୍କା ଟଙ୍କା ହେବ। ଏହା ସହିତ ଚାହା ସ୍ପେଶାଲ୍ କ୍ଷୀର ପ୍ୟାକେଟ୍ ଦର ମଧ୍ୟ ବୃଦ୍ଧି ପାଇଛି। ଗୋଖାଦ୍ୟ ଠାରୁ ଆରମ୍ଭ କରି ପ୍ୟାକେଜିଂ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ବୃଦ୍ଧି ପାଇଥିବାରୁ କ୍ଷୀର ଦର ବଢ଼ାଇବାକୁ ବାଧ୍ୟ ହୋଇଥିବା ଓମ୍ ଫେଡ୍ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବିଶେଷ କରି ଗାଈଙ୍କ ଖାଦ୍ୟ, ଔଷଧ, ଇନ୍ଧନ, ଯାତାୟାତ ଏବଂ ପ୍ୟାକେଜିଂ ସାମଗ୍ରୀର ଖର୍ଚ୍ଚ ଆଶାତୀତ ଭାବେ ବଢ଼ିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଦୁଗ୍ଧ ଚାଷୀମାନଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା ଏବଂ କ୍ଷୀର ଉତ୍ପାଦନକୁ ସ୍ଥାୟୀ ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସଂସ୍ଥାର ମୋଟ ରାଜସ୍ୱର ପ୍ରାୟ ୯୦ ପ୍ରତିଶତ କେବଳ କ୍ଷୀର କ୍ରୟରେ ହିଁ ଖର୍ଚ୍ଚ ହୋଇଥାଏ। ତେଣୁ ଚାଷୀମାନେ ଏବେ ଲିଟର ପିଛା ଅଧିକ ଲାଭ ପାଇବେ ଏବଂ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଗତ କିଛି ଦିନ ଧରି ବଜାରରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ସତ୍ତ୍ୱେ ଓମ୍ ଫେଡ୍ କ୍ଷୀର ଦରକୁ ଅପରିବର୍ତ୍ତିତ ରଖିଥିଲା, କିନ୍ତୁ ବର୍ତ୍ତମାନ ପରିସ୍ଥିତିକୁ ନଜରରେ ରଖି ଦର ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। କିନ୍ତୁ ଅନ୍ୟ ବ୍ରାଣ୍ଡେଡ୍ କମ୍ପାନୀ ଠାରୁ ଓମଫେଡ୍ ଦୁଗ୍ଧ ଦର ଯଥେଷ୍ଟ କମ୍ ବୋଲି ସ୍ପଷ୍ଟ କରିଛନ୍ତି ମନ୍ତ୍ରୀ। ସେପଟେ ଚାରି ଟଙ୍କା ଦୁଗ୍ଧ ଦର ବଢିବା ପରେ ବି ଅସନ୍ତୁଷ୍ଟ ଚାଷୀ। ସେମାନଙ୍କ କହିବା ଅନୁସାରେ, ଦାନା ଦର୍ ହୁ ହୁ ହୋଇ ବଢୁଛି। ଚୋକଡ ୩୫, ପିଡ଼ିଆ ୫୫ ଟଙ୍କାରେ ପହଞ୍ଚିଛି। ମାତ୍ର ଚାଷୀ ୩୦ରୁ ୪୦ ଟଙ୍କା ମଧ୍ୟରେ କ୍ଷୀର ବିକ୍ରି କରୁଛି। ◆◆ପୃଷ୍ଠା ୭

## ବାଇକ ଚାଳକଙ୍କ ଉପରେ ମାଡ଼ିଗଲା ଆମ ବସ୍: ଘଟଣାସ୍ଥଳରେ ମୃତ୍ୟୁ

ଭୁବନେଶ୍ୱର, ୦୩/୫ (ନି.ପ୍ର): ପୁଣି ରାଜଧାନୀରେ ଜୀବନ ନେଇଛି ଆମ ବସ୍, ବ୍ୟସ୍ତବହୁଳ ପଳାଶୁଣୀ ଛକରେ ଜଣେ ବାଇକ ଚାଳକଙ୍କ ଉପରେ ଆମ ବସ ମାଡ଼ି ଯିବା ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ପରିଚୟ ମିଳିପାରିନି । ଏହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି । ଉତ୍ୟକ୍ତ ଲୋକେ ରାସ୍ତା ରୋକ୍ କରିଛନ୍ତି। କେବଳ ଭୁବନେଶ୍ୱର ନୁହେଁ କଟକ ରେଭେନ୍ସା ନିକଟରେ ବି ଅନ୍ୟ ଏକ ଆମ ବସ୍ ଦୁର୍ଘଟଣା ଘଟାଇଛି । କଲେଜ ଛକ ନିକଟରେ ଏକ କାରକୁ ପିଟିଛି ଆମ ବସ୍ । ଅଳ୍ପକେ କାର ଚାଳକ ଓ ଭିତରେ ବସିଥିବା ଜଣେ ଯୁବକଙ୍କ ଜୀବନ ବଞ୍ଚି ଯାଇଛି । ଏନେଇ ମାଲଗୋଦାମ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ବସ୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏଠି ପ୍ରଶ୍ନ ଉଠୁଛି ଏଠି କିଛି ମାସ ହେବ ଆମ ବସ୍ ବାରମ୍ବାର ଦୁର୍ଘଟଣା ଘଟାଉଛି। ଏନେଇ ପରିବହନ ମନ୍ତ୍ରୀ ବାରମ୍ବାର ସଫେଇ ଦେଲେ ବି ଦୁର୍ଘଟଣାର କାରଣ ଓ ନିରାକରଣ ନେଇ ସେଭଳି କିଛି ପଦକ୍ଷେପ ନେଉନାହାନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି ।

## କାଳ ସାଜିଛି କାଳବୈଶାଖୀ: ଚଳିତବର୍ଷ ଗଲାଣି ୧୦ ଜୀବନ, ଫସଲ ନଷ୍ଟ ପରେ ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୦୩/୫ (ନି.ପ୍ର): ମେ ମାସରେ ବାତ୍ୟା ଆଶଙ୍କା ଭିତରେ ସାରା ରାଜ୍ୟରେ ତାଣ୍ଡବ ରଚୁଛି କାଳବୈଶାଖୀ। ବର୍ଷା, ପବନ ସାଙ୍ଗକୁ କୁଆ ପଥର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହେଉଛି। ଅକାଳରେ ଝଡ଼ିଯାଉଛି ଜୀବନ । ଘର ଦ୍ୱାର ଭାଙ୍ଗୁଛି, ବ୍ୟାପକ ଫସଲ ହାନି ହେଉଛି। କିନ୍ତୁ ସରକାର କହୁଛନ୍ତି ବଡ ବାତ୍ୟା ମୁକାବିଲ ପାଇଁ ଆମେ ପ୍ରସ୍ତୁତ କିନ୍ତୁ ବାସ୍ତବ ଚିତ୍ର ଭିନ୍ନ କଥା କହୁଛି। ବାତ୍ୟା ଭୟ ଭିତରେ କଲବଲ କରୁଛି କାଳବୈଶାଖୀ। ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି କାଳବୈଶାଖୀର ତାଣ୍ଡବ। କେଉଁଠି ବଜ୍ରପାତ, ପୁଣି କେଉଁଠି ବର୍ଷା ପବନରେ ଗଛ ଭାଙ୍ଗି ଅକାଳରେ ଝଡ଼ିଯାଇଛି ଜୀବନ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରାଇବୋଲ ଗାଁରେ ବଜ୍ରପାତ ଯୋଗୁ ଜଣଙ୍କର ମୃତ୍ୟୁ ହୋଇଛି। ବଗିଚାରେ କାମ କରିବା ବେଳେ ବର୍ଷା ଓ ବଜ୍ରପାତ ହେବାରୁ ସେଠାରେ ଟଳିପଡ଼ିଥିଲେ ହୃଷିକେଶ ସାହୁ। ଯାଜପୁର ଜିଲ୍ଲା ବଡ଼ଚଣା ବାଲିକୁଦା ଗାଁର ଅଜିତ ଜେନାଙ୍କ ଉପରେ ତାଳଗଛ ପଡ଼ି ଚାଲିଯାଇଛି ଜୀବନ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ବିଷ ପିଇ ଦେଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତଥ୍ୟ ଅନୁସାରେ ଚଳିତ ବର୍ଷ ଏପର୍ଯ୍ୟନ୍ତ କାଳବୈଶାଖୀ ଓ ଝଡ଼ ତୋଫାନରେ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ହେଲାଣି। କେନ୍ଦ୍ରାପଡ଼ାରୁ ଢେଙ୍କାନାଳ, ବାଲେଶ୍ୱରରୁ ବାରିପଦା ସବୁଆଡେ ଛାରଖାର କରିଛି କାଳବୈଶାଖୀ। କେଉଁଠି ଘର ଛପର ଉଡ଼ିଯାଇଛି, ପୁଣି କେଉଁଠି ଗଛ ପଡ଼ି ଘର ନଷ୍ଟ ହୋଇଛି । ଢେଙ୍କାନାଳ ଭୁବନ ନିକଟ ସୁରପ୍ରତାପୁର ଗାଁରେ ଜଣେ ଯୁବତୀଙ୍କ ବିବାହ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉପରେ ଘର ଛପର ପଡ଼ିବାରୁ ତାହା ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି । ଏପଟେ କେନ୍ଦୁଝର ଘଷିପୁରା ବ୍ଲକ ଖଳିପାଟିଆ ଗାଁରେ ବର୍ଷା ପବନରେ ଛପର ଉଡ଼ିଯିବାରୁ ଭୋକ ଉପାସରେ ପଡି ରହିଛନ୍ତି ୧୦ରୁ ଅଧିକ ପରିବାର। ବଣେଇରେ କାନ୍ଥ ପଡ଼ି ୧୨ଜଣ ଆହତ ହୋଇଛନ୍ତି। ଝଡ଼ବର୍ଷା ସମୟରେ ବଜ୍ରପାତ ହେଉଥିବା ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । କାଳବୈଶାଖୀ କ୍ଷୟକ୍ଷତି ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଥିବା କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ । ପ୍ରଶ୍ନ ଉଠୁଛି ବଡ଼ ବାତ୍ୟା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି କହୁଥିବାବେଳେ କାଳବୈଶାଖୀରେ କାହିଁକି ଗଡୁଛି ମୁଣ୍ଡ?

## ଦକ୍ଷିଣ ଲେବାନନରେ ୨୪ ଘଂଟାରେ ଇସ୍ରାଏଲର ୫୦ ହମ୍ଲା, ୪୧ ମୃତ

ନୂଆଦିଲ୍ଲୀ,୦୩/୫ : ୧୬ ଏପ୍ରିଲରୁ ଲାଗୁ ଥିବା ସେନା ବିରତି ସତ୍ତ୍ୱେ, ଇସ୍ରାଏଲ୍ ଲେବାନନ୍ ଉପରେ ଆକ୍ରମଣ ବୃଦ୍ଧି କରିଛି। କେବଳ ଦକ୍ଷିଣ ଲେବାନନ୍‌ରେ ଗତ ୨୪ ଘଂଟାରେ ଇସ୍ରାଏଲ୍ ୫୦ଟି ବାୟୁ ଆକ୍ରମଣ କରିଛି। ଏହି ଆକ୍ରମଣରେ କମ୍ ସେ କମ୍ ୪୧ ଜଣ ମୃତ୍ୟୁବରଣ କରିଛନ୍ତି। ଏପର୍ଯ୍ୟନ୍ତ ଇସ୍ରାଏଲୀ ଆକ୍ରମଣରେ ୨,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ସମଗ୍ର ଲେବାନନ୍‌ର ଆକାଶରେ ଇସ୍ରାଏଲୀ ଡ୍ରୋନ୍ ଉଡୁଛି। ଆଲ୍ ଜଜିରାର ରିପୋର୍ଟ ଅନୁସାରେ, ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲ ସେନା କାର୍ଯ୍ୟକଳାପ ଅଧିକ ବଢ଼ିଛି। ଶନିବାର ସନ୍ଧ୍ୟାରୁ ଇସ୍ରାଏଲ୍ ଦକ୍ଷିଣ ଲେବାନନ୍‌ର ଅଧିକାଂଶ ଅଂଚଳରେ ବୋମାବର୍ଷଣ କରୁଛି। ◆◆ପୃଷ୍ଠା ୭

## ବର୍ଷା ଓ ଭୂସ୍ଖଳନ ଯୋଗୁ ନେପାଳର ତିନି ରାଜପଥ ଅବରୋଧ

ନୂଆଦିଲ୍ଲୀ,୦୩/୫ : ନେପାଳରେ ଲଗାତାର ବର୍ଷା ଏବଂ ଭୂସ୍ଖଳନ କାରଣରୁ ତିନୋଟି ରାଜପଥ ସମ୍ପୂର୍ଣ୍ଣ ଭାବେ ଅବରୋଧ ହୋଇଯାଇଛି, ଯାହା ଫଳରେ ଶତାଧିକ ଯାତ୍ରୀବାହୀ ବସ୍ ଏବଂ ମାଲବାହୀ ଟ୍ରକ୍ ରାସ୍ତା ମଧ୍ୟରେ ଫସି ରହିଛନ୍ତି। ଗତ ସପ୍ତାହରୁ ଚାଲିଥିବା ବର୍ଷା କାରଣରୁ କାଠମାଣ୍ଡୁକୁ ଜନକପୁର ସହିତ ଯୋଡୁଥିବା ଭିପି ରାଜପଥ ଅବରୋଧ ହୋଇଛି। ଭିପି ରାଜପଥର ସିନ୍ଧୁଲୀ ଅଂଚଳରେ ତିଆରି କରାଯାଇଥିବା ଅସ୍ଥାୟୀ ଡାଇଭର୍ସନ୍ ମଧ୍ୟ ବର୍ଷାରେ ଭାସିଯାଇଛି। ଟ୍ରାଫିକ ପୋଲିସ ଏହି ରାଜପଥରେ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛି। ଲଳିତପୁରର ପାଙ୍ଗ୍‌ଦୁର ଅଂଚଳରେ ଭୂସ୍ଖଳନ ହେବା ପରେ କାନ୍ତି ଲୋକପଥ ଅବରୋଧ ହୋଇଯାଇଛି।

## ଇମ୍ଫାଲ ବିମାନ ବନ୍ଦର କାର୍ଗୋ ଟର୍ମିନାଲ ନିକଟରେ ବିସ୍ଫୋରଣ

ନୂଆଦିଲ୍ଲୀ,୦୩/୫ : ମଣିପୁରର ଇମ୍ଫାଲ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଟର୍ମିନାଲ ନିକଟରେ ଏକ ବୋମା ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ଖବର ପାଇବା ପରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ସୂଚନା ଆଧାରରେ ମଣିପୁର ପୋଲିସର ଏକ ସୂତ୍ର ସୂଚନା ଦେଇଛି ଯେ ରବିବାର ଦିନ ମଣିପୁରରେ ସାମ୍ପ୍ରଦାୟିକ ସଂଘର୍ଷର ବାର୍ଷିକୀ ପାଳନ କରାଯାଉଛି। ଏହି ସମୟରେ, ଇମ୍ଫାଲର ବୀର ଟିକେନ୍ଦ୍ରଜିତ ଆନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଟର୍ମିନାଲ ନିକଟରେ ସକାଳ ପ୍ରାୟ ୧୧.୫୦ରେ ଏକ ଆଇଇଡି ବିସ୍ଫୋରଣ ଘଟିଥିଲା। ତେବେ ଏପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା କ୍ଷୟକ୍ଷତିର ସୂଚନା ମିଳିନାହିଁ ◆◆ପୃଷ୍ଠା ୭

## ଇଞ୍ଜିନିୟରିଂ ଛାତ୍ର ମୃତ୍ୟୁ ଘଟଣାରେ ଜାରୀ ରହିଛି ତଦନ୍ତ : ଡିସିପି

ଭୁବନେଶ୍ୱର, ୦୩/୫ (ନି.ପ୍ର): ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜ୍‌ରେ ଘଟିଥିବା ଛାତ୍ର ମୃତ୍ୟୁ ଘଟଣାରେ ତଦନ୍ତ ଜାରି ରହିଛି ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ ହୋଇଥିବା ସହ ତଦନ୍ତକୁ ଗୁରୁତ୍ୱର ସହ କରାଯାଉଛି। ଘଟଣା ସାମ୍ନାକୁ ଆସିବା ପରେ ସେ ନିଜେ କଲେଜ୍‌କୁ ଯାଇ ସ୍ଥିତିର ସମୀକ୍ଷା କରିଥିବା କଥା ମଧ୍ୟ କହିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଛାତ୍ରର ହଷ୍ଟେଲ ସାଥୀ ଏବଂ ଅନ୍ୟ ସହପାଠୀମାନଙ୍କୁ ପଚରାଉଚରା କରାଯାଇଛି। ଏହାସହ ଛାତ୍ରଙ୍କ ପିତାମାତାଙ୍କ ଏତଲା ଆଧାରରେ ମଧ୍ୟ ପୋଲିସ ତଦନ୍ତ ଆଗେଇ ନେଉଛି। ଡିସିପି ଆହୁରି କହିଛନ୍ତି ଯେ, ଟେକ୍ନିକାଲ ତଥ୍ୟକୁ ମଧ୍ୟ ଆଧାର କରି ଘଟଣାର ସବୁ ପାଟିରୁ ତଦନ୍ତ କରାଯାଉଛି।

## ସ୍ୱର୍ଗତ ସାମ୍ବାଦିକ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ




ବାଲେଶ୍ୱର, ୦୩/୫ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ସଭାପତିତ୍ୱ କରିଥିଲେ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା 'ଧ୍ୱନି ପ୍ରତିଧ୍ୱନି'ର ମଖ୍ୟ ସମ୍ପାଦକ ସୃଷ୍ଟିଧଣ ପରିଡ଼ା ଯୋଗଦେଇ କହିଲେ କି ଆମର ନନ୍ଦଙ୍କ ଭଳି ଭଦ୍ର ଓ ନମ୍ରଭାବାପନ୍ନ ବ୍ୟକ୍ତି ମିଳିବା କଷ୍ଟକର।ସେ କେବଳ ଜଣେ ସାମ୍ବାଦିକ ନଥିଲେ ସେ ଏକାଧାରରେ ଜଣେ ଭଲ ସମାଜସେବୀ ଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ଶୁଭେନ୍ଦୁ ଦାସ ଯୋଗଦେଇ ସ୍ମୃତିଚାରଣ କରିଥିଲେ ଓ ଏହି ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି କିଭଳି ଭାବରେ ଆହୁରି ଆଗକୁ ବଢି ପାରିବ ସେ କହିବା ସହିତ ନିଜେ ବର୍ଷକୁ ବର୍ଷ ୧୦୦୦ଟଙ୍କା ଦେବା ସହିତ ◆◆ପୃଷ୍ଠା ୭

## ଆମେରିକା ପ୍ରତିବନ୍ଧକକୁ ବେଆଇନ୍ କହି ପ୍ରତ୍ୟାଖ୍ୟାନ କଲା ଚୀନ: ଆଇନଗତ ଅସ୍ତ୍ର ପ୍ରୟୋଗ କରି ଆମେରିକାକୁ କଡ଼ା ଜବାବ



ନୂଆଦିଲ୍ଲୀ,୦୩/୫ : ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ତଥା ରଣନୈତିକ ତିକ୍ତତା ବର୍ତ୍ତମାନ ଏକ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ଚୀନର ପାଞ୍ଚଟି ଘରୋଇ ତୈଳ ବିଶୋଧନାଗାର ଉପରେ ଆମେରିକା ପକ୍ଷରୁ ଲଗାଯାଇଥିବା ପ୍ରତିବନ୍ଧକକୁ ଚୀନ ସରକାର ''ବେଆଇନ୍'' ବୋଲି ଘୋଷଣା କରିଛନ୍ତି। ଏହି ପ୍ରତିବନ୍ଧକକୁ ଲାଗୁ ହେବାରୁ ରୋକିବା ପାଇଁ ଚୀନ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯାଇଛି। ରବିବାର ମନ୍ତ୍ରଣାଳୟ ପକ୍ଷରୁ 'ବ୍ଲକିଂ ଷ୍ଟାଚ୍ୟୁଟ୍' ଲାଗୁ କରାଯାଇ ସ୍ପଷ୍ଟ କରାଯାଇଛି ଯେ ଚୀନ କମ୍ପାନିଗୁଡ଼ିକ ଆମେରିକାର ଏହି ଏକତରଫା ପ୍ରତିବନ୍ଧକକୁ ପାଳନ କରିବେ ନାହିଁ। ପ୍ରଥମ ଥର ପାଇଁ ଚୀନ ଏହି ଆଇନଗତ ଅସ୍ତ୍ରର ପ୍ରୟୋଗ କରି ଆମେରିକାକୁ କଡ଼ା ଜବାବ ଦେଇଛି। ପୂର୍ବରୁ ଆମେରିକା ଅଭିଯୋଗ କରିଥିଲା ଯେ ହେଙ୍ଗଲି ପେଟ୍ରୋକେମିକାଲ୍ ସମେତ ଅନ୍ୟ କିଛି ରିଫାଇନାରୀଗୁଡ଼ିକ ଇରାନରୁ ତୈଳ କ୍ରୟ କରୁଛନ୍ତି, ଯାହା ଆମେରିକାର ବାଣିଜ୍ୟ ନିୟମର ଉଲ୍ଲଂଘନ କରୁଛି। ଏହି ଆଧାରରେ ଆମେରିକା ଏହି କମ୍ପାନୀଗୁଡ଼ିକୁ ନିଜର ''ସ୍ପେସିଆଲି ଡେଜିଗନେଟେଡ୍ ନ୍ୟାସନାଲ୍ସ'' ତାଲିକାରେ ଅନ୍ତର୍ଭୁକ୍ତ କରିଥିଲା। ଏହି ତାଲିକା ଯୋଗୁଁ କମ୍ପାନୀଗୁଡ଼ିକର ଆନ୍ତର୍ଜାତୀୟ କାରବାର ଏବଂ ସମ୍ପତ୍ତି ଉପରେ ବଡ଼ ଧରଣର ବିପଦ ସୃଷ୍ଟି ହୋଇଥିଲା। ଏହାର ପ୍ରତିବାଦରେ ଚୀନ କହିଛି ଯେ ଏହି ପ୍ରତିବନ୍ଧକଗୁଡ଼ିକ ଜାତିସଂଘର ବିନା ଅନୁମୋଦନରେ ଲଗାଯାଇଥିବାରୁ ଏହାର କୌଣସି ଆନ୍ତର୍ଜାତୀୟ ବୈଧତା ନାହିଁ। ଚୀନର ସରକାରୀ ଗଣମାଧ୍ୟମ ଏହି ପଦକ୍ଷେପକୁ ଦେଶର ଆର୍ଥିକ ହିତ ଏବଂ ଜାତୀୟ ସାର୍ବଭୌମତ୍ୱର ରକ୍ଷା ପାଇଁ ଏକ ଉଚିତ ପଦକ୍ଷେପ ବୋଲି ଦର୍ଶାଇଛି। ◆◆ପୃଷ୍ଠା ୭

# ଝାରସୁଗୁଡ଼ାରେ ବେଆଇନ ପାଉଁଶ ଫିଙ୍ଗା ନେଇ ଚିନ୍ତା : ୨୪ଘଣ୍ଟିଆ ଟାସ୍କ ଫୋର୍ସ ଗଠନ ପାଇଁ ବିଧାୟକଙ୍କ ଦାବି

ଝାରସୁଗୁଡ଼ା, ୦୩/୦୫ (ନି.ପ୍ର): ସହର ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ବଢୁଥିବା ବେଆଇନ ପାଉଁଶ ଫିଙ୍ଗାକୁ ନେଇ ଗୁରୁତର ଉଦ୍ବେଗ ପ୍ରକାଶ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଏହି ଅବସ୍ଥା ଉପରେ କଡ଼ା ନଜର ରଖିବା ପାଇଁ ସେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ପତ୍ର ଲେଖି ୨୪ ଘଂଟିଆ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ପାଇଁ ଦାବି କରିଛନ୍ତି। ବିଧାୟକଙ୍କ ପତ୍ରରେ ଉଲ୍ଲେଖ ରହିଛି ଯେ, କିଛି ଅସାମାଜିକ ପରିବହନକାରୀ ଏବଂ କାରଖାନା ମାଲିକଙ୍କ ମଧ୍ୟରେ ଅନୈତିକ ସଠିକାରଣ ଫଳରେ ବିଳମ୍ବିତ ରାତ୍ରିରେ ଜନବସତି ଏବଂ ପରିଧି ଅଂଚଳରେ ବେଆଇନ ଭାବେ ପାଉଁଶ ଫିଙ୍ଗା ହେଉଛି। ଏହା ପରିବେଶକୁ ଗୁରୁତର ଭାବେ ପ୍ରଦୂଷିତ କରୁଥିବା ସହ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମାରାତ୍ମକ ପ୍ରଭାବ ପକାଉଛି।

ବିଶେଷ କରି ବାୟୁ ଓ ମାଟିର ଗୁଣବତା ଅବନତି ଘଟୁଥିବା ବେଳେ ଲୋକମାନଙ୍କ ଦୈନିକ ଜୀବନଜୀବିକା ମଧ୍ୟ ବିପଦରେ ପଡୁଛି। ଏହାକୁ ରୋକିବା ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ୨୪ଘ୭ ଟାସ୍କ ଫୋର୍ସ ଗଠନ, ସନ୍ଦେହଜନକ ସ୍ଥାନ ଓ ପରିବହନ ରୁଟ୍ରେ ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ଚଢ଼ଉ, ଦୋଷୀ ପରିବହନକାରୀ ଓ କାରଖାନା ମାଲିକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରଶାସନୀୟ ପଦକ୍ଷେପ ସମ୍ପର୍କରେ ସାଧାରଣ ଲୋକଙ୍କୁ ସୂଚିତ କରି ସ୍ୱଚ୍ଛତା ବଜାୟ ରଖିବା ପାଇଁ ବିଧାୟକ ତ୍ରିପାଠୀ ଏହି ସମସ୍ୟାର ତୁରନ୍ତ ଏବଂ କଠୋର ସମାଧାନ ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି, ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ତେବେ ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଆହୁରି ଭୟାବହ ହେବ।

# ପୁନର୍ବାସ ପକ୍ଷରୁ "ଭିନ୍ନକ୍ଷମତା ଅଧ୍ୟୟନ" ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ

କେନ୍ଦ୍ରାପଡା, ୦୩/୦୫ (ନି.ପ୍ର): ନୂତନ ଶିକ୍ଷା ଆଇନ -୨୦୨୦ ଅନ୍ତର୍ଗତ ଯୁକ୍ତ ତିନି ଚତୁର୍ଥ ସେମିଷ୍ଟାର ନିମନ୍ତେ ରହିଥିବା ଇଂଟର୍ନସିପ୍ ନିମନ୍ତେ ପୁନର୍ବାସ ପକ୍ଷରୁ "ଭିନ୍ନକ୍ଷମତା ଅଧ୍ୟୟନ" ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଚଳିତବର୍ଷ କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ,ଇଂରାଜୀ,ଓଡ଼ିଆ ତଥା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଏହି ଇଂଟର୍ନସିପ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଭିନ୍ନକ୍ଷମତା ସମ୍ପର୍କିତ ଏକ ସଚେତନତାତ୍ମକ ଅବଧାରଣା ନିମନ୍ତେ ଏହି ଷାଠିଏ ଘଂଟା ସଂକ୍ଷିପ୍ତ ଅବଧିର କାର୍ଯ୍ୟସୂଚୀ ମଧ୍ୟରେ ଭିନ୍ନକ୍ଷମତା ସମ୍ପର୍କିତ ସୂଚନା,ତଥ୍ୟ,ପ୍ରକାର ଓ ଆଇନଗତ ଦିଗଗୁଡ଼ିକ ସମ୍ପର୍କରେ ବିଷୟଗତ ଶିକ୍ଷାଦାନ ସହିତ ଅତିଥି ବିଶେଷଜ୍ଞମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭିନ୍ନକ୍ଷମତାକୁ ନେଇ ଏକ ସକାରାତ୍ମକ ବଳିଷ୍ଠ ଧାରଣା ତିଆରି ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ସଫଳ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ାରେ ଜନ୍ମିତ ସଫଳ ଜାତୀୟ ପାରାସନ୍ତରଣକାରୀ ତଥା ଆନ୍ତର୍ଜାତୀୟ ପାରାସେଲର୍ ମୋନାଲି ସ୍ୱାଇଁ ଯୋଗ ଦେଇ ନିଜର ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଉପସ୍ଥାପିତ କରିଥିଲେ। ଅପୂର୍ଣ୍ଣଶରୀର ଧରି ଜନ୍ମିତ ହେତୁ କିପରି ପରିବାର ଓ ସମାଜର ଦୃଷ୍ଟିକୋଣ ନକାରାତ୍ମକ ରହିଥିଲା ଓ କିପରି ସେ ସମାଜର ସେହି ମାନସିକତା ଓ ବିରୋଧକୁ ବେଖାତିର କରି ନିଜକୁ ସଫଳ ପ୍ରତିପାଦନ କରି ପାରିଛନ୍ତି,ତାହା ବର୍ଣ୍ଣନା କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ସହ ତାଙ୍କର ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁନର୍ବାସର ମୂଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହ ସମ୍ପାଦକ ବଂଶୀଧର ମହାନ୍ତି,ଇଂଟର୍ନସିପ୍ ପ୍ରୋଗ୍ରାମର ସହକାରୀ ପର୍ଶୁରାମ ତ୍ରିପାଠୀ ଓ କେଦାରନାଥ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଭଡ଼ା ଘରୁ ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର: ଆତ୍ମହତ୍ୟାର କାରଣ ଅସ୍ପଷ୍ଟ

କନ୍ଧମାଳ, ୦୩/୦୫ (ନି.ପ୍ର): ଫୁଲବାଣୀ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ତେଜସ୍ୱୀନୀ ପାଢୀ (୨୮) ଙ୍କ ମୃତଦେହ ଫୁଲବାଣୀରେ ତାଙ୍କ ଭଡ଼ା ଘରୁ ଉଦ୍ଧାର କରିଛି ଟାଉନ ଥାନା ପୁଲିସ। ତେଜସ୍ୱୀନୀ କାହିଁକି କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ଘର ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଶ୍ରୀରାମ ନଗରରେ ବୋଲି ଜଣାପଡିଛି। ଖବର ପାଇ ତାଙ୍କର ମା, ଭାଇ ଓ ପରିବାର ଲୋକେ ଫୁଲବାଣୀ ପହଂଚିଛନ୍ତି। ଅଧ୍ୟାପିକା ଝିଅର ଅକାଳ ମୃତ୍ୟୁରେ ମା କାନ୍ଦି କାନ୍ଦି ବେହୋସ୍ ହୋଇ ପଡୁଛନ୍ତି। ଅତିଥି ଅଧ୍ୟାପିକା ତେଜସ୍ୱୀନୀ ଫୁଲବାଣୀ ସହରରେ ମାଦିକୁନ୍ଦା ଛକଠାରେ ଏକ ଘରଭଡ଼ା ନେଇ ଏକାକୀ ରହୁଥିଲେ। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୌଣସି ଚାପର ବଶବର୍ତି ହୋଇ ହୁଏତ ଏହି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଧ୍ୟାପିକା ଝିଅର ଅକାଳ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ମା। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଶିକାରୀ ଗୁଳିରେ ଶିକାର ହେଲେ ସାଥୀ ଶିକାରୀ : ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

କନ୍ଧମାଳ, ୦୩/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଂଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ବନ ବିଭାଗ ଦ୍ୱାରା ଜଙ୍ଗଲକୁ ସୁରକ୍ଷା ଦେବା ଏବଂ ଜଙ୍ଗଲି ଜୀବଯନ୍ତୁଙ୍କୁ ଶିକାର ନକରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରୁଥିବା ବେଳେ ଏସବୁକୁ ବେଖାତିରି କରି ଅବାଧରେ ଶିକାରୀମାନେ ଜଙ୍ଗଲୀ ପ୍ରାଣୀଙ୍କୁ ଶିକାର କରିବାରେ ଲାଗିଛନ୍ତି। ତେବେ ସୂଚନା ଅନୁଯାୟୀ, ଗତ ରାତ୍ରିରେ ବେଲଘର ଥାନା ଅନ୍ତର୍ଗତ ସାପେରି ଗ୍ରାମର କାମଦେବ ମାଝୀ, ମଦନ ମାଝୀ, ଲିଟୁ ମାଝୀ ଶିକାରୀ ବାହାରିଥିଲେ ବେଲଘର ବନାଚଂଳର କଡ଼ପନା ଜଙ୍ଗଲକୁ ଜଙ୍ଗଲି ଯନ୍ତୁ ଶିକାର ପାଇଁ। କିଛି ଗୋଟେ ଜଙ୍ଗଲୀ ଯନ୍ତୁଙ୍କୁ ଶିକାର କରିବା ସମୟରେ ସାଥୀ ଶିକାରୀ କାମଦେବ ମାଝୀଙ୍କ ଡାହାଣ ପିଠିରେ ସିଧା ଯାଇ ବାଜିଥିଲା ସାଥୀ ଶିକାରୀଙ୍କ ଗୁଳି। ଗୁଳି ବାଜିବା ମାତ୍ରେ ଘଟଣାସ୍ଥଳରେ ହିଁ ଚାଲିଯାଇଥିଲା କାମଦେବଙ୍କ ଜୀବନ। ଗୁଳି ବାଜିବା ମାତ୍ରେ ସାଥୀ ଶିକାରୀ ମାନେ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଯାଇ ପହଂଚିଥିଲେ ଘଟଣାସ୍ଥଳରେ। କାମଦେବଙ୍କ ମରଶରୀର ଦେଖି ଗ୍ରାମବାସୀ ଖବର ଦେଇଥିଲେ ବେଲଘର ଥାନାକୁ। ଖବରପାଇ ବେଲଘର ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାକୁ ନେଇ କାମଦେବଙ୍କ ସ୍ତ୍ରୀ ମୋର ସ୍ୱାମୀଙ୍କୁ ଘରୁ ଡ଼ାକିନେଇ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ବେଲଘର ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାମଦେବଙ୍କ ସହ ଯାଇଥିବା ଦୁଇ ସାଥୀ ଶିକାରୀ ଲୁଟୁ ମାଝୀ ଓ ମଧୁ ମାଝୀ ସାପେରି ଗ୍ରାମକୁ ପୋଲିସ ଖୋଜିଲା ବେଳେ ଦୁଇ ଜଣ ଫେରାର ଥିବା ବେଲଘର ପୋଲିସ କହିଛି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଥିବା ଏବଂ ଅଭିଯୁକ୍ତଙ୍କୁ ଗିରଫ ପରେ ସମ୍ପୂର୍ଣ ତଥ୍ୟ ଦିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏଥି ସହିତ ବିସ୍ତୃତ ତଥ୍ୟ ପ୍ରଦାନ କଲେ ତଦନ୍ତରେ ବାଧା ସୃଷ୍ଟି ହେବ ବୋଲି କହିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଏନସିସି କ୍ୟାମ୍ପ ମନା: ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ

ନୂଆପଡ଼ା, ୦୩/୦୫ (ନି.ପ୍ର): ଚତୁର୍ଥ ଓଡ଼ିଶା ନାଭାଲ ୟୁନିଟ୍ ଭବାନୀପାଟଣା ପକ୍ଷରୁ ଆୟୋଜିତ ହେବାକୁ ଥିବା ପ୍ରଥମ ଏଟିସି କ୍ୟାମ୍ପକୁ ନେଇ ବିବାଦ ଦେଖାଦେଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି କ୍ୟାମ୍ପରେ ସାମିଲ ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କ୍ୟାମ୍ପରୁ ବଂଚିତ ହେବେ ଶହ ଶହ ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ, ଆସନ୍ତା ମେ ୪ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ଏଥିରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଭୁବନେଶ୍ୱରସ୍ଥିତ ଏନସିସି ନିର୍ଦ୍ଦେଶାଳୟର ଜଣେ ଅଣ-ଓଡ଼ିଆ ଅଧିକାରୀଙ୍କ ଅତର୍କିତ ଆଦେଶ ଯୋଗୁଁ ଆଦର୍ଶ ବିଦ୍ୟାଳୟର ପିଲାମାନେ ଏହି କ୍ୟାମ୍ପରେ ଭାଗ ନେବାରୁ ବଂଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନସିସି ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୫୩୦୦ ଟଙ୍କା ପ୍ରଦାନ କରାଯାଇଛି। ଏତେ ସୁବିଧା ଥାଇ ମଧ୍ୟ କ୍ୟାମ୍ପରେ ଅଂଶଗ୍ରହଣ କରିବାକୁ ସୁଯୋଗ ନମିଳିବାରୁ ଛାତ୍ରଛାତ୍ରୀମାନେ ନିରାଶ ହୋଇଛନ୍ତି। ସବୁଠାରୁ ଚିନ୍ତାର ବିଷୟ ଯେ, ଏହି କ୍ୟାମ୍ପରେ ଅଂଶଗ୍ରହଣ ନକଲେ ଛାତ୍ରଛାତ୍ରୀମାନେ ଏନସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା ଦେବାରୁ ବଂଚିତ ହେବେ, ଯାହା ସେମାନଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ପ୍ରଭାବ ପକାଇବ। ଅଭିଭାବକଙ୍କ ଅଭିଯୋଗ ମୁତାବକ ଏଭଳି ଏକତରଫା ନିଷ୍ପତି କାରଣରୁ ମେଧାବୀ ଛାତ୍ରଛାତ୍ରୀମାନେ ଅଯଥାରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ମାମଲାରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

# ନବଜାତ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ଧର୍ମଶାଳା, ୦୩/୦୫ (ନି.ପ୍ର): ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗରେ ନବଜାତ ଶିଶୁ ମୃତ୍ୟୁକୁ ନେଇ ଉତେଜନା ଦେଖା ଦେଇଛି। ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ମୃତ ଶିଶୁର ପରିବାର ଲୋକେ। ଗତ ୩୦ ତାରିଖ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକ କୁମ୍ଭାରିଆ ଗ୍ରାମର କୈଳାଶ ଚନ୍ଦ୍ର ଓଝାଙ୍କ ପତ୍ନୀ ରଶ୍ମିତା ସୂତାର(୨୪)ଙ୍କୁ ପ୍ରସୂତି ବିଭାଗରେ ଭର୍ତି କରାଯାଇଥିବା ବେଳେ ଶୁକ୍ରବାର ସକାଳ ୧୦ଟା ସମୟରେ ରଶ୍ମିତାଙ୍କ ଅସ୍ତ୍ରୋପଚାର କରାଯାଇ ଶିଶୁ ଜନ୍ମ ହୋଇଥିଲା। ଶିଶୁ ଗୁରୁତର ଥିବା କହି କଟକ ସ୍ଥାନାନ୍ତର କରାଯାଇଥିଲା। ପରେ ପ୍ରସୂତି ମହିଳାଙ୍କୁ ମଧ୍ୟ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଶିଶୁକୁ ମୃତ ଘୋଷଣା ପରେ ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ ଶିଶୁକୁ ଧରି ପରିବାର ଲୋକେ ନ୍ୟାୟ ଦାବି କରିବା ସହ ମେଡିକାଲ ପରିସରରେ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ପ୍ରସୂତି ବିଭାଗରେ ଉତେଜନା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଯାଜପୁର ପୋଲିସ ମୁତୟନ ହୋଇଛନ୍ତି। ଦୀର୍ଘ ସମୟ ଉତେଜନା ଦେଖା ଦେବା ପରେ ପୋଲିସ ଓ ଡାକ୍ତର ବୁଝା ସୁଝା କରିଥିଲେ କିନ୍ତୁ ଉଚିତ ନ୍ୟାୟ ନ ମିଳିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତ ଶିଶୁର ପରିବାର ଲୋକେ। ଜିଲ୍ଲାପାଳ ବୁଝା ସୁଝା କରିବା ପରେ ମୃତ ଶିଶୁକୁ ବ୍ୟବଚ୍ଛେଦ କରାଯାଇଥିଲା। ପରିବାର ଲୋକେ ଘରକୁ ଫେରିଥିଲେ।

# ପଂଚସଖା ଶିକ୍ଷା ସେତୁ ସଚେତନତା କାର୍ଯ୍ୟକ୍ରମ

ପୁରୀ, ୦୩/୦୫ (ନି.ପ୍ର): ଶିକ୍ଷାନୁଷ୍ଠାନ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମନ୍ୱୟ ହିଁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜର ମୂଳଦୁଆ ହୋଇଥାଏ। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାରସ୍ପରିକ ସହଯୋଗ ଓ ଭାଇଚାରା ସୃଷ୍ଟି ପାଇଁ ଅନୁରୋଧ କରିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଆଜି ପୂର୍ବାହ୍ନରେ ଟାଉନହଲ ପରିସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପଂଚସଖା ଶିକ୍ଷା ସେତୁ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ଶିକ୍ଷାର ବିକଳ୍ପ କେବଳ ଶିକ୍ଷା ହିଁ ହୋଇଥାଏ। ତେଣୁ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଭିତିଭୂମିର ବିକାଶ କ୍ଷେତ୍ରରେ ସରକାରଙ୍କ ଠାରୁ ଆରମ୍ଭ କରି ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ ଜରୁରୀ ହୋଇଥାଏ। ଆମେ ଯେଉଁଠି ପଢିଛନ୍ତି, ବଢିଛନ୍ତି ଓ ମଣିଷ ହୋଇଛନ୍ତି ତାହାର ବିକାଶରେ ଆମର ଅବଦାନ ଜରୁରୀ। ତେଣୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯିଏ ଯେଉଁ କ୍ଷେତ୍ରରେ ରହିଛନ୍ତି, ସେମାନେ ନିଶ୍ଚିତ ନିଜ ପ୍ରିୟ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ସହଯୋଗ କରିବାକୁ ଶ୍ରୀ ସେଠୀ ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳାର ଉପ ନିର୍ଦ୍ଦେଶକ ଡଃ ସିପ୍ରା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ ପ୍ରଧାନ, ପୁରାତନ ଛାତ୍ରୀ ସଂସଦର ସଭାପତି ରୀନା ମଣି ସାହୁ,ରାଜ୍ୟ ରେଡକ୍ରସର ଆଜୀବନ ସଦସ୍ୟ ଜୟନ୍ତୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାଥ ପୂଜାପଣ୍ଡା ପ୍ରମୁଖ ଯୋଗ ଦେଇ ଶିକ୍ଷାନୁଷ୍ଠାନ ବିକାଶର ଆବଶ୍ୟକତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୁ ସମ୍ପର୍କ ସମ୍ପର୍କରେ ଆଲୋଚନା ଓ ନିୟମିତ ବ୍ୟବଧାନରେ ପୁରାତନ ଛାତ୍ରୀ ସଂସଦର ବୈଠକ ଆୟୋଜନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସଙ୍ଗୀତା ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ପଂଚସଖା ଶିକ୍ଷା ସେତୁ ସମ୍ପର୍କରେ ସରକାରୀ ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ତଥା ହକି ଖେଳାଳୀ ଲିପ୍ସା ରାଣୀ ପ୍ରିୟଦର୍ଶିନୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ସମସ୍ତଙ୍କୁ ସ୍ୱାଗତ ସହ ମଂଚ ସଂଚାଳନ ଓ ପଂଚସଖା ଶିକ୍ଷା ସେତୁ ଦାୟିତ୍ୱରେ ଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର ଶିକ୍ଷା ସେତୁ ଓ ସଚେତନତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଏନସିସି ଅଧିକାରୀ ଶୋଭାମଣୀ ସ୍ୱାଇଁ, ଶିକ୍ଷୟିତ୍ରୀ ନିହାରୀକା ରଥ, ଦେବଜାନୀ ସାହୁ, ପିଙ୍କି ବେହେରା, ସ୍ୱର୍ଣ୍ଣ ପ୍ରଭା, ମନସ୍ୱିନୀ, ମଧୁସ୍ମିତା, ସୁଜାତା ସେଠୀ, ହରପ୍ରିୟା, ସୁଜାତା ଚକ୍ରବର୍ତୀ, ସ୍ମିତାରାଣୀ, ନିରୁପମା, ଦେବଦର୍ଶିନୀ ମିଶ୍ର, ସବିତା, ପ୍ରିୟମ୍ବଦା, ପ୍ରଜ୍ଞା, ବସୁମତୀ, ରାଜଲକ୍ଷ୍ମୀ, ବିନାୟକ ସିଂହାରୀ, ରେଣୁବାଳା, ଦେବଜାନୀ ପଟ୍ଟନାୟକ, ଝୁନିଲତା ଓ ଦୀନବନ୍ଧୁ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀ ମାନେ ଯୋଗଦେଇ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧଙ୍କୁ ଗଳାକାଟି ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୦୩/୦୫ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗ୍ରାମରେ ବୃଦ୍ଧଙ୍କୁ ଗଳାକାଟି ହତ୍ୟା ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା କୁମୁଲିପୁଟ ଗ୍ରାମର ଟୁନା ପରଜା (୨୫)। ଗିରଫ ଅଭିଯୁକ୍ତ ଠାରୁ ଛୁରି ଜବତ ହୋଇଛି। ଏନେଇ ଜୟପୁର ସଦର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏସଡିପିଓ ଅର୍ଚ୍ଚିତା ମିତଲ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରି ରାମସାଦ କେବି, ଇନସପେକ୍ଟର ସଚିନ୍ଦ୍ର ପ୍ରଧାନ, ମାମଲାର ତଦନ୍ତ ଅଧିକାରି ଏସଆଇ ପ୍ରମୋଦ ପାଣି ଉପସ୍ଥିତ ଥିଲେ। ସୂଚନା ଅନୁଯାଇ, ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗାଁ ନାଳ ଭିତରେ ରଘୁନାଥ ଗୌଡ (୬୦)ଙ୍କ ମୃତଦେହ ପଡିଥିଲା। ଯାହାକି ବେକରେ କ୍ଷତବିକ୍ଷତ ଚିହ୍ନ ରହିଛି। ଏହାକୁ ନେଇ ରଘୁନାଥଙ୍କ ପୁଅ ଭଗବାନ ଗୌଡ ଜୟପୁର ସଦର ଥାନାରେ ଗତ ୨୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ରଘୁନାଥ ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ କୁମୁଲିପୁଟରୁ ଫାମ୍ପୁଣି ଚା ପିଇବାକୁ ଯାଆନ୍ତି। ଗତ ୨୭ ତାରିଖରେ ମଧ୍ୟ ରଘୁନାଥ ଗ୍ରାମରେ ଥିବା ଚା ଦୋକାନକୁ ଚା ପିଇବାକୁ ଯାଇ ଆଉ ଫେରିନଥିଲେ। ଫେରିବା ବିଳମ୍ବ ହେବାରୁ ପୁଅ ଭଗବାନ ସେଠାକୁ ଯାଇ ଏପରି ଅଭାବନିୟ ଘଟଣା ଦେଖିଥିଲେ। ମୃତ ରଘୁନାଥଙ୍କ ଉପରେ ସାଇକେଲ ପଡିଥିଲା। ଡାହାଣପଟ ବେକ କଟି ହତ୍ୟା କରାଯାଇଛି। ସେ ଜାଣି ସନ୍ଦେହରେ ଜୟପୁର ସଦର ଥାନାରେ କେତେକ ଗ୍ରାମବାସୀଙ୍କ ନାମ ଉଲ୍ଲେଖ କରି ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ଜୟପୁର ସଦର ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଇଂଟିଫିକ ଟିମ୍ ଘଟଣାସ୍ଥଳର ତଦନ୍ତ ଆରମ୍ଭ କରିଥିଲା ମୃତ ବୃଦ୍ଧର ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ତଦନ୍ତ କରି ଉକ୍ତ ଗ୍ରାମର ଟୁନା ପରଜାକୁ ଗିରଫ କରିଥିଲା। ପ୍ରଥମେ ଅଭିଯୁକ୍ତ ପଥର ଦ୍ୱାରା ଆକ୍ରମଣ କରି ନାଳରେ ପକାଇଥିଲା। ପରେ ନିଜ ପାଖରେ ରଖିଥିବା ଛୁରି ଦ୍ୱାରା ବେକକୁ ଆକ୍ରମଣ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣା ଘଟାଇଥିବା ପୋଲିସ ଆଗରେ ବୟାନ ଦେଇଥିଲା ଅଭିଯୁକ୍ତ। ହତ୍ୟା ସମୟରେ ପିନ୍ଧିଥିବା ସାର୍ଟକୁ ନିଆଁ ଲଗାଇ ଦେଇଥିଲା। ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ଭଦ୍ରକ ପର୍ବପର୍ବାଣି ଓ ଖାଦ୍ୟ ସଂସ୍କୃତି ଜୀବନଶୈଳୀର ମୂଳଦୁଆ: ଭଦ୍ରକ ବୈଶାଖୀ ମେଳାର ଷଷ୍ଠ ସନ୍ଧ୍ୟା

ଭଦ୍ରକ, ୦୩/୦୫ (ନି.ପ୍ର): ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା ସର୍ବପ୍ରଥମ 'ବୈଶାଖୀ ମେଳା-୨୦୨୬'ର ଷଷ୍ଠସନ୍ଧ୍ୟା ଗତକାଲି ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକର ସମୃଦ୍ଧ ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ ପର୍ବପର୍ବାଣିକୁ ନେଇ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡାକ୍ତର ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ ଅଭିଭାଷଣରେ ସେ କହିଥିଲେ ଯେ, ଖାଦ୍ୟ ଓ ପର୍ବପର୍ବାଣି କେବଳ ପରମ୍ପରା ନୁହେଁ, ବରଂ ଏହା ଆମ ଜୀବନଶୈଳୀ ଓ ସ୍ୱାସ୍ଥ୍ୟର ମୂଳଦୁଆ। ଭଦ୍ରକର ପାରମ୍ପରିକ ପିଠାପଣା ଓ ଓଷାବ୍ରତ ମଧ୍ୟରେ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଧୁନିକତା ମଧ୍ୟରେ ଆମେ ଆମର ମୂଳ ସଂସ୍କୃତିକୁ ଭୁଲିଯିବା ଉଚିତ୍ ନୁହେଁ। ବୈଶାଖୀ ମେଳା ଭଳି ଆୟୋଜନ ଆମର ଲୁପ୍ତପ୍ରାୟ ଖାଦ୍ୟ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଂଚାଇବାରେ ଏକ ସେତୁ ସଦୃଶ। ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ, ଓ ଶିକ୍ଷବିତ ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଦ୍ରକର ଐତିହାସିକ ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ଚମତ୍କାର ତଥ୍ୟ ରଖିଥିଲେ। ସେ କହିଲେ ଯେ, ଭଦ୍ରକର ଭାତୃଭାବ ଓ ସାମ୍ପ୍ରଦାୟିକ ସଦ୍ଭାବ ଆମ ପର୍ବପର୍ବାଣିକୁ ଅଧିକ ସମୃଦ୍ଧ କରିଛି। ଭଦ୍ରକର ପାଳୁଅ ଲଡୁ ଠାରୁ ଆରମ୍ଭ କରି ପ୍ରସିଦ୍ଧ ପିଠାପଣା ପର୍ଯ୍ୟନ୍ତ ସବୁଥିରେ ଏହି ମାଟିର ବାସ୍ନା ରହିଛି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବାଳ, ସୀତାକାନ୍ତ ଦାସ, ଗୌରାଙ୍ଗ ବାରିକ, ନାରାୟଣ ପାଢ଼ୀ, ଶାନ୍ତିଲତା ବାରିକ, ରାଜଶ୍ରୀ ନାୟକ, କାଳନ୍ଦୀ ମାଲିକ, ମିନତୀ ବାରିକ, ପଦ୍ମାନ ରାୟ, ସୁଧାକର ରାଉତ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧିବକ୍ତା ମନୋରଞ୍ଜନ ଦାସ ମଂଚ ଆହ୍ୱାନ କରିବା ସହ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। ବାବୁଲାଲ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ମେଳାର ଆଭିମୁଖ୍ୟ ଓ ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ମଦନମୋହନ ନାୟକ ସମସ୍ତ ଅତିଥି, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ: ୦୩ ଜଣ କୋର୍ଟ ଚାଲାଣ

କେନ୍ଦ୍ରାପଡା, ୦୩/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବ୍ରାଉନ ସୁଗାର ବିରୋଧରେ ବିଶେଷ ଚଢ଼ାଉ କରାଯାଇଥିଲା। ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ସଫଳ ହୋଇଥିଲା। ଏହି କାର୍ଯ୍ୟରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ବଳଗଣ୍ଡି ବଜାର ଅଂଚଳରୁ ନିଖିଳ ଗୋଛାୟତଙ୍କ ନିକଟରୁ ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ଟାଉନ ଥାନା ଅନ୍ତର୍ଗତ ପୋଖରୀପଡା ଓ ଦକ୍ଷିଣଡିଆ ସାହି ଅଂଚଳରୁ ରଞ୍ଜନ ବେହେରା ଓ ଆଶିଷ କୁମାର ପାତ୍ରଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୮୦ ଗ୍ରାମ ବ୍ରାଉନ ସୁଗାର ସହ ଏକ ସ୍କୁଟି ଜବତ କରାଯାଇଥିଲା। ମୋଟ ୩ ଜଣଙ୍କ ପାଖରୁ ସମୁଦାୟ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଏଗାର ଲକ୍ଷ ପନ୍ଦର ହଜାର ଟଙ୍କା ହେବ। ଗିରଫ ହୋଇଥିବା ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ ସହ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ଥିଲେ। ବ୍ରାଉନ ସୁଗାର ରାକେଟକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିବା ସହ ଆଗାମୀ ଦିନରେ ଏପରି ଧରପକଡ଼ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ଜଣାଇଛନ୍ତି।

# ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଶେଷବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି, ୦୩/୦୫ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅତି ଆଡ଼ମ୍ବର ସହକାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗାରିମାମୟ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଡକ୍ଟର ବାରିକ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଶୃଙ୍ଖଳା ରକ୍ଷା କରିବା ସହ ଜଣେ ଜଣେ ସୁନାଗରିକ ଭାବେ ସମାଜ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ବି. ଗୁପ୍ତେଶ୍ୱର ରାଓ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଦୀପ୍ତି ରେଖା ମିଶ୍ର, ଭକତ ଗଣ୍ଡ ଏବଂ ସିପ୍ପା ସର୍ଦ୍ଦାର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ଭଦ୍ରକ, ୦୩/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ଉଗ୍ରସେନ ବେହେରା (୫୨)ଙ୍କର ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଭଦ୍ରକ ଗ୍ରାମାଚଂଳ ଥାନା ଅଧୀନ ତଳାଙ୍ଗ ଗ୍ରାମର ବାସିନ୍ଦା ଏବଂ ରତ୍ନାକର ବେହେରାଙ୍କ ବଡ ପୁଅ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଅପ୍ରେଲ ୧୮ ତାରିଖ ରାତି ପ୍ରାୟ ୮ଟା ସମୟରେ ଉଗ୍ରସେନ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ତଳାଙ୍ଗ ଝାଟିଆ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ଉଗ୍ରସେନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିଥିବାରୁ ଡାକ୍ତରମାନେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ସ୍ଥିତିର ଅବନତି ହେବାରୁ ପରିବାର ଲୋକେ ଭୁବନେଶ୍ୱରର ସମ୍ ହସ୍ପିଟାଲକୁ ନେଇଯାଇଥିଲେ। ହେଲେ ଦୀର୍ଘ ଦିନର ଚିକିତ୍ସା ସତ୍ତ୍ୱେ ଲକ୍ଷାଧିକ ଟଙ୍କା ବ୍ୟୟ ହେବା ପରେ ବି ସେ ଚେତା ଫେରି ପାଇନଥିଲେ। ଶେଷରେ ତାଙ୍କର ଦେହାନ୍ତ ଘଟିଛି।

# ପେଟ ଗରମ ହେବାରୁ ମୁକ୍ତି ଦିଏ ଏହି ମସଲା

**ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ।**

*ଗ୍ରୀଷ୍ମ ଋତୁରେ ଏହି ମସଲାଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ:*



ପାନମହୁରି: ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

ଧନିଆ ବିହନ: ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ।

ଗୁଜୁରାତି: ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ।

ପୁଦିନା: ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ।

ଆମଚୁର: ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

# ଘିଅ ବନାମ ଅଲିଭ୍ ତେଲ

କେବଳ ସୁସ୍ଥ ରହିବାକୁ ଅଧିକାଂଶ ଭାରତୀୟଙ୍କ ଘରେ ଖାଦ୍ୟ ପଦାର୍ଥରେ ତେଲ କିମ୍ବା ଘିଅ ପଡ଼େ ନାହିଁ, ଏହା ସ୍ୱାଦ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଁ ବି ଦରକାର। ଚାମଚେ ଘିଅ ପକାଇ ଡାଲି ବଘାରି ଦେଲେ ତାହା ଚିରାଚରିତ ଭାରତୀୟ ବ୍ୟଞ୍ଜନ ପରି ମହକି ଉଠେ। ସେହିପରି ବ୍ୟଞ୍ଜନରେ ଅଲିଭ୍ ତେଲ ଟିକେ ପଡ଼ିଲେ ତାହା ଅତ୍ୟାଧୁନିକ ରାନ୍ଧଣା ହୋଇଯାଏ। ତେବେ ଘିଅ ଓ ଅଲିଭ୍ ତେଲ ମଧ୍ୟରେ କେଉଁଟି ଦେହ ପାଇଁ ଭଲ?

ଏବେ ଭାରତରେ ହୃଦ୍‌ରୋଗ, ମଧୁମେହ ଓ ମେଦ ବହୁଳତା ବୃଦ୍ଧି ପାଉଛି। ଏଥିପାଇଁ ଖାଦ୍ୟରେ ଥିବା ଚର୍ବିଜାତୀୟ ପଦାର୍ଥ ଦାୟୀ ବୋଲି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ଦୈନନ୍ଦିନ ଭୋଜନରେ ଯେଉଁ ତେଲ ବା ଘିଅ ବ୍ୟବହାର ହେଉଛି, ତାହା ହିଁ କୋଲେଷ୍ଟ୍ରଲ୍, ଅଧିକ ଓଜନ ଓ ଦୀର୍ଘ ଅସୁସ୍ଥତାକୁ ଡାକିଆଣୁଛି। ତେଣୁ ଘିଅ ବନାମ୍ ଅଲିଭ୍ ତେଲ ଭଳି ବିତର୍କ ଜନସ୍ୱାସ୍ଥ୍ୟ ପାଇଁ ପ୍ରାସଙ୍ଗିକ। ଅନେକ କାଳରୁ ଘିଅ ଭାରତୀୟ ବ୍ୟଞ୍ଜନର ଅଂଶବିଶେଷ ହୋଇ ରହିଛି। ମସଲାଯୁକ୍ତ ବ୍ୟଞ୍ଜନ ଓ ଅଧିକ ବା କମ୍ ଉତ୍ତାପରେ ଘିଅ ପକାଇ ବ୍ୟଞ୍ଜନ ରାନ୍ଧିଲେ କୌଣସି ସମସ୍ୟା ହୁଏ ନାହିଁ। ହେଲେ ଏବେ ଡାକ୍ତରମାନେ କହୁଛନ୍ତି, ଘିଅରେ ଅଧିକ ପରିମାଣର ଚର୍ବି ରହିଥାଏ। ଏହା ମାତ୍ରାଧିକ ଖାଇଲେ ହୃତ୍‌ପିଣ୍ଡ ଉପରେ କୁପ୍ରଭାବ ପକାଏ। କିନ୍ତୁ ସ୍ୱଳ୍ପ ପରିମାଣର ଖାଇଲେ ସ୍ୱାସ୍ଥ୍ୟପକ୍ଷେ ଉପକାରୀ ହୋଇଥାଏ। ଏଥିରେ ଭିଟାମିନ୍ ଏ, ଡି, ଇ ଓ କେ ଥାଏ। ଏସବୁ ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ହାଡ଼ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାନ୍ତି।

ସେହିପରି ଅଲିଭ୍ ତେଲ ବିଶେଷକରି ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲରେ ମନୋସାଚ୍ୟୁରେଟେଡ୍ ଚର୍ବି ଥାଏ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେସହାୟକ ହୁଏ ଓ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣ କରେ। ତେବେ ଅଲିଭ୍ ତେଲ ସବୁ ପ୍ରକାର ଭାରତୀୟ ବ୍ୟଞ୍ଜନ ପାଇଁ ଉପଯୁକ୍ତ ନୁହେଁ। ଛଣାଛଣି, ତଡ଼କା ଓ ଅଧିକ ଉତ୍ତାପରେ ରନ୍ଧନ କରାଯାଉଥିବା ଖାଦ୍ୟରେ ଅଲିଭ୍ ତେଲ ପକାଇଲେ ତା'ର ଦ୍ରବ୍ୟଗୁଣ ନଷ୍ଟ ହୋଇଯାଏ। କିନ୍ତୁ, ସାଲାଡ୍, ବଘାଳିଆ ବ୍ୟଞ୍ଜନ ଓ ବ୍ୟଞ୍ଜନ ସିଦ୍ଧ ହେବା ପରେ ସେଥିରେ ଅଲିଭ୍ ତେଲ ପକାଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।

ଦୈନନ୍ଦିନ ରୋଷେଇରେ ତେଲ ଉପରେ ବିଶେଷ ଧ୍ୟାନ ଦିଆଯାଇ ନ ଥାଏ। ବିଜ୍ଞାନ କହେ, ପ୍ରତ୍ୟେକ ତୈଳାମ୍ଳର 'ସ୍ମୋକ୍ ପଏଣ୍ଟ' ଥାଏ। ନିର୍ଦ୍ଦିଷ୍ଟ ତାପମାତ୍ରା ସଂସ୍ପର୍ଶରେ ଆସିଲେ



ତୈଳାମ୍ଳ ବିଘଟିତ ହୋଇଯାଏ। ଘିଅର ବିଘଟନ ଉତ୍ତାପ ହେଉଛି ପ୍ରାୟ ୨୩୦ ଡିଗ୍ରି ସେଲ୍‌ସିୟସ୍। କିନ୍ତୁ ଅଲିଭ୍ ତେଲ ବା ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲର ବିଘଟନ ଉତ୍ତାପ ହେଉଛି ୧୬୦ରୁ ୧୯୦ ଡିଗ୍ରି ମଧ୍ୟରେ। ଏଥିରୁ ସ୍ପଷ୍ଟ ଯେ, କେଉଁ ଧରଣର ଭାରତୀୟ ବ୍ୟଞ୍ଜନ ପାଇଁ ତେଲ ଓ ଘିଅ ଭଲ। ଭୁଲ୍ ଉତ୍ତାପରେ ଭୁଲ୍ ତେଲ ପକାଇଲେ, ସେଥିରୁ କ୍ଷତିକାରକ ଉପାଦାନ ବାହାରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା ଭଳି ତେଲର ବ୍ୟବହାର ବ୍ୟଞ୍ଜନ ଉପରେ ନିର୍ଭର କରେ।

# ଭଲ ନିଦ ପାଇଁ ଆଜିହିଁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ

ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା । ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ। ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲ୍ଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ



ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ । ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ୍ୟ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ।


# ସାବଧାନ ! ଆପଣଙ୍କ ଘର ଆପଣଙ୍କ ପିଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି କି ?



ଆପଣଙ୍କ ପିଲାର ଶିକ୍ଷାରେ ସଫଳତା କେବଳ ଶ୍ରେଣୀଗୃହରେ ଧ୍ୟାନ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଗବେଷଣାରୁ ଜଣାପଡ଼ିଛି ଯେ ପିଲା ଯେଉଁ ଘରେ ରହେ ତାହା ସିଧାସଳଖ ତାଙ୍କ ପାଠପଢ଼ା ଏବଂ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରେ । ଅଧିକ ଭିଡ଼,ଆର୍ଦ୍ରତା ଏବଂ ଅନୁପଯୁକ୍ତ ଗରମ ପିଲାମାନଙ୍କ ସ୍ୱାସ୍ଥ୍ୟ ସହିତ ସେମାନଙ୍କ ଶିକ୍ଷାଗତ ଋତୁକୁ ମଧ୍ୟ ପ୍ରଭାବିତ କରେ। ଆସନ୍ତୁ ଦେଖିବା ଗବେଷଣା କ'ଣ ପାଇଛି । ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍ଥରେ ପ୍ରକାଶିତ ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଘର ପରିବେଶରେ ରହୁଥିବା ପିଲାମାନଙ୍କଠାରେ ସ୍କୁଲରେ ଅନୁପସ୍ଥିତି ଏବଂ ନିମ୍ନ ମାର୍କର ହାର ଅଧିକ ଥାଏ, ବିଶେଷକରି ଇଂରାଜୀ ଏବଂ ଗଣିତ ଭଳି ପ୍ରମୁଖ ବିଷୟଗୁଡ଼ିକରେ। ଗବେଷକଙ୍କ ଅନୁଯାୟୀ, ଭଲ ଘରଗୁଡ଼ିକ କେବଳ ପିଲାମାନଙ୍କୁ ରୋଗରୁ ରକ୍ଷା କରେ ନାହିଁ ବରଂ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନକୁ ମଧ୍ୟ ଉନ୍ନତ କରେ। ଅଧ୍ୟୟନରୁ ଜଣାପଡିଛି ଯେ ଇଂଲଣ୍ଡରେ ଖରାପ ଘର ପରିବେଶରେ ରହୁଥିବା ପିଲାମାନେ ହାରାହାରି ୧୫ ଦିନ ଅଧିକ ସ୍କୁଲ ଛାଡ଼ିଛନ୍ତି। ଏହି ପିଲାମାନଙ୍କର ପରୀକ୍ଷା ସ୍କୋର ମଧ୍ୟ ସେମାନଙ୍କ ସାଥୀମାନଙ୍କ ତୁଳନାରେ କମ୍ ଥିଲା।

# ଇନ୍‌ହେଲରର ବିକଳ୍ପ ହେବ କି ଲୁନ୍‌ସେକିମିଗ୍ !

**୨୦୧୯ ସୁଦ୍ଧା ସାରା ବିଶ୍ୱରେ ୨୬୨ ନିୟୁତ ଆଜ୍‌ମା ବା ଶ୍ୱାସରୋଗୀ ଚିହ୍ନଟ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼େ। ବିଶ୍ୱର ସମୁଦାୟ ଆଜ୍‌ମା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ହେଉଛନ୍ତି ଭାରତୀୟ। ପୃଥିବୀର ରୋଗୀ ସଂଖ୍ୟା ତୁଳନାରେ ଆମ ଦେଶରେ ଯଥେଷ୍ଟ କମ୍ ରୋଗୀ ଥିଲେ ମଧ୍ୟ ଏହା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବାରେ ଲାଗିଛି। ଯେଉଁ ଆଜ୍‌ମା ରୋଗୀମାନେ ଇନ୍‌ହେଲର ଉପରେ ନିର୍ଭର କରୁଛନ୍ତି, ଲୁନ୍‌ସେକିମିଗ୍ ନାମକ ନୂତନ ଔଷଧ ଏହାର ବିକଳ୍ପ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି ? ଏହା କିପରି ଜଣେ ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ, ଆସନ୍ତୁ ତା' ଉପରେ ଆଲୋକପାତ କରିବା।**



## ଲୁନ୍‌ସେକିମିଗ୍ କ'ଣ ?

ଲୁନ୍‌ସେକିମିଗ୍ ନାମରେ ଜଣାଶୁଣା ଔଷଧ ହେଉଛି ଏକ ନିର୍ଦ୍ଦିଷ୍ଟ ଫର୍ମୁଲେସନ୍, ଯାହାକୁ ଶ୍ୱାସନଳୀ ପ୍ରଦାହର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। କାରଣ ପ୍ରଦାହ ଯୋଗୁଁ ଟିସୁର କ୍ଷତି ହୋଇଥାଏ। ଲୁନ୍‌ସେକିମିଗ୍ ହେଉଛି ଏକ ନୂତନ ପେଣ୍ଟାଭାଲେଣ୍ଟ୍ ନାନୋବଡି, ଯାହା ଆଜ୍‌ମା ଓ ଶ୍ୱାସକ୍ରିୟାଜନିତ ରୋଗରେ ନଷ୍ଟ ହେଉଥିବା ଟିସୁକୁ ସୁରକ୍ଷା ଦିଏ। ଟିଏସ୍‌ଏଲ୍‌ପି ଓ ଆଇଏଲ୍-୧୩ ଆଲର୍ଜିକୁ ଲୁନ୍‌ସେକିମିଗ୍ ଏକା ସାଙ୍ଗରେ ବ୍ଲକ୍ କରିଥାଏ।

## ଲୁନ୍‌ସେକିମିଗ୍‌ର ପରୀକ୍ଷାଫଳ

ଲୁନ୍‌ସେକିମିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ଗମ୍ଭୀର ଆଜ୍‌ମା ପୀଡ଼ିତ ୧୧୪୭ ଜଣ ବୟସ୍କଙ୍କ ଉପରେ ଏହାର ପରୀକ୍ଷଣ କରାଯାଇଥିଲା। ଶ୍ୱାସନଳୀର ପ୍ରଦାହ କମାଇବା ସହ ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ଉନ୍ନତି ଆଣିବା ଦିଗରେ ଏହା ସକାରାତ୍ମକ ଫଳ ଦେଇଥିଲା। ଏହି ଔଷଧ ସୁରକ୍ଷିତ ବୋଲି ମଧ୍ୟ ଜଣାପଡ଼ିଛି। ଇଓସିନୋଫିଲିକ୍ ଫେନୋଟାଇପ୍ ଥିବା ସିଓପିଡି ରୋଗୀଙ୍କଠାରେ ଏହାକୁ ପରୀକ୍ଷା କରାଯାଉଛି। ଏହାର ପରିଚାଳନା ପାଇଁ ବିଶ୍ୱର ୨୫୨ଟି ସ୍ଥାନ ଚୟନ କରାଯାଇଥିଲା। ଫ୍ରାକ୍ସନାଲ୍ ଇନ୍‌ହେଲ୍‌ଡ ନାଇଟ୍ରିକ୍ ଅକ୍ସାଇଡ୍ ହ୍ରାସ କରିବା, ଫୁସ୍‌ଫୁସ୍‌ର କାର୍ଯ୍ୟ ଉନ୍ନତ କରିବା ଓ ଫ୍ଲେୟାର-ଅପ୍ ସମସ୍ୟା କମାଇବା ଦିଗରେ ଏହା କାମ କରୁଥିବା ଫଳାଫଳରୁ ଜଣାପଡ଼ିଛି।

## ଭାରତରେ ଆଜ୍‌ମା ଚିକିତ୍ସା

ଆମ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଆଜ୍‌ମା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏଭଳି କ୍ଷେତ୍ରରେ ରୋଗର ଚିକିତ୍ସା ପାଇଁ ଲୁନ୍‌ସେକିମିଗ୍ ଔଷଧ କାମରେ ଆସିପାରେ। ଏବେ ଶ୍ୱାସନଳୀର ପ୍ରଦାହର ଚିକିତ୍ସା ପାଇଁ ବ୍ୟବହୃତ ଇନ୍‌ହିଲ୍‌ଡ କୋର୍ଟିକୋଷ୍ଟେରୋଏଡ୍ ବା ବାୟୋଲୋଜିକ୍ସ୍ ଔଷଧକୁ ବର୍ତ୍ତମାନ ଆଜ୍‌ମା ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହା ରୋଗୀଙ୍କ ଶରୀରରେ ଆଜ୍‌ମାର ପ୍ରଭାବ ଓ ଗମ୍ଭୀରତା ବିରୋଧରେ ଲଢ଼ିଥାଏ। ଇନ୍‌ହେଲର ବ୍ୟବହାର କମାଇବାରେ ଲୁନ୍‌ସେକିମିଗ୍ ସହାୟକ ହୋଇପାରେ ବୋଲି ଗବେଷକ ଚିନ୍ତା କରୁଛନ୍ତି। କାରଣ ଔଷଧ ଶ୍ୱାସନଳୀରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇନ୍‌ହେଲର ଉପକରଣ ପାଖରେ ରଖିବା ଦରକାର ହୋଇଥାଏ। ଇନ୍‌ହେଲର ସ୍ୱଳ୍ପମିଆଦୀ ଆଶ୍ୱସ୍ତି ପ୍ରଦାନ ସହ ଶ୍ୱାସନଳୀର ପ୍ରଦାହ କମ୍ କରିଥାଏ। ଏଥିସହିତ ଶ୍ୱାସରୁଦ୍ଧ ହେଲା ଭଳି ପରିସ୍ଥିତିରେ ତୁରନ୍ତ ଆରାମ ଦେଇଥାଏ। ଲୁନ୍‌ସେକିମିଗ୍ ଭଳି ପ୍ରଭାବଶାଳୀ ଔଷଧ ଏହାର ସ୍ଥାନ ନେଇପାରିବ ବୋଲି କୁହାଯାଉଛି।

ଏହାର ପରୀକ୍ଷଣ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଅଛି ଓ ଆଜ୍‌ମା ରୋଗୀଙ୍କ ଉପରେ ଏହା କିଭଳି ପ୍ରଭାବ ପକାଉଛି, ତାହା ପ୍ରମାଣ କରି ଜାଣିବାକୁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ଏହି ଔଷଧ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ। ଶ୍ୱାସଜନିତ ରୋଗର ପ୍ରଭାବ କମାଇବାକୁ ଏହାର ସୁରକ୍ଷିତ ଆବଣ୍ଟନ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅବଶ୍ୟକ। ତେବେ ଯେଉଁମାନେ ଇନ୍‌ହେଲର ମାଧ୍ୟମରେ ଶୀଘ୍ର ଆରାମ ପାଇପାରୁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଲୁନ୍‌ସେକିମିଗ୍ ଖୁବ୍ ଶୀଘ୍ର କାମ କରିବ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ପରୀକ୍ଷଣ ଓ ସରକାରୀ ଘୋଷଣା ପରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ।




ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନ ଖାଇବା ଥାଳିରେ ମାଛ ପରସା ଦେଖିଲେ ସମସ୍ତଙ୍କ ମନ ଗାର୍ଡେନ୍, ଗାର୍ଡେନ୍ ହୋଇଯାଏ । ଅନେକ ଲୋକ ମାଛ ଖାଇବାକୁ ଭାରି ପସନ୍ଦ କରନ୍ତି । ସେ ମାଛ ଭଜା ହେଉ କି ବେସର,ଚିଙ୍ଗୁଡ଼ି-ମାଛ ପଡ଼ି ଘାଣ୍ଟ ହେଉ କି ମସଲା ତରକାରୀ ବା ମାଛପୋଡ଼ା ଖାଇବାପ୍ରିୟ ଲୋକ ବିଭିନ୍ନ ଭେରାଇଟିର ରେସିପି ଖାଇବାକୁ ପସନ୍ଦ କରନ୍ତି । ମାଛରେ ଓମେଗା-୩ ଫ୍ୟାଟି ଏସିଡ୍, ପ୍ରୋଟିନ୍ ଭରପୂର ହୋଇ ରହିଥାଏ ଯାହା ହୃଦୟ, ମସ୍ତିଷ୍କ ଏବଂ ଚର୍ମ ପାଇଁ ବହୁତ ଭଲ । କିନ୍ତୁ କଣ୍ଟା ପାଇଁ କିଛି ଲୋକ ମାଛ ଖାଇପାରନ୍ତି ନାହିଁ । ମାଛରେ ଥିବା ଅଶୁଦ୍ଧତା ଏବଂ ଆଲର୍ଜୀ କାରଣରୁ ଏହି ସୁସ୍ଥ ଖାଦ୍ୟ ବେଳେବେଳେ ଶରୀରକୁ ବିପଦରେ ମଧ୍ୟ ପକାଇଦିଏ । ଆମେ ପୂର୍ବରୁ ଆପଣଙ୍କୁ କେଉଁ ଲୋକ ମାଛ ଖାଇପାରିବେ ସେନେଇ ସୂଚନା ଦେଇଛୁ ଆଜି ଆସନ୍ତୁ ଜାଣିବା କେଉଁ ଲୋକଙ୍କୁ ମାଛ ଖାଇବାରୁ ଦୂରେଇ ରହିବା ଉଚିତ୍ ।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ , ସାର୍କ, ସୋର୍ଡଫିସ୍ ଏବଂ କିଙ୍ଗ ମ୍ୟାକେରେଲ୍ ଭଳି କିଛି ସମୁଦ୍ର ମାଛ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ । ଏହା ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିପାରେ । ଏହି ସମୟରେ ସାଲମନ, ଚିଙ୍ଗୁଡ଼ି ଏବଂ ହାଲୁକା ଟୁନା ଭଳି ମାଛ ଖାଇପାରିବେ । ସ୍ତନ୍ୟପାନ କରାଉଥିବା ମା' ଏଭଳି ମାଛକୁ ଖାଇଲେ କ୍ଷୀର ମାଧ୍ୟମରେ ଶିଶୁ ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇପାରେ । ୧୧ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମଧ୍ୟ ଏଭଳି ମାଛ ଆଦୌ ହିତକର ନୁହେଁ । ଏହା ସେମାନଙ୍କ ଚିନ୍ତାଧାରା ଏବଂ ଗତିବିଧିକୁ ପ୍ରଭାବିତ କରିପାରେ । ସିଫୁଡ୍‌ରୁ ଆଲର୍ଜି ଥିବା ଲୋକଙ୍କ ପାଇଁ ମଧ୍ୟ ଏହି ମାଛ ଖାଇବା କୌଣସି ବିପଦରୁ କିଛି କମ୍ ନୁହେଁ । ଏଥିରେ କୁଣ୍ଡାଇ ହେବା, ଫୁଲିଯିବା କିମ୍ବା ଗମ୍ଭୀର ରିଆକ୍ସନ୍ ଭଳି ଅସୁବିଧା ସୃଷ୍ଟି ହୋଇପାରେ । ଯେଉଁ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥାଏ ସେମାନେ ଏଭଳି ମାଛଠାରୁ ଦୂରେଇ ରହିବା ଭଲ । ଯଦି ବି ଖାଉଛନ୍ତି ତାହେଲେ ପୋଡ଼ା କିମ୍ବା ସିଝା ଖାଆନ୍ତୁ ନାହିଁ । ବ୍ଲଡ୍ ଥିନର୍ ନେଉଥିବା ଲୋକଙ୍କୁ ମାଛ କମ୍ ପରିମାଣରେ ଖାଇବା ଦରକାର । କାରଣ ଅଧିକ ଓମେଗା-୩ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । ଯଦି ବି ଆପଣଙ୍କୁ ମାଛ ଖାଇବାକୁ ଭଲ ଲାଗେ ତା'ହେଲେ ଡାକ୍ତରଙ୍କୁ ପରାମର୍ଶ କରି ଖାଇବା ଉଚିତ ।

# ମାନବାଧିକାର ସୁରକ୍ଷା ନା ପ୍ରଶାସନିକ ହସ୍ତକ୍ଷେପ

ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ନିକଟରେ ଏକ ଅସାଧାରଣ ଦୃଶ୍ୟ ଦେଖିବାକୁ ମିଳିଛି, ଯେଉଁଠାରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ର କାର୍ଯ୍ୟଧାରା ଏବଂ ପ୍ରାଥମିକତାକୁ ନେଇ ଦୁଇ ଭାଗରେ ବିଭକ୍ତ ହୋଇଯାଇଛନ୍ତି । ଉତ୍ତରପ୍ରଦେଶର ସରକାରୀ ଅନୁଦାନପ୍ରାପ୍ତ ମଦ୍ରାସାଗୁଡ଼ିକ ସମ୍ପର୍କିତ ଏକ ଆବେଦନର ଶୁଣାଣି ବେଳେ ଏହି ବିବାଦ ସାମ୍ନାକୁ ଆସିଥିଲା । ମାମଲାର ମୂଳ ତଥ୍ୟ ଅପେକ୍ଷା ଜଣେ ବିଚାରପତିଙ୍କ ଦ୍ୱାରା ଦେଶର ସର୍ବୋଚ୍ଚ ମାନବାଧିକାର ସଂସ୍ଥା ଉପରେ କରାଯାଇଥିବା ତୀବ୍ର ସମାଲୋଚନା ଏବେ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ବିଚାରପତି ଅତୁଲ ଶ୍ରୀଧରନ୍ ଏନଏଚଆରସିର କାର୍ଯ୍ୟକଳାପକୁ କଠୋର ଭାଷାରେ ନିନ୍ଦା କରିଥିଲେ । ସେ ଦର୍ଶାଇଥିଲେ ଯେ କମିଶନ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ମବ୍ ଲିଞ୍ଚିଂ ଏବଂ ଭିନ୍ନ ଧର୍ମର ପ୍ରେମୀଯୁଗଳଙ୍କ ଉପରେ ହେଉଥିବା ନିର୍ଯାତନା ଭଳି ଗମ୍ଭୀର ମାନବାଧିକାର ଉଲ୍ଲଂଘନ ଘଟଣାକୁ ଇଚ୍ଛାକୃତ ଭାବେ ଅଣଦେଖା କରୁଛନ୍ତି । ଅନ୍ୟପକ୍ଷରେ, ଯେଉଁ ପ୍ରସଙ୍ଗଗୁଡ଼ିକ ମାନବାଧିକାର ସହ ଆଦୌ ଜଡ଼ିତ ନୁହେଁ, ସେଥିରେ କମିଶନ ନିଜର ଅଧିକାର କ୍ଷେତ୍ର ବାହାରକୁ ଯାଇ ହସ୍ତକ୍ଷେପ କରୁଛନ୍ତି। ତେବେ ଖଣ୍ଡପୀଠର ଅନ୍ୟ ଜଣେ ବିଚାରପତି ବିବେକ ଶରଣ ଏହି ମନ୍ତବ୍ୟ ସହ ଅସହମତି ପ୍ରକାଶ କରିଥିଲେ । ତାଙ୍କ ମତରେ, କମିଶନଙ୍କ ପକ୍ଷ ନଶୁଣି ଏଭଳି ବ୍ୟାପକ ମନ୍ତବ୍ୟ ଦେବା ଉଚିତ ନୁହେଁ । ପ୍ରକ୍ରିୟାଗତ ତ୍ରୁଟି ଦୃଷ୍ଟିରୁ ବିଚାରପତି ଶରଣଙ୍କ ଯୁକ୍ତି ଯଥାର୍ଥ ହୋଇପାରେ, କିନ୍ତୁ ବିଚାରପତି ଶ୍ରୀଧରନ ଯେଉଁ ମୌଳିକ ପ୍ରଶ୍ନ ଉଠାଇଛନ୍ତି, ତାହା ୧୯୯୩ ମସିହାର ମାନବାଧିକାର ସୁରକ୍ଷା ଆଇନ ଅଧୀନରେ ଏନଏଚଆରସିର ପ୍ରାସଙ୍ଗିକତା ଏବଂ ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଦେଇଛି ।

ଏହି ବିବାଦର ସୂତ୍ରପାତ ହୋଇଥିଲା ଟିଚର୍ସ ଆସୋସିଏସନ ମଦ୍ରାସା ଦ୍ୱାରା ଦାୟର କରାଯାଇଥିବା ଏକ ରିଟ୍ ପିଟିସନରୁ, ଯେଉଁଥିରେ ନିକଟ ଅତୀତରେ ଏନଏଚଆରସି ଦ୍ୱାରା ପାରିତ ହୋଇଥିବା ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା । ଉତ୍ତରପ୍ରଦେଶର ଅନେକ ମଦ୍ରାସାରେ ଅଶିକ୍ଷିତ ଶିକ୍ଷକ, ଭିତ୍ତିଭୂମିର ଅଭାବ ଏବଂ ଲାଞ୍ଚ କାରବାର ଜରିଆରେ ନିଯୁକ୍ତି ଦିଆଯାଇଥିବା ନେଇ ଏକ ଅଭିଯୋଗ ଆଧାରରେ ଏନଏଚଆରସି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ମହାନିର୍ଦ୍ଦେଶକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ବେଳେ ବିଚାରପତି ଶ୍ରୀଧରନ ଏନଏଚଆରସିର ଏହି ଆଦେଶକୁ ଆଶ୍ଚର୍ଯ୍ୟଜନକ ବୋଲି ବର୍ଣ୍ଣନା କରିଥିଲେ । ସେ ସ୍ପଷ୍ଟ କରିଥିଲେ ଯେ ଏନଏଚଆରସି ନିକଟରେ କରାଯାଇଥିବା ଅଭିଯୋଗର ଜୀବନ, ସ୍ୱାଧୀନତା, ସମାନତା କିମ୍ବା ମର୍ଯ୍ୟାଦା ସହିତ କୌଣସି ସମ୍ପର୍କ ନାହିଁ । ୧୯୯୩ ମାନବାଧିକାର ସୁରକ୍ଷା ଆଇନର ଧାରା ୨(୧)(ଡି) ଅନୁଯାୟୀ ମାନବାଧିକାରର ବୈଧାନିକ ସଂଜ୍ଞା କେବଳ ଏହି ଚାରୋଟି ବିଷୟ ଉପରେ ପର୍ଯ୍ୟବସିତ । ଅନୁଦାନର ଅପବ୍ୟବହାର, ଅଯୋଗ୍ୟ ଶିକ୍ଷକ ଏବଂ ଦୁର୍ନୀତିଗ୍ରସ୍ତ ନିଯୁକ୍ତି ଆଦି ପ୍ରଶାସନିକ କିମ୍ବା ଆର୍ଥିକ ଅନିୟମିତତାର ବିଷୟ, ଏହା କୌଣସି ପ୍ରକାରେ ମାନବାଧିକାର ଉଲ୍ଲଂଘନ ନୁହେଁ । ଅର୍ଥନୈତିକ ଅପରାଧ ଶାଖା ମାଧ୍ୟମରେ ସମାନ୍ତରାଳ ତଦନ୍ତ ନିର୍ଦ୍ଦେଶ ଦେଇ ଏନଏଚଆରସି ନିଜର ଅଧିକାର କ୍ଷେତ୍ର ଅତିକ୍ରମ କରିଛି ଏବଂ ଏକ ମାନବାଧିକାର ସୁରକ୍ଷାକାରୀ ସଂସ୍ଥା ପରିବର୍ତ୍ତେ ଏକ ତଦନ୍ତକାରୀ ଟ୍ରିବ୍ୟୁନାଲ ଭଳି କାର୍ଯ୍ୟ କରୁଛି ବୋଲି ବିଚାରପତି ଦର୍ଶାଇଥିଲେ। ଏହି ପ୍ରସଙ୍ଗରେ ସେ ବ୍ୟାପକ ଟିପ୍ପଣୀ ଦେଇ କହିଥିଲେ ଯେ ଏନଏଚଆରସି ଏବଂ ରାଜ୍ୟ ମାନବାଧିକାର କମିଶନ ନିୟମିତ ଭାବେ ଏଭଳି ପ୍ରସଙ୍ଗରେ ମୁଣ୍ଡ ପୂରାଉଛନ୍ତି ଯାହା ସେମାନଙ୍କ କାର୍ଯ୍ୟକ୍ଷେତ୍ରଭୁକ୍ତ ନୁହେଁ । ଅଥଚ ଦେଶରେ ଘଟୁଥିବା ଗୁରୁତର ସମସ୍ୟାଗୁଡ଼ିକ ଉପରେ ସେମାନେ ନୀରବ ରହୁଛନ୍ତି । ଏହା କେବଳ ଗୋଟିଏ ଘଟଣା ନୁହେଁ, ବରଂ ବର୍ତ୍ତମାନ ସମୟରେ ମାନବାଧିକାର ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀରେ ଦେଖାଦେଇଥିବା ଏକ ବ୍ୟାପକ ପରିବର୍ତ୍ତନର ସୂଚକ । ମାନବାଧିକାର ଆୟୋଗଗୁଡ଼ିକର ଗଠନର ମୂଳ ଉଦ୍ଦେଶ୍ୟ ଥିଲା ସରକାରୀ ଶକ୍ତିର ଅପବ୍ୟବହାରରୁ ସାଧାରଣ ନାଗରିକଙ୍କୁ ରକ୍ଷା କରିବା । କିନ୍ତୁ ଯେତେବେଳେ ଏହି ସଂସ୍ଥାଗୁଡ଼ିକ ନିଜର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ସରକାରୀ ବିଭାଗର ଆର୍ଥିକ ଅନିୟମିତତା ଖୋଜିବାରେ ବ୍ୟସ୍ତ ରହନ୍ତି, ସେତେବେଳେ ସାଧାରଣ ଜନତାଙ୍କ ମାନବାଧିକାର ସୁରକ୍ଷା ବିପଦରେ ପଡ଼ିଥାଏ।


ବିଚାରପତି ଶ୍ରୀଧରନଙ୍କ ଏହି ବିଶ୍ଳେଷଣାତ୍ମକ ମନ୍ତବ୍ୟ ମାନବାଧିକାର କମିଶନଗୁଡ଼ିକର ଲକ୍ଷ୍ୟଭ୍ରଷ୍ଟତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆଇନ ଅନୁଯାୟୀ, ଏନଏଚଆରସି କୌଣସି ପ୍ରଶାସନିକ ଟ୍ରିବ୍ୟୁନାଲ ନୁହେଁ କିମ୍ବା ଏହା ଚାକିରି ସମ୍ବନ୍ଧୀୟ ମାମଲାର ବିଚାର କରିପାରିବ ନାହିଁ । ଏହାର ପ୍ରକୃତ ଭୂମିକା ହେଉଛି ପ୍ରକୃତ ମାନବାଧିକାର ଉଲ୍ଲଂଘନ ଘଟଣାରେ ନିଜ ଆଡୁ ସୁଓ-ମୋଟୁ ପଦକ୍ଷେପ ନେବା କିମ୍ବା ପୀଡ଼ିତମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇନପାରିଲେ ସେମାନଙ୍କ ପକ୍ଷରୁ ଅଭିଯୋଗକାରୀ ଭାବେ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିବା । କିନ୍ତୁ ବର୍ତ୍ତମାନ ସମୟରେ ଏନଏଚଆରସି ଏଭଳି ଅଭିଯୋଗଗୁଡ଼ିକୁ ଗ୍ରହଣ କରୁଛି ଯାହା ପ୍ରଶାସନିକ ଆଇନ, ଚାକିରି ବିବାଦ କିମ୍ବା ଚୁକ୍ତିଭିତ୍ତିକ ଶାସନ ପରିସରଭୁକ୍ତ । ଏହାଦ୍ୱାରା କମିଶନର ସୀମିତ ସମ୍ବଳ ନଷ୍ଟ ହେବା ସହ ଦୁର୍ବଳ ନାଗରିକଙ୍କୁ ହିଂସା, ନିର୍ଯାତନା ଏବଂ ରାଷ୍ଟ୍ରୀୟ ନିଷ୍କ୍ରିୟତାରୁ ରକ୍ଷା କରିବାର ମୂଳ ଲକ୍ଷ୍ୟ ବାଧାପ୍ରାପ୍ତ ହେଉଛି । ଗତ କିଛି ବର୍ଷ ଧରି ଭାରତରେ ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଠାରେ ବିଭିନ୍ନ ସନ୍ଦେହରେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ଉପରେ ଆକ୍ରମଣ କରାଯାଇଛି କିମ୍ବା ମବ୍ ଲିଞ୍ଚିଂ କରି ହତ୍ୟା କରାଯାଇଛି । ତଥ୍ୟ ଅନୁଯାୟୀ, ଏଭଳି ଅନେକ ମାମଲାରେ ଏଫଆଇଆର ରୁଜୁ କରାଯାଇନାହିଁ, ତଦନ୍ତ ପ୍ରକ୍ରିୟାକୁ ବାଟବଣା କରାଯାଇଛି କିମ୍ବା ଅପରାଧୀମାନେ ଖସିଯାଇଛନ୍ତି। ଯଦି କୌଣସି ସଂସ୍ଥା ଏଭଳି ହିଂସାର ଢାଞ୍ଚା ଉପରେ ନିଜ ଆଡୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା, ତେବେ ତାହା କେବଳ ଏନଏଚଆରସି ଥିଲା । ଏଭଳି ସ୍ଥିତିରେ କମିଶନ ନିଜ ଆଡୁ କୌଣସି ପଦକ୍ଷେପ ନେଇଥିବାର ନ୍ୟାୟାଳୟଙ୍କ ଦୃଷ୍ଟିଗୋଚର ହୋଇନାହିଁ ବୋଲି ବିଚାରପତି ଦେଇଥିବା ମନ୍ତବ୍ୟ କେବଳ ଏକ ମତ ନୁହେଁ, ବରଂ ଏକ କଠୋର ବାସ୍ତବତା । ସେହିପରି ଭିନ୍ନ ଧର୍ମର ପ୍ରେମୀଯୁଗଳ ସାର୍ବଜନୀନ ସ୍ଥାନରେ ଏକାଠି ବସି କଫି ପିଇବାକୁ ଭୟ କରିବା ଏକ ବୃହତ୍ତର ମାନବାଧିକାର ବିଫଳତାର ଜ୍ୱଳନ୍ତ ଉଦାହରଣ । ସମ୍ବିଧାନର ଧାରା ୨୧ ଅଧୀନରେ ପ୍ରଦତ୍ତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ମଧ୍ୟରେ ନିଜ ପସନ୍ଦର ସାଥୀ ବାଛିବା ଏବଂ ମୁକ୍ତ ଭାବରେ ବୁଲିବାର ଅଧିକାର ଅନ୍ତର୍ଭୁକ୍ତ । ଯେତେବେଳେ କିଛି ଗୋଷ୍ଠୀ ନୈତିକ ପୋଲିସଗିରି ନାମରେ ଏଭଳି ଯୁଗଳଙ୍କୁ ଧମକ, ସାର୍ବଜନୀନ ଅପମାନ କିମ୍ବା ହିଂସା ମାଧ୍ୟମରେ ହଇରାଣ କରନ୍ତି, ତାହା ମର୍ଯ୍ୟାଦା ଏବଂ ସ୍ୱାଧୀନତାର ସ୍ପଷ୍ଟ ଉଲ୍ଲଂଘନ ଅଟେ । ଏସବୁ କ୍ଷେତ୍ରରେ କମିଶନର ନୀରବତା ଏହାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ମବ୍ ଲିଞ୍ଚିଂ ଭଳି ଘଟଣାରେ ନିର୍ଦ୍ଦିଷ୍ଟ ଅଭିଯୋଗ ନଆସିବା ଆଳ ଦେଖାଇ ଏନଏଚଆରସି ନିଜର ନିଷ୍କ୍ରିୟତାକୁ ଯଥାର୍ଥ ଦର୍ଶାଇ ପାରିବ ନାହିଁ । କାରଣ ମାନବାଧିକାର ସୁରକ୍ଷା ଆଇନର ଧାରା ୧୨ କମିଶନଙ୍କୁ ନିଜସ୍ୱ ଜ୍ଞାନ କିମ୍ବା ସୂଚନା ଆଧାରରେ କାର୍ଯ୍ୟ କରିବାକୁ ସ୍ପଷ୍ଟ କ୍ଷମତା ପ୍ରଦାନ କରିଛି । ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରକାଶ ପାଉଥିବା ମବ୍ ଲିଞ୍ଚିଂ, ଆକ୍ରମଣ ଏବଂ ନିର୍ଯାତନା ଖବର ସୁଓ-ମୋଟୁ ପଦକ୍ଷେପ ନେବା ପାଇଁ ଯଥେଷ୍ଟ । ଏହା ଉପରେ କମିଶନ କାର୍ଯ୍ୟ ନକରିବା ସଂସ୍ଥାଗତ ସ୍ଥାଣୁତା କିମ୍ବା ଏହାର ପ୍ରାଥମିକତାରେ ଥିବା ପକ୍ଷପାତିତାକୁ ସୂଚାଉଛି । ଏହି ପରିପ୍ରେକ୍ଷୀରେ ତଥ୍ୟଭିତ୍ତିକ ବିଶ୍ଳେଷଣ କଲେ ଜଣାଯାଏ ଯେ, ଦେଶରେ ଘୃଣାଜନିତ ଅପରାଧ ଏବଂ ମବ୍ ଲିଞ୍ଚିଂକୁ ରୋକିବା ପାଇଁ ପର୍ଯ୍ୟାପ୍ତ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ନୈରାଶ୍ୟଜନକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୦୧୮ ମସିହାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ତେହସିନ୍ ପୁନାୱାଲା ବନାମ ଭାରତ ସରକାର ମାମଲାର ରାୟ । ଏହି ରାୟରେ ମବ୍ ଲିଞ୍ଚିଂ ଏବଂ ଘୃଣାଜନିତ ଅପରାଧକୁ ରୋକିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟାପକ ମାର୍ଗଦର୍ଶିକା ଜାରି କରିଥିଲେ । ଏଥିରେ ପ୍ରତ୍ୟେକ ଜିଲ୍ଲାରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦେବା, ଘଟଣା ଘଟିବାର ଛଅ ଘଣ୍ଟା ମଧ୍ୟରେ ଏଫଆଇଆର ରୁଜୁ କରିବା ଏବଂ ଫାଷ୍ଟ-ଟ୍ରାକ୍ କୋର୍ଟରେ ଏଭଳି ମାମଲାର ତ୍ୱରିତ ବିଚାର କରିବା ଆଦି ଅନ୍ତର୍ଭୁକ୍ତ ଥିଲା । କିନ୍ତୁ ବିଭିନ୍ନ ସ୍ୱାଧୀନ ରିପୋର୍ଟ ଏବଂ ତଥ୍ୟ ଦର୍ଶାଉଛି ଯେ ନ୍ୟାୟିକ ନିର୍ଦ୍ଦେଶ ଏବଂ ବାସ୍ତବ ସ୍ଥିତି ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଛି । ଅନେକ ରାଜ୍ୟ ସରକାର ଏବଂ ପୋଲିସ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । ରାୟ ପ୍ରକାଶ ପାଇବାର ବର୍ଷ ବର୍ଷ ପରେ ମଧ୍ୟ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଛି । ଆହୁରି ଦୁଃଖର ବିଷୟ ହେଉଛି, ନିକଟରେ ଯେତେବେଳେ ବ୍ୟବସ୍ଥାଗତ ଅନୁପାଳନ ଅଭାବକୁ ନେଇ ଏକ ଅବମାନନା ପିଟିସନ ଦାୟର କରାଯାଇଥିଲା, ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ । ନିଜର ନିର୍ଦ୍ଦେଶାବଳୀ କେବଳ ସାଧାରଣ ନୀତି ଏବଂ ଏଭଳି ଅପରିଚାଳିତ ନିର୍ଦ୍ଦେଶ ପାଇଁ ଅବମାନନା ମାମଲା ଚଳାଇବା ଉଚିତ ପଦକ୍ଷେପ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ମନ୍ତବ୍ୟ ଦେଇଥିଲେ । ଏହି ନ୍ୟାୟିକ ପଛଘୁଞ୍ଚା ଏବଂ ଏନଏଚଆରସି ଉପରେ ଆଲ୍ଲାହାବାଦ ହାଇକୋର୍ଟଙ୍କ କଠୋର ଟିପ୍ପଣୀ ଏକ ଗଭୀର ଉଦବେଗଜନକ ବାସ୍ତବତାକୁ ପଦାରେ ପକାଉଛି । ଯେତେବେଳେ ନାଗରିକଙ୍କ ଜୀବନ ଓ ମର୍ଯ୍ୟାଦା ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ ହେଉଛି, ସେତେବେଳେ ମାନବାଧିକାର ଏବଂ ନ୍ୟାୟିକ ଉତ୍ତରଦାୟିତ୍ୱର ରକ୍ଷକମାନେ ଆଖି ବୁଜି ଦେଉଛନ୍ତି । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଆଇନର ଶାସନ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି।

ବିଶ୍ଳେଷକମାନେ ମତ ଦିଅନ୍ତି ଯେ ମାନବାଧିକାର କମିଶନର ଏଭଳି ଆଚରଣ ପଛରେ ରାଜନୈତିକ ହସ୍ତକ୍ଷେପ ଏବଂ ସଂସ୍ଥାଗତ ସ୍ୱାଧୀନତାର ଅଭାବ ଏକ ମୁଖ୍ୟ କାରଣ ହୋଇପାରେ । ଏନଏଚଆରସିର ନିଯୁକ୍ତି ପ୍ରକ୍ରିୟା ଉପରେ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହିଥିବାରୁ, ଏହା ଅନେକ ସମୟରେ କ୍ଷମତାସୀନ ବ୍ୟବସ୍ଥାର ଇଙ୍ଗିତରେ ପରିଚାଳିତ ହେଉଥିବା ଭଳି ପ୍ରତୀୟମାନ ହୁଏ । ମବ୍ ଲିଞ୍ଚିଂ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କଲେ ସରକାରଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବାର ଆଶଙ୍କା ଥିବାରୁ କମିଶନ ଜାଣିଶୁଣି ଏଥିରୁ ଦୂରେଇ ରହୁଛନ୍ତି ବୋଲି ଅନେକ ମାନବାଧିକାର କର୍ମୀ ଅଭିଯୋଗ କରନ୍ତି । ଏହାର ପରିଣାମ ସ୍ୱରୂପ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ପ୍ରତି ବିଶ୍ୱାସ ହ୍ରାସ ପାଉଛି । ଯେତେବେଳେ ଗୋଟିଏ ପଟେ ମବ୍ ଲିଞ୍ଚିଂର ଶିକାର ହେଉଥିବା ପରିବାର ନ୍ୟାୟ ପାଇଁ ବର୍ଷ ବର୍ଷ ଧରି କୋର୍ଟ କଚେରୀ ଦୌଡୁଛନ୍ତି ଏବଂ ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି, ସେତେବେଳେ ଏନଏଚଆରସି ମଦ୍ରାସାରେ କିରାଣି ନିଯୁକ୍ତିର ତଦନ୍ତ ପାଇଁ ତତ୍ପରତା ଦେଖାଇବା ଏକ ବିଡ଼ମ୍ବନା । ଆଇନଗତ ଦୃଷ୍ଟିକୋଣରୁ ଦେଖିଲେ, ଏକ ସୁଦୃଢ଼ ଗଣତନ୍ତ୍ରରେ ମାନବାଧିକାର ସଂସ୍ଥାଗୁଡ଼ିକର ଭୂମିକା ହେଉଛି ସରକାରଙ୍କୁ ଜବାବଦେହୀ କରିବା । କିନ୍ତୁ ଯେତେବେଳେ ଏହି ସଂସ୍ଥାଗୁଡ଼ିକ ନିଜେ ସରକାରୀ ବିଭାଗର ଏକ ଶାଖା ଭଳି କାର୍ଯ୍ୟ କରନ୍ତି, ସେତେବେଳେ ସାଧାରଣ ନାଗରିକଙ୍କ ଅଧିକାରର ସୁରକ୍ଷା ଅସମ୍ଭବ ହୋଇପଡ଼େ । ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ବିଚାରପତି ଏହି ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ଦେଶର ନ୍ୟାୟିକ ଓ ପ୍ରଶାସନିକ ବ୍ୟବସ୍ଥାକୁ ଏକ ବଡ଼ ବାର୍ତ୍ତା ଦେଇଛନ୍ତି । ସାମ୍ବିଧାନିକ ଢାଞ୍ଚାରେ ପ୍ରତ୍ୟେକ ସଂସ୍ଥାର ନିଜସ୍ୱ ସୀମାରେଖା ରହିଛି ଏବଂ ସେହି ସୀମା ମଧ୍ୟରେ ରହି ନିଜର ପ୍ରାଥମିକ ଦାୟିତ୍ୱ ତୁଲାଇବା ହିଁ ସେମାନଙ୍କର ମୁଖ୍ୟ କର୍ତ୍ତବ୍ୟ ହେବା ଉଚିତ ।

ପରିଶେଷରେ, ବିଚାରପତି ଶ୍ରୀଧରନ ଉଠାଇଥିବା ମୂଳ ପ୍ରସଙ୍ଗ କେବଳ ଏହି ଗୋଟିଏ ମାମଲା ମଧ୍ୟରେ ସୀମିତ ନୁହେଁ । ଏହି ମନ୍ତବ୍ୟର ସମୟ କିମ୍ବା ସ୍ୱର ସହିତ କେହି ସହମତ ହୋଇନପାରନ୍ତି, କିନ୍ତୁ ପ୍ରଶ୍ନଟି ସମ୍ପୂର୍ଣ୍ଣ ଯଥାର୍ଥ ଏବଂ ଯୁକ୍ତିଯୁକ୍ତ । ଏନଏଚଆରସି ନ୍ୟାୟାଳୟ ତଥା ଦେଶବାସୀଙ୍କୁ ଏହାର ଏକ ବିସ୍ତୃତ ଉତ୍ତର ଦେବା ଆବଶ୍ୟକ । ଖଣ୍ଡପୀଠର ଭିନ୍ନମତ ସତ୍ତ୍ୱେ, ବିଚାରପତି ଶ୍ରୀଧରନଙ୍କ ଆଦେଶ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ନ୍ୟାୟିକ ରେକର୍ଡଭୁକ୍ତ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି, ଯାହାକୁ ଆଉ ଏଡ଼ାଇ ଦିଆଯାଇପାରିବ ନାହିଁ । ଏକ ସୁସ୍ଥ ଗଣତନ୍ତ୍ରରେ ମାନବାଧିକାର କମିଶନ ଭଳି ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ଦୁର୍ବଳ ଶ୍ରେଣୀର ସୁରକ୍ଷା କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେବା ଉଚିତ । ମାନବାଧିକାର କମିଶନର ସାର୍ଥକତା କେବଳ କାଗଜପତ୍ରରେ ସୀମିତ ନରହି ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେବା ଦରକାର, ଯାହାଦ୍ୱାରା ଦେଶର ସାଧାରଣ ନାଗରିକଟିଏ ନିଜର ମୌଳିକ ଅଧିକାରର ସୁରକ୍ଷା ନେଇ ଆଶ୍ୱସ୍ତ ହୋଇପାରିବ ।

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ



**ବାଦଲ ଭୂୟାଁ**

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କର୍ଲସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେଚ ଭଳି ବିଷୟରେ ମଧ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି । ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

# ବନାଗ୍ନି ବିଶ୍ୱକୁ ତତଲା କରୁଛି



**ସୌଭାଗ୍ୟ ରଂଜନ ମହାନ୍ତି**

ପ୍ରଚଣ୍ଡ ଖରା ଜନଜୀବନକୁ କଲବଲ କରୁଥିବାବେଳେ ରାଜ୍ୟର ୧୯ ବନଖଣ୍ଡରେ ନିଆଁ ଲାଗିଛି। ବିଶେଷ କରି ପଶ୍ଚିମ ଓ ଦକ୍ଷିଣ ଓଡିଶାର ଜଙ୍ଗଲ ଜଳୁଛି। ନବରଙ୍ଗପୁର, ଫୁଲବାଣୀ, କଳାହାଣ୍ଡି, କୋରାପୁଟ, ମାଲକନଗିରି, ବଲାଙ୍ଗିର ଆଦି ଜିଲ୍ଲାରେ ବିଭିନ୍ନ ପଏଟଂରେ ନଆଁ ଲାଗିଛି। ଗୋଟିଏ ପରେ ରୌଦ୍ର ତାପ ଏବଂ ଅନ୍ୟପଟେ ଜଙ୍ଗଲ ନିଆଁର ତାତି ରାଜ୍ୟରେ ତାପମାତ୍ରାକୁ ବୃଦ୍ଧି କରିବା ସହ ପରିବେଶକୁ ସମ୍ପୂର୍ଣ୍ଣ ବିଗାଡି ଦେବାରେ ସହାୟକ ହୋଇଛି। ଯାହାର ପରିଣତି ସ୍ୱରୁପ ଉପକୂଳ ଅଂଚଳ ଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଏବଂ ପଶ୍ଚିମାମଚଂଳରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ଝାରସୁଗୁଡା ଦେଶର ସବୁଠାରୁ ଉତପ୍ତ ସହରରେ ରେକର୍ଡ ସୃଷ୍ଟି କରିଛି। କହିବା ଯଥାର୍ଥ ହେବ ଯେ, ଖରାଦିନ ଆସିଲେ ଆମ ଦେଶ ତଥା ରାଜ୍ୟରେ ଜଙ୍ଗଲ ଜଳିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଜଙ୍ଗଲରେ ନିଆଁ ମଣିଷକୃତ ହୋଇଥିବାବେଳେ ପବନରେ ଶୁଖିଲା ପତ୍ର ଓ କାଠ ଘର୍ଷଣ ଏବଂ ବଜ୍ରପାତରୁ ନିଆଁ ଲାଗି ଗୋଟିଏ ପଟେ ଜଙ୍ଗଲ କ୍ଷୟର କାରଣ ଏବଂ ଅନ୍ୟପଟେ ଜଳବାୟୁକୁ ଉତପ୍ତ କରିଦେଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବାର୍ଷିକ ୧୨ ସପ୍ତାହ ବା ତିନିମାସ ବନାଗ୍ନି ଋତୁ ଭାବେ ପରିଚିତ। ଏବେ ଦେଶର ୧୩,୭୭୧ଟି ଜଙ୍ଗଲ ପଏଟଂରେ ନିଆଁ ଲାଗିଥିବା ସାଟେଲାଇଟ୍ ଫଟୋଚିତ୍ର ଦର୍ଶାଇଛି। ଯାହାକି ଗତ ୧୫ଟି ଗ୍ରୀଷ୍ମକାଳରେ ହାରାହାରି ଠାରୁ ଅଧିକ ବୋଲି କୁହାଯାଇଛି। ସାଟେଲାଇଟ ଦୃଶ୍ୟାବଳୀ ଅନୁଯାୟୀ ଗତ ଚାରି ସପ୍ତାହ ଧରି ଉତରାଖଣ୍ଡ, ତାମିଲନାଡୁ, ବିହାର, ଓଡିଶା, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜଳୁଛି। ନିକଟରେ ଉତରାଖଣ୍ଡ ଏବଂ ତାମିଲନାଡୁର ବନାଗ୍ନି ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଜଙ୍ଗଲ ନିଆଁ ପରିବେଶକୁ ଆହୁରି ଖରାପ ଆଡକୁ ଟାଣି ନେଇଛି। ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଏବଂ ଆଫ୍ରିକୀୟ ଜଙ୍ଗଲରେ ନିଆଁ ଧ୍ୱଂସର ତାଣ୍ଡବ ସୃଷ୍ଟି କରିଥିଲା, ଏହା ବୋଧହୁଏ କେହି ପାଶୋରି ନଥିବେ। ସାଧାରଣତଃ ଏବେ ତିନୋଟି ମୁଖ୍ୟ କାରଣ ତଥା ବିଶେଷ କରି ରାତ୍ରିରେ ତାପମାତ୍ରା ବୃଦ୍ଧି, ସ୍ୱଳ୍ପ ବୃଷ୍ଟିପାତ ଏବଂ ଆଗୁଆ ବରଫ ତରଳିବା ଯୋଗୁଁ ବିଶ୍ୱବ୍ୟାପୀ ଆଗୁଆ ବନାଗ୍ନି ଆରମ୍ଭ ହେବା ସହ ଦୀର୍ଘ ସ୍ଥାୟୀ ହୋଇଛି। ବହୁ ସ୍ଥାନରେ ବିମାନରୁ ଜଳ ସିଂଚନ ସତ୍ତ୍ୱେ ଅଗ୍ନିକୁ ଆୟତ କରାଯାଇପାରୁନଥିବା ବହୁ ନଜୀର ରହିଛି। ଭାରତରେ ବରଫ ତରଳିବା କେବଳ ଉତରାଚଂଳ ପାର୍ବତ୍ୟଚଂଳ ମଧ୍ୟରେ ସୀମିତ ଥିବାବେଳେ ଅନ୍ୟ ଦୁଇଟି କାରଣ ଦେଶର ଅବଶିଷ୍ଟ ଅଂଚଳରେ ଦେଖାଦେଇଥାଏ। ଜଙ୍ଗଲ ବନାଗ୍ନି ବାୟୁମଣ୍ଡଳରେ ଅଧିକରୁ ଅଧିକ କାର୍ବନ ଡାଇଅକସାଇଡ ବୃଦ୍ଧି କରିଥିବାବେଳେ ଜାଳେଣୀ ବାର୍ଷିକ ୩୭ ବିଲିଅନ ଟନରେ ଉତପ୍ତ କରୁଥିବା ରିପୋର୍ଟ କହେ। କେବଳ ଜଙ୍ଗଲ ନିଆଁ ବାୟୁମଣ୍ଡଳରେ ୮ ବିଲିଅନ ଟନ କିମ୍ବା ୨୦ ପ୍ରତିଶତରୁ ଅଧିକ କାର୍ବନ ଡାଇଅକସାଇଡ ମିଶ୍ରଣ କରିଥାଏ। କେବଳ ଏତିକି ବନାଗ୍ନି ଦ୍ୱାରା ୨୦୨୪ରେ ବିଶ୍ୱରେ ୧୩.୫ ମିଲିଅନ ହେକ୍ଟର ଜଙ୍ଗଲ କ୍ଷୟ କରିଥିଲା, ଯାହାକି ଗ୍ରୀସର ଆୟତନ ଠାରୁ ଅଧିକ ଏକ ବୈଶ୍ୱିକ ଅନୁଧ୍ୟାନକାରୀ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବନାଗ୍ନି ଯୋଗୁଁ ପ୍ରତିବର୍ଷ ଜଙ୍ଗଲ କ୍ଷୟ ପରିମାଣ ବଢି ଚାଲିଥିବାବେଳେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବଢିଚାଲିଛି। ଏହାର ପ୍ରଭାବରେ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆନ୍ତର୍ଜାତିକ ସ୍ତରରେ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ ବିଶ୍ୱର ସବୁଠାରୁ ଉତପ୍ତ ସହର ମଧ୍ୟରେ ଭାରତର କେବଳ ୯୫ଟି ସହର ରହିଛି। ଦିଲ୍ଲୀ, ଲକ୍ଷ୍ନୌ, ପ୍ରୟାଗରାଜ, ଜୟପୁର, ନାଗପୁର ସହରରେ ପ୍ରବଳ ଗରମ ଅନୁଭୂତ ହେଉଥିବାବେଳେ ଓଡିଶାର ଝାରସୁଗୁଡା ସହର ଦେଶର ସବୁଠୁ ଉତପ୍ତ ସହର ଭାବେ ଲଗାତାର ରେକର୍ଡ ସୃଷ୍ଟି କରିଛି। ଏହା ନିସନ୍ଦେହ ଯେ, ଜଙ୍ଗଲପୋଡି, ଖଣି ଖାଦନ, କୋଇଲା ଦହନ, ଶିଳ୍ପ କାରଖାନା, ଇନ୍ଧନଚାଳିତ ଯାନବାହାନ ଚଳାଚଳ, କ୍ରଂକିଟ୍ ନିର୍ମାଣ, ବିକାଶ ନାମରେ ଆଖିବୁଜା ଗଛକଟା, ବ୍ୟାପକ ମାତ୍ର ଏସି ବ୍ୟବହାର ଏବେ ତାପମାତ୍ରା ବୃଦ୍ଧିର କାରଣ ଭାବେ ଉଭା ହୋଇଛି। ଗୋଟିଏ ପଟେ ବୈଶ୍ୱିକ ସଂଗଠନ ବିଶ୍ୱତାପମାତ୍ରା ବୃଦ୍ଧି ନେଇ ଚିନ୍ତାପ୍ରକଟ କରିଥିବାବେଳେ କୌଣସି ଦେଶ ଆଖିଦୃଷ୍ଟିଆ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଯାହାକି ଏବେ ଚିନ୍ତାର କାରଣ। ସେହିପରି ବିଶ୍ୱତାପମାତ୍ରା ବୃଦ୍ଧି ପ୍ରଭାବରେ ଆମ ଦେଶରେ ଋତୁଚକ୍ର ଯେପରି ପ୍ରଭାବିତ ହେଉଛି, ତାହା ଆଦୌ ଶୁଭଙ୍କର ନୁହେଁ। ଏଥିପ୍ରତି ବେଳହୁଁ ସାମଧାନ ହେବା ଜରୁରୀ। ବନାଗ୍ନି ରୋକିବା ସହ ବ୍ୟାପକ ମାତ୍ରାରେ ଗଛ ଲଗାଇବା ପାଇଁ ସଂକଳ୍ପ ନେବାର ସମୟ ଏବେ ଆସିଛି।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯


# ଆମ ଦେଶରେ ବା ରାଜ୍ୟ ମାନଙ୍କରେ ଦିଆ ଯାଉଥିବା ପି.ଏଚ୍.ଡି ଡିଗ୍ରୀର ମୂଲ୍ୟାୟନ ହେବା ଉଚିତ କି ?



**ସୁବ୍ରତ କର**

ମୋ ମତରେ ପି.ଏଚ୍.ଡି ଡିଗ୍ରୀର ମୂଲ୍ୟାୟନ ହେବାର ନିହାତି ଆବଶ୍ୟକତା ଅଛି ଏବଂ ଏଥିରେ ଅନେକେ ମୋ ସହିତ ଏକମତ ହେବେ । ସାଧାରଣତଃ ଆମ ଦେଶରେ ପି.ଏଚ୍.ଡି ହାସଲ କରିବାକୁ ହେଲେ ଖୁବ୍ ଜୋର୍‌ରେ ୫ ବର୍ଷ ମଧ୍ୟମରେ ଶେଷ କରିବା ଦରକାର । ଏହି ନିୟମ ଆମେରିକା ଏବଂ କାନାଡାରେ ମଧ ଲାଗୁ। କିନ୍ତୁ ସାରା ଇଉରୋପ ମହାଦେଶରେ ଏହାକୁ ୩ ବର୍ଷ ମଧ୍ୟରେ ଶେଷ କରିବାକୁ ପଡ଼ିବ । ଏହା ମାନେ ହେଲା ଏହି ସମୟ ମଧ୍ୟରେ ସରକାରଙ୍କ ତରଫରୁ ସରକାର ଜୁନିଅର ମାନଙ୍କୁ ୪୦୦୦୦ ଟଙ୍କା ଏବଂ ଏହା ସହିତ ଘରଭଡ଼ ଏବଂ ସିନିଅର ମାନଙ୍କୁ ୫୦୦୦୦ ଟଙ୍କା ଏବଂ ଏହାଛଡ଼ା ଘରଭଡ଼ା । ଏହି ସମୟ ଭିତରେ ଆପଣ ଯଦି ଶେଷ କରି ନପାରିଲେ ଆପଣ ସମୟ ପାଇବେ କିନ୍ତୁ ଆଉ ଆପଣଙ୍କୁ ସରକାରୀ ସାହାୟ ମିଳିବ ନାହିଁ । ଏହା ହେଉଛି ଗ୍ରହଣୀୟ ପଦ୍ଧତି । କିନ୍ତୁ ଏହା ବାହାରେ ମଧ ଅନ୍ୟ ପ୍ରକାରର ପି.ଏଚ.ଡି ଡିଗ୍ରୀ ହାସଲ କରି ପାରିଲେ ଏବଂ କରୁଛନ୍ତି ମଧ । ଏହି ପ୍ରକାରର ଡିଗ୍ରୀକୁ କୌଣସି ବେସରକାରୀ ସଂସ୍ଥା ଦେଉଛନ୍ତି । ରିସର୍ଚ୍ଚର ଆବଶ୍ୟକତା ନାହିଁ, କୌଣସି ବିଶ୍ୱ ବିଦ୍ୟାଳୟର ଆବଶ୍ୟକତା ନାହିଁ, ନା କୌଣସି ଗାଇଡର ପରାମର୍ଶ । ଏହା ପାଇଁ ଆବଶ୍ୟକ ଟଙ୍କା । ଟଙ୍କା ଦିଅନ୍ତୁ ଆପଣଙ୍କ ପାଖରେ ପି.ଏଚ୍.ଡି ସାର୍ଟିଫିକେଟ ଆସି ପହଞ୍ଚିବ ଏବଂ ପରେ ପରେ ଆପଣ ଆପଣଙ୍କ ନାମ ଆଗରେ ଡକ୍ଟରେଟ ଲଗେଇ ପାରିବେ । ଏବେ ଏହି ପଦ୍ଧତି ବଜାରରେ ଉପଲବ୍ଧ । ଆପଣଙ୍କୁ ମଧ ସଂସ୍ଥା ପାଖକୁ ଯିବାକୁ ପଡ଼ିବ ନାହିଁ, ସଂସ୍ଥା ଆପଣଙ୍କ ପାଖରେ ପହଞ୍ଚିବ । ଅନେକ ସମୟରେ କେହି ବ୍ୟକ୍ତି ବିଶେଷ ସମାଜ ପାଇଁ ଭଲ କିଛି କମ୍ କରିଲେ ଏବଂ ଯେଉଁ କାମ ସମାଜରେ ରହୁଥିବା ବ୍ୟକ୍ତି ବିଶେଷଙ୍କୁ ବିଶେଷ ସୁବିଧା ସୁଯୋଗ କରାଇ ଦେଉଥିବ ସେମାନଙ୍କୁ ମଧ ବହୁତ ବିଶ୍ୱ ବିଦ୍ୟାଳୟ ଅଛି ଡକ୍ଟରେଟ ନେବା ପାଇଁ। ଏମିତି ଆମ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତି ୭୨ଟି ଡକ୍ଟରେଟ ଡିଗ୍ରୀକୁ ଧରି ସାଥିରେ ଚାହିଁଛନ୍ତି। ଆମ ସମସ୍ତଙ୍କ ସାଧାରଣ ଧାରଣା ଯେ ପି.ଏଚ.ଡି ଡିଗ୍ରୀ ହାସଲ କରିବାକୁ ହେଲେ ପ୍ରଥମେ ଯେଉଁ ବିଷୟ ବସ୍ତୁ ଉପରେ କରିବେ ସେଥିରେ ଭଲ ନମ୍ବର ରଖି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଦରକାର, ଏହାଛଡ଼ା ଇଉ.ଜି.ସି ଦ୍ୱାରା ହେଉଛନ୍ତି ବିଭିନ୍ନ ପରୀକ୍ଷାରେ (ଜେ.ଆର.ଏସ, ଏବଂ ଏସ.ଆର.ଏସ) ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ ଏବଂ ଏହା ଏତେ ସହଜ ନୁହଁ । ଏହା ପରେ ସେହି ବିଷୟ ବସ୍ତୁ ଉପରେ ଅତ୍ୟଧିକ ଜ୍ଞାନ ଥିବା ଗାଇଡର ଆବଶ୍ୟକତା ରହିଛି । ସେ ପୁଣି ସେହି ପିଲାକୁ ପସନ୍ଦ କରିବାର ଅଛି । ଏମିତି ସବୁ ଠିକ୍ ଠାକ୍ ଚାଲିଲେ ଜଣେ ପିଲା ଜଣେ ଭଲ ଗାଇଡ ପାଖରେ ରେଜିଷ୍ଟ୍ରେସନ କରି ପାରିବ । ଏହା ପରେ ୫ ବର୍ଷ ଭିତରେ ଡିଗ୍ରୀ ହାସଲ କରିବାର ଅଛି । କିନ୍ତୁ ଏବେ ଏହି ଥିବାର ସବୁର ଆବଶ୍ୟକତା ନାହିଁ । ଯେଉଁ ଭକ୍ତ ଲୋକ ବିନା ଏସବୁ କିଛି ନକରି ଡିଗ୍ରୀ ହାସଲ କରିଛନ୍ତି ତାଙ୍କ ପାଖରେ ପହଅଁନ୍ତୁ ଏହା ପରେ ଆପଣ ଟଙ୍କା ବିନିମୟରେ ନାମ ଆଗରେ ଡକ୍ଟରେଟ ଲଗେଇ ଛାତି ଫୁଲେଇ ଚାଲି ପାରିବେ। କିନ୍ତୁ ସମାଜ ଏହାକୁ କେତେଦୂର ଗ୍ରହଣ କରୁଛନ୍ତି ଦେଖିବାର ଅଛି ।






## ଓଡ଼ିଆ ଜାତିର ଗର୍ବ ଗୌରବ

**ତୃପ୍ତିରାଣୀ ପାତ୍ର**

ଓଡ଼ିଆଜାତିର ତୁମ୍ଭେ ଗର୍ବଗୌରବ ସ୍ମାରକ
ତୁମ୍ଭବାଣୀ ଓଡ଼ିଆପ୍ରାଣେ ଫୁଟାଇଛି ପୁଲକ
ସାଧୁଅସ୍ମିତାରେ ତୁମ୍ଭ ଜୀବନ ପରିପୂରକ
ନୀତିଆଦର୍ଶର ବାସ୍ନା ସ୍ୱାଭିମାନ ମହକ।

ଶେଷ ନିଃଶ୍ୱାସେ ଶେଷ ଧ୍ୱନିପ୍ରତିଧ୍ୱନି ତୁମ୍ଭ
ପ୍ରିୟ ଓଡ଼ିଶାବାସୀଙ୍କ ପାଇଁ ମଧୁ ସାଧୁରବ
ନିର୍ମଳ ରଖିବ ଅନ୍ତର ଆହେ ମହାନୁଭବ



ତୁମ୍ଭେ ଖାଣ୍ଟି ଓଡ଼ିଆଜାତିର ଗର୍ବ ଗୌରବ ।

ଉତ୍କଳଟ୍ୟାନେରୀ କଟକ ଚାନ୍ଦିତାରକସି
ସାରା ବିଶ୍ୱେ ପ୍ରମାଣିତ ହେଉଅଛି ହରଷି
ନ୍ୟାୟନୀତିପାଇଁ ଝୁରୁଛନ୍ତି ବିଚାରେବେଶି
ତୁମ୍ଭ ଆହ୍ୱାନକୁ ସ୍ମରୁଛୁ ସାରା ରାଜ୍ୟବାସୀ ।

ପୂଜ୍ୟପ୍ରତିମ ମଧୁବାବୁ ତୁମ୍ଭେ ତ ଭାରତରତ୍ନ
ମନରେ ନଥିଲା ତୁମ୍ଭ ଲଭିବାକୁ ସମ୍ମାନିତ ।

+ସହଦେବଖୁଣ୍ଟା,ବାଲେଶ୍ୱର

## ବାପା, ତୁମପାଇଁ

**ସୁଭାଷ ଚନ୍ଦ୍ର ଭୂତିଆ**

ତୁମପାଇଁ ଆଜି ଏ ଧରା ବକ୍ଷରେ
ଦମ୍ଭରେ ହୋଇଛ ଠିଆ
ଜୀବନର ପଥ ହେଲେବି ବନ୍ଧୁର
ତୁମପାଇଁ ମିଳେ ରାହା ।
ବାପା ବାପା ବୋଲି ଡାକୁଅଛି ଆଜି
ମୋ ପ୍ରତିଟି ରକ୍ତ ବିନ୍ଦୁ
ପାଇବାକୁ ସେହି ଅମୃତର ସ୍ୱର୍ଶ
ପ୍ରେମ କରୁଣାର ସିନ୍ଧୁ ।
ଆସିଥିଲା ଯେବେ ଅତୀତ ଜୀବନେ
ଅନୁଶାସନର ବେଳ
ସେହି ବେଳ ଆଜି ପ୍ରଦାନ କରୁଛି
ସହସ୍ର ସିଂହର ବଳ ।
ମୋ ଶରୀର ଅବା ସାହସ ଶକତି
ସବୁତ ତୁମରି ଦାନ
କେଉଁ ତାପସ୍ୟାର କର୍ମଫଳ ଆଜି



ମୋ ଜୀବନେ ଭରେ ପୂଣ୍ୟ ।
ସର୍ବ ଦେବତାଙ୍କ ଆଶୀର୍ବାଦ ତୁମ
ହସ୍ତରୁ ପଡେ ମୋ ଶିରେ
ଦୁଃଖ ଶୋକ ପୀଡା ସବୁ ଚାଲିଯାଏ
ହୃଦରେ ପୁଲ୍ଲକ ଭରେ ।
ବାପା ତୁମେ ଥିଲ ତୁମେ ଅଛ ଆଉ
ରହିଥିବି ସଦା ଚିର
ମନ ମନ୍ଦିରରେ ତୁମକୁ ପୁଜୀବି
ତୁମେହିଁ ଦେବତା ମୋର ।

+ଡିହଦୋଳ,ପରଜଙ୍ଗ,ଢେଙ୍କାନାଳ
ମୋ- ୮୦୧୮୮୮୪୮୦୬



ବିଷ୍ଣୁ ପ୍ରସାଦ ଦାସ

# ଭୂଲ କାହାର ?

ହୁତ୍ ହୁତ୍ ହୋଇ ଜଳି ଯାଉଥିବା ପାର୍ଥିବ ଶରୀର ଧୀରେ ଧୀରେ ଅଗ୍ନି ଗର୍ଭରେ ଲୀନ ହୋଇ ଯାଉଥିଲା । ଅବନୀ ଲୋତକ ପୂର୍ଣ୍ଣ ଚକ୍ଷୁରେ କେବଳ ଲେଲୀହାନ ଅଗ୍ନୀ ଶିଖାକୁ ଦେଖି ଯାଉଥିଲା । ତା'ର ସ୍ମୃତି ଗୁଡିକ ମସ୍ତିଷ୍କର ଦୃଢ ପ୍ରାଚୀରକୁ ଅତିକ୍ରମ କରି ମାନସପଟ ରେ ଭାସି ଯିବାର ଉପକ୍ରମ କରୁଥିଲା । ଜୀବନ ଏବଂ ମୃତ୍ୟୁର ସେଇ ମଧ୍ୟ ଭାଗଟା ଖୁବ୍ ବିଚିତ୍ର, ଯାହାକୁ ତର୍ଜମା କରିବାକୁ ଅତିମାନବ ଛଡା ଆଉ କେହି ଚାହାନ୍ତି ନାହିଁ । ମାନସିକ ସ୍ତରରେ ଜୀବନର ସତ୍ୟକୁ ଅନୁଭବ କରିବା ବଦଳରେ ଅତ୍ୟଧିକ ଲୋଭ ମୋହ ମାୟା ଭିତରେ ବୁଡିରହି ଶେଷ ମୁହୂର୍ତ୍ତର ଆଶା ତାଙ୍କର ଆଶାରେ ହିଁ ରହିଯାଏ । ପୃଥିବୀର ବିଚିତ୍ର ନିୟମରେ ସମସ୍ତେ ବନ୍ଧା ହୋଇଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ । ବିନୟ ଆସି ଅବନୀ ପାଖରେ ବସି ପଚାରିଲା ଆରେ ଅବନୀ ତୁ କ'ଣ ଏମିତି ଭାବୁଛୁ ? ସେ ତ' ଚାଲିଗଲା ଆମେ ମଧ୍ୟ ସମୟ ଆସିଲେ ଚାଲିଯିବା, ଏହାତ ସୃଷ୍ଟିର ନିୟମ । ନା ନା, ବିନୟ ତୁ ବୁଝି ପାରିବୁ ନାହିଁ ସେ ୮୦ ବର୍ଷରେ ଚାଲିଗଲା କିନ୍ତୁ ତା'ର ପ୍ରତିଟି ସ୍ମୃତି ଆଜି ମୋ ମନ ଭିତରେ ଜୀବିତ ଅଛି । ମୁଁ ବୁଝି ପାରୁ ନାହିଁ ସେ ଜୀବନରେ କ'ଣ ପାଇଲା ଏବଂ କ'ଣ ହରାଇଲା ? ବିନୟ ଟିକେ ଗମ୍ଭୀର ହୋଇ କହିଲା ଆରେ କ'ଣ ଆଉ ହରାଇଲା ? ସମସ୍ତେ ଆସନ୍ତି ସମସ୍ତେ ନିଜ କର୍ତ୍ତବ୍ୟ କରି ଚାଲିଯାନ୍ତି ଏଥିରେ ନୂତନତ୍ୱ କ'ଣ ଅଛି ଯେ ତୁ ଏତେ ଚିନ୍ତା କରୁଛୁ ?

ହଁ ଭାଇ ! ଠିକ କହିଛୁ, ଜୀବନ ରଙ୍ଗମଞ୍ଚରେ ଆମେ ସବୁ କଳାକାର, ତେବେ କହିଲୁ ସେଇ କଳାକାର ତା'ର କଳା ନୈପୁଣ୍ୟ ଯେତେବେଳେ ଦର୍ଶକ (ସମାଜ) ଆଗରେ ପରିବେଷଣ କରେ ସେ ସେତେବେଳେ ନିଜକୁ ଭୂଲି ଯାଇଥାଏ । କଳା ଭିତରେ ନିଜ ଅଭିନୟକୁ ଖୁବ୍ ସୁଚାରୁ ରୂପେ ପ୍ରତିଫଳନ କରି ବାଃ ବାଃ ନିଏ ବା ତିରସ୍କାର ପାଏ । ଜୀବନର ମାନେ କେବଳ ପୁରସ୍କାର ବା ତିରସ୍କାର ଭିତରେ ସୀମିତ ହୋଇ ରହିବା ଠିକ୍ ନୁହେଁ । ଜୀବନ ଜୀଇଁବାର ଏକ ସ୍ୱତନ୍ତ୍ର କଳା ଅଛି ତାକୁ କେତେ ଜଣ ଜାଣିଛନ୍ତି ? ଅବନୀ କହି ଚାଲିଲା ତେବେ ଠିକ୍ ଭାବେ ମନେ ନ ପଡିଲେ ମଧ୍ୟ ୧୯୬୫ ମସିହା କଥା ମନେ ଅଛି । ସେହି ବର୍ଷ ତା ସହିତ ମୋର ପ୍ରଥମ ଦେଖା ହୋଇଥିଲା । ଦେଖାରୁ ଖେଳ କୁଦ ତା ପରେ ଧୀରେ ଧୀରେ ବନ୍ଧୁତା ଆରମ୍ଭ ହୁଏ । ବୟସ ହୁଏତ ଆମର ସେତେବେଳେ ୧୦/୧୧ ହେବ ପିଲା ମନ ପିଲା ଖେଳ ସବୁ ପିଲାଙ୍କ ମଧ୍ୟରେ ଆମେ କାହିଁକି କେଜାଣି ପରସ୍ପର ପ୍ରତି ଆକୃଷ୍ଟ ହୋଇ ଯାଇଥିଲୁ । ସେତେବେଳେ ଆମ ପାଇଁ ଜୀବନର ମାନେ ଥିଲା ଘରେ ଦୁଇ ତିନି ବେଳା ଖାଇବା, ସ୍କୁଲ ଯିବା, ଖେଳିବା ଦୁଷ୍ଟାମୀ କଲେ ମା' ବାପା ଭାଇ ଭଉଣୀଙ୍କଠାରୁ ଗାଳି ମାଡ଼ ଖାଇବା । ତେବେ ଭାଇ, ଦିନର ଚବିଶ ଘଣ୍ଟା ମଧ୍ୟରୁ ଖେଳ ସମୟରେ ସାଙ୍ଗ ସାଥୀଙ୍କ ସହିତ ବେଶ ହସ ଖୁସି ତଥା ସ୍ୱାଧୀନତା ପାଉଥିଲୁ ବୋଲି ହୃଦ୍‌ବୋଧ ହେଉଥିଲା । ଜୀବନର କିଛି ବର୍ଷ ଏଇ ବାଲୁତ ସମୟ ଯେତେବେଳେ ବିତିଗଲା, ତା ପରେ କିଛି କିଛି ଦାୟିତ୍ୱ ଆମ ଉପରେ ଲଦି ଦିଆ ଗଲା । ଇଚ୍ଛା ଥାଉ କି ନ ଥାଉ ଦାୟିତ୍ୱ ନ ନେଲେ ଶାସନ କରା ଯାଉ ଥିଲା । ଆମେ ସେତେବେଳେ ଭାବୁ ଥିଲୁ ଦୁନିଆରେ ସାଙ୍ଗ ଠାରୁ ଆଉ କେହି ଭଲ ନୁହନ୍ତି ବା କେହି କିଛି ଜାଣି ନାହାନ୍ତି । ପ୍ରତିଦିନର ସେଇ ଦୁଇ ତିନି ଘଣ୍ଟା ସାଙ୍ଗ ସାଥୀଙ୍କ ସହିତ ଖେଳ କୁଦରେ ବିତାଉଥିବା ସମୟ ଗୁଡିକ ଅମୃତ ତୁଲ୍ୟ ଲାଗୁଥିଲା ।



ସମୟ କାହାକୁ ଅପେକ୍ଷା କରେ ନାହିଁ, ବୟସ ବଢିଲେ ମନରେ ଅନେକ କଥା ପ୍ରଶ୍ନବାଚୀ ରୂପରେ ଦେଖାଦିଏ । ବଡ଼ ଛୋଟ, ଭେଦ ଭାବ, ଜାତି ଅଜାତି, ଧନୀ ଦରିଦ୍ର ସାମାଜିକ ସ୍ଥିତି, ପ୍ରତିପତ୍ତି ମିଥ୍ୟା ଆଭିଜାତ୍ୟ ଭିତରକୁ ବନ୍ଧୁତା ଧୀରେ ଧୀରେ ଟାଣି ହୋଇ ଯାଏ । ନିଜ ସ୍ତର ବା ଉପର ସ୍ତରର ବନ୍ଧୁଙ୍କ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ କଥା, ଏହି ପ୍ରକ୍ରିୟାରେ କିଛି ସାଙ୍ଗ ନିଜ ସ୍ୱାର୍ଥ ପାଇଁ ହାତ ଛାଡି ଚାଲି ଯାଆନ୍ତି । ବିନୟ ପଚାରିଲା ତା ପରେ ? ତା ପରେ ଆଉ କଣ ? ସ୍କୁଲ ଜୀବନ, ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଜୀବନର ଗୋଟିଏ ପିଲାଳିଆମୀର ଅଧ୍ୟାୟ ଥିଲା, ଅଲଗା ସ୍କୁଲ ଥିଲେ ମଧ୍ୟ ସ୍କୁଲ ପରେ ଖେଳ ସ୍ଥାନରେ ଦେଖା ହୁଏ । ଅନେକ ପ୍ରକାର ଖେଳ, ଅନେକ ଛୋଟ ମୋଟ ମନ ମାଳିନ୍ୟ କିନ୍ତୁ ପରଦିନ ପୁନର୍ବାର ନିର୍ଦ୍ଧାରିତ ସ୍ଥାନରେ ଭେଟ ହୁଏ । ଏହା ମଧ୍ୟରେ ଅନେକ ନୂତନ ବନ୍ଧୁ ଆସିଛନ୍ତି ଆଉ କିଛି ଚାଲି ଯାଇଛନ୍ତି ଆମେ କିନ୍ତୁ ପୂର୍ବବତ୍ ବନ୍ଧୁତକୁ ଜାବୁଡି ଧରି ରହିଥିଲୁ । ହାଇସ୍କୁଲ ଆରମ୍ଭ ହେଲା ଦାୟିତ୍ୱ ଆହୁରି ବଢିଗଲା , ଖେଳ ସମୟ ମଧ୍ୟ କିଛି କମିଗଲା ତଥାପି ଦେଖା ହୁଏ । ସହରର ପୂର୍ବ ପଟେ ତା'ର ସ୍କୁଲ୍ ଏବଂ ପଶ୍ଚିମ ପଟେ ମୋ' ସ୍କୁଲ୍ ଥିଲା କିନ୍ତୁ ଆମେ ପ୍ରାୟ କାଠଯୋଡ଼ି କୂଳରେ ଦେଖା ହେଉ ଥିଲୁ । ନଦୀର ଶୁଷ୍କ ବାଲୁକା ରାଶିରେ କେତେ ପ୍ରକାର ଖେଳ ଖେଳିବାର ଅନୁଭୂତି ଏବେବି ମନେ ପଡ଼ିଯାଏ । ଅସ୍ତଗମୀ ସୂର୍ଯ୍ୟଙ୍କ ଲୋହିତ କିରଣ ଆମକୁ ସୂଚାଇ ଦିଏ ଘରକୁ ଫେରିବା ସମୟ ହୋଇଗଲା । ବିଦାୟ ବେଳାଟା ଅନ୍ୟ ଏକ ଅନୁଭୂତି ଥାଏ, ଆସନ୍ତା କାଲିର ଦେଖା ହେବାର କିଛି ପ୍ରତିଶ୍ରୁତି ସହିତ ଯିଏ ଯାହା ଘରକୁ ଫେରି ଯାଉଥିଲୁ ।

ସମୟ ବିତି ଯାଏ, ମାଟ୍ରିକ ପରୀକ୍ଷା ସରିଯାଏ । ପରୀକ୍ଷା ଫଳ ବାହାରେ ସେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲା । ବିନୟ ତୁ ବି ତ ଖୁବ୍ ଭଲ ଛାତ୍ର ଥିଲୁ , ସନ୍ଦୀପ ସହିତ ତୁ ମଧ୍ୟ ଷ୍ଟୁଆର୍ଟ କଲେଜ୍‌ରେ ବିଜ୍ଞାନ ନେଇ ପଢୁଥିଲୁ । କଲେଜ୍ ଜୀବନ ସ୍କୁଲ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ଭାଇ, ସ୍କୁଲ୍ ବନ୍ଧୁ ଏବଂ କଲେଜ୍ ବନ୍ଧୁଙ୍କ ଭିତରେ ଆକାଶ ପାତାଳ ପାର୍ଥକ୍ୟ ରହିଛି । ସନ୍ଦୀପର ଅନେକ ନୂତନ କଲେଜ୍ ବନ୍ଧୁ ହେଲେ, ଅନେକ ଦାୟିତ୍ୱ ବଢିଗଲା, ମୋ ସହିତ ଅନେକ ସମୟରେ ଦେଖା ହେବା ମଧ୍ୟ କଷ୍ଟ ହେଉଥିଲା । ତଥାପି ସନ୍ଦୀପ୍ ସହିତ ମଝିରେ ମଝିରେ ଦେଖା ହୁଏ । କିଛି ଆଳାପ କିଛି କଲେଜ ଜୀବନର ଖଟା ମିଠା କଥା, କିଛି ଯୁବକ ସୁଲଭ ମଜା ମଜା କଥା ବାର୍ତ୍ତା ତା ପରେ ଯିଏ ଯାହା ଘରକୁ ଚାଲି ଯାଉ । ବିଜ୍ଞାନ ଛାତ୍ର ହିସାବରେ ତା'ର ଟିକେ ଅହଂକାର ଥିଲା ବୋଲି ମୁଁ ଅନୁଭବ କରୁଥିଲି । ଅନେକ ଅପରାହ୍ନରେ ଆମେ ସାଇକେଲ ଧରି ଯୋବ୍ରା ଆନିକଟ୍ ଚାଲି ଯାଉଥିଲୁ । ମହାନଦୀର ଲୁହାବାଡ ଦିଆ ଜଳ ଭଣ୍ଡାରର ଶୋଭା, ମହାନଦୀରେ ଯୋବ୍ରାରୁ ଚୌଦ୍ୱାର ଯାଉଥିବା ଲଞ୍ଚ ଗୁଡିକର ଯାତ୍ରୀ ପରିବହନ ଏକ ଆକର୍ଷଣ ଥିଲା । ଛକ ଉପରେ ଜଣେ ଖୁବ୍ ସୁଆଦିଆ ମିଠା ବାଦାମ ବିକୁଥିଲା, ସେଥିରୁ କିଛି ଆଣି ଭାଗକରି ଖାଉଥିଲୁ । ଅନେକ ସମୟରେ ହିନ୍ଦ୍ ସିନେମା ପାଖରୁ ମାଂସ ଚପ୍ ଚିଙ୍ଗୁଡ଼ି ଚପ୍ ଗୋଟାକୁ ୩୫ ପଇସା ଦରରେ କିଣି ଖାଇଛୁ । ଘଣ୍ଟା ଘଣ୍ଟା ରେଳ ଷ୍ଟେସନ୍‌ରେ ବସି ରେଳ ଗାଡ଼ି ଦେଖୁଥିଲୁ ବିନୟ, ଖାଲି ସେତିକି ନୁହେଁ, ସ୍କୁଲ୍ ପଢ଼ା ସମୟରେ ସାଇକେଲରେ ହାଣ୍ଡି ଦେକଚି ଧରି ନନ୍ଦନ୍ କାନନ୍ ଯାଇ ବଣ ଭୋଜୀ କରି ପୁନର୍ବାର ସନ୍ଧ୍ୟା ସମୟରେ ଫେରି ଆସୁଥିଲୁ । ଦୁଇଜଣ ମିଶି ପୁରୀ ଯାଇଛୁ, ଧର୍ମଶାଳାରେ ରହିଛୁ, କୋଣାର୍କ ବୁଲିଛୁ । ସେ ସମୟ ଅଲଗା ଥିଲା ବର୍ତ୍ତମାନ ସେସବୁ କେବଳ ସ୍ମୃତି ହୋଇ ରହି ଯାଇଛି ।

ବିନୟ ପଚାରିଲା ଅବନୀ କାହିଁ ତୁ ତୋର ମାଟ୍ରିକ ପର କଥା କିଛି କହିଲୁ ନାହିଁ ? କ'ଣ ବା କହିବି ? ଯେଉଁ ପିଲା ପ୍ରଥମ ଶ୍ରେଣୀରୁ ପ୍ରଥମ ସ୍ଥାନ ରଖି ପାସ୍ କରୁଥିଲା ସେ ଟିନ୍‌ଏଜ୍‌ରେ ତା'ର ଶିକ୍ଷା ପ୍ରତି ଏତେଟା ମନୋଯୋଗ ଦେଇ ପାରିନଥିଲା । ତା ଆଖିରେ ରଙ୍ଗୀନ ଦୁନିଆର ଛବି ଭାସି ଯାଉ ଥିଲା, ମରୀଚିକା ପଛରେ ଦୌଡୁ ଥିଲା । ତା'ର ଶିକ୍ଷାର ଅବକ୍ଷୟ ଦଶମ ଶ୍ରେଣୀରୁ ଆରମ୍ଭ ହୋଇ ଗଲା । ସିନେମା ଦେଖିବା, ସାଇକେଲ ଧରି ବୁଲିବା, ଖର୍ଚ୍ଚ କରିବା ଏକ ନିଶାରେ ପରିଣତ ହୋଇ ଗଲା । ମାଟ୍ରିକ୍ ପରୀକ୍ଷା ଫଳ ଖୁବ୍ ନୈରାଶ୍ୟ ଜନକ ଥିଲା । କଟକର କୌଣସି କଲେଜ୍ ରେ ତାକୁ ସିଟ୍ ମିଳିଲା ନାହିଁ । ବାହାର କଲେଜ୍ ରେ ପଢ଼ିବା ପାଇଁ ବାପା ଅରାଜି ଥିଲେ । ବିନୟ ପଚାରିଲା ତା ପରେ ? ତା' ପରେ କଟକ ଆଇ:ଟି:ଆଇ ରେ ତିନି ବର୍ଷିଆ ଅଟୋ ମୋବାଇଲ୍ ଟ୍ରେଡ୍ ରେ ନାମ ଲେଖା । ସମୟ ଧୀରେ ଧୀରେ ଆଗକୁ ଚାଲିଲା । ଆଇଟିଆଇ ସଫଳତା ସହିତ ପାସ୍ , ତା ପରେ ଅନେକ ଦିନ ସାଙ୍ଗ ସହିତ ମିଶି ଟ୍ୟାକ୍ସି ବ୍ୟବସାୟ , ତା ପରେ ଆଇ:ଏ ପାସ୍ ତା' ପରେ ଓଡିଶା ପୋଲିସ୍ ମୋଟର୍ ଟ୍ରାନ୍ସପୋର୍ଟ ରେ ଟ୍ରେନିଂ, ତା ପରେ ବି :ଏ ପାସ୍ । ତା' ପରେ ମୂର୍ଖତା ବଶତଃ ପୋଲିସ୍ ବିଭାଗରେ ସ୍ଥାୟୀ ଚାକିରୀକୁ ଏଡାଇ ଯାଇ କୃଷି ଶିଳ୍ପ ନିଗମରେ ଚାକିରୀ ଆରମ୍ଭ , ତା' ପରେ ପ୍ରେମ , ତା ପରେ ବିବାହ , ଛୁଆ ପିଲା , ଚାକିରୀ କାଳରେ , ବାରିପଦାରେ ଥିବା ସମୟରେ ଏମ :ଏ ଇତିହାସ ପରୀକ୍ଷା ଦେବା, ତା ପରେ ଆକ୍ରୋଶ ମୂଳକ ଫୁଲବାଣୀ ବଦଳି, ବ୍ରହ୍ମପୁର, ଭୁବନେଶ୍ୱର, ସମ୍ବଲପୁର ଆଦି ବଦଳି, ତା ପରେ କଟକରେ ଚାକିରିରୁ ଭିଆରଏସ ନେଇ ଜୀବନର ଉତ୍ଥାନ ପତନ ମଧ୍ୟରେ ଅଗ୍ରସର ହୋଇ ଚାଲିଛି । କିଛି ଲେଖା ଲେଖିକରି ସମୟ ଅତିବାହିତ କରୁଛି । ଭଗବାନ ଯେତେଦିନ ଚାହିଁବେ ସେତେଦିନ ଏହି ସଂସାର ଭିତରେ ଚାଲୁଥିବା ତା ପରେ ଏଇ ବାଲୁତ ବନ୍ଧୁ ପରି ଖାନ୍‌ନଗର୍ ସ୍ମଶାନ ଶେଷ ଠିକଣା ହୋଇ ଯିବ । ବିନୟ କହିଲା ଭାଇ ତୋ ବିଷୟରେ ଏତେ କଥା ଜାଣି ନ ଥିଲି, ଯାହା ହେଉ ଆଜି ସେ ସୁଯୋଗ ମିଳିଲା ।

ତେବେ ବିନୟ ତୁ ତ ସନ୍ଦୀପ୍ ସହିତ କଲେଜ ଜୀବନରେ ପରିଚୟ, ଏମିତି ସନ୍ଦୀପ୍ ସହିତ ତୋତେ ଅନେକ ସମୟରେ ଦେଖେ । ସନ୍ଦୀପ ନିଜ ଭବିଷ୍ୟତ ପାଇଁ ଖୁବ୍ ଚିନ୍ତିତ ଥିବା ସମୟରେ ମୁଁ ଖୁବ୍ ସାଧାରଣ ଭାବେ ଦିବା ସ୍ୱପ୍ନ ଦେଖୁ ଥିଲି । ଜୀବନରେ ଶୃଙ୍ଖଳା ନଥିଲେ କିଛି ନାହିଁ ବୋଲି ଭାବିବାକୁ ହେବ । ଶୃଙ୍ଖଳା ବିହୀନ ଜୀବନର ନର୍କ ଗତି ଛଡା ଆଉ କିଛି ନୁହେଁ । ସନ୍ଦୀପ୍ ଡାକ୍ତରୀ ପଢିବାକୁ ଇଚ୍ଛା କରିଥିଲା କିନ୍ତୁ ଭାଗ୍ୟର ବିଡମ୍ବନା ବି ଏସ୍ ସି ପରେ ଆଇନ୍ ପାଠ ପଢି ଏଲ୍ ଏଲ୍ ବି ପାସ୍ କରି ଜଣେ ସୁନାମଧନ୍ୟ ଓକିଲଙ୍କ ନିକଟରେ ସହକାରୀ ଓକିଲ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା । ଖୁବ୍ ନିଷ୍ଠାପର, ଆଜ୍ଞାଧୀନ ତଥା ଜାଣିବାର ଆଗ୍ରହ ତାକୁ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେଷ୍ଠ କରିଦେଲା । ତା'ର ଗୁରୁ ଓକିଲ ମହୋଦୟ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟରେ ବିଚାର ପତି ହୋଇ ଗଲେ । ନିଜର ଚେଷ୍ଟା ତଥା ଅଧ୍ୟବସାୟ ଫଳରେ ସନ୍ଦୀପ୍ ମଧ୍ୟ ବିଚାର ବିଭାଗୀୟ ଅଧିକାରୀ ଓ ଜେ ଏସ୍ ଭାବେ ନିଯୁକ୍ତି ପାଇ ଥିଲା । ସମୟ ସହିତ ତାଳ ଦେଇ ଜୀବନ ଯାତ୍ରା ଆଗେଇ ଚାଲିଲା । ସେ ପିଲା ଦିନର ସାଙ୍ଗ ସାଥିଙ୍କ ସହିତ ଆଉ ସମୟ ଦେଇ ପାରିଲା ନାହିଁ । ଦାୟିତ୍ୱ ଏବଂ ଚାକିରୀ କିଛି ମାତ୍ରାରେ ତାକୁ ଜଳକା କରି ଦେଇଥିଲା ବୋଲି ମୁଁ ଅନୁଭବ କରୁଥିଲି । ଘରଚଟିଆ ପକ୍ଷୀ ଉଡି ଦେଖୁଥିବା ଆକାଶ ତ ଆଉ ଚିଲ ଦେଖୁଥିବା ଆକାଶ ସହିତ ସମାନ ହେବ ନାହିଁ ? ତେଣୁ କଥାରେ ଅଛି 'ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତାହାର ବ୍ୟବହାର' ଯଦିଓ ଘରଚଟିଆ ଏବଂ ଚିଲ ପକ୍ଷୀ ଜାତିର ତଥାପି ଦୁହେଁ ସମ୍ପୂର୍ଣ୍ଣ ଅଲଗା ପ୍ରକୃତିର । ମୋର ବାହାଘର ସମୟରେ ସେ ବ୍ରହ୍ମପୁରରେ ଥିଲା, ମୁଁ ବ୍ରହ୍ମପୁର ଯାଇଥିଲି ସେ ଆମକୁ ନେଇ ମୋତି ହୋଟେଲରେ ରଖାଇ ଆପ୍ୟାୟିତ କରିଥିଲା । ଅନେକ କ୍ଷେତ୍ରରେ ନ୍ୟାୟିକ ସହାୟତା ମଧ୍ୟ ଯୋଗାଇ ଦେଉଥିଲା, ସେଥିପାଇଁ ମୁଁ କୃତଜ୍ଞ । ସନ୍ଦୀପ୍‌ର ବାହାଘର ଠିକ୍ ହୋଇଗଲା , କନ୍ୟା ଘର ସମ୍ଭ୍ରାନ୍ତ ବଂଶ, ଉଚ୍ଚ ଚାକିରୀ, ମିଥ୍ୟା ଆଭିଜାତ୍ୟକୁ ଦେଖି ମୋର ବନ୍ଧୁ ରାଜି ହୋଇ ଗଲା । ସେତେ ବେଳେ ସେ କୌଣସି ସାଙ୍ଗ ମାନଙ୍କୁ କିଛି କହିବାକୁ ଉଚିତ୍ ମଣି ନଥିଲା ବିଶେଷ କରି ମୋତେ ମଧ୍ୟ ଜଣାଇ ନଥିଲା ।

ଯାହା ହେଉ ଔପଚାରିକତା ଦୃଷ୍ଟିରୁ ତଥା ସବୁଠାରୁ ପୁରୁଣା ବନ୍ଧୁ ଭାବେ ବିବାହ କାର୍ଯ୍ୟରେ ଯୋଗ ଦେଇଥିଲି । ବିଭାଘର ପରେ ବନ୍ଧୁ ଆହୁରି ବଦଳି ଗଲା ତାକୁ ହୁଏତ ଦୁନିଆଟା କେବଳ ସବୁଜ ରଙ୍ଗର ଦିଶୁଥିଲା । ଇନ୍ଦ୍ରଧନୁର ସପ୍ତ ରଙ୍ଗକୁ ଛାଡି କେବଳ ସବୁଜ ରଙ୍ଗରେ ନିଜକୁ ରଙ୍ଗାୟିତ କରି ଏକ ନୂତନ ପରମ୍ପରା ସୃଷ୍ଟି କରିବା ପରି ପ୍ରତୀୟମାନ ହେଉଥିଲା । ସେ ଯାହା ହେଉ ଧୀରେ ଧୀରେ ଚାକିରୀକୁ ନେଇ ସଂସାରକୁ ନେଇ ଦାୟିତ୍ୱକୁ ନେଇ ଦୂରତା ବଢିଗଲା କିନ୍ତୁ ନିବିଡ ବନ୍ଧୁତା ଥିଲା । ସମୟ ବଦଳି ଯାଏ ବନ୍ଧୁର ଧର୍ମ ପତ୍ନୀ ଆଉ ଗୋଟିଏ ସହରରେ ଚାକିରୀ କରୁଥିଲେ ବନ୍ଧୁ ମଧ୍ୟ ଅନ୍ୟ ସହରରେ ଚାକିରୀରେ ଥିଲା । ଧିରେ ଧିରେ କିଛି ସନ୍ଦେହ , କିଛି ମନ ମାଳିନ୍ୟର ଅୟମାରମ୍ଭ ହୋଇ ଯାଇଥିଲା । ଭଗବାନଙ୍କ ଆଶୀର୍ବାଦ ସୂତ୍ରରେ କନ୍ୟା ସନ୍ତାନଟିର ପିତା ହେବାର ସୌଭାଗ୍ୟ ପାଇଥିଲା ସନ୍ଦୀପ୍ । ଅନେକ ଭଲ ପାଉଥିଲା ତା'ର କୁନି ଝିଅଟିକୁ , ଝିଅଟି ତା'ର ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ । ସ୍ୱାମୀ ସ୍ତ୍ରୀ ଭିତରେ ଅନେକ ସମୟରେ ମତାନ୍ତର ମନାନ୍ତର ହେଉଥିଲା । କେହି କାହାକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ ବା ଦୁହିଁଙ୍କ ଭିତରେ ବୁଝାମଣା ଭଲ ନଥିଲା । ବନ୍ଧୁର ଅହଂକାର ତଥା ଧର୍ମ ପତ୍ନୀଙ୍କ ଜିଦ୍ ବେଳକୁ ବେଳ ବଢି ଚାଲିଲା, ଅସହିଷ୍ଣୁତା ସୀମା ଟପି ଯାଇଥିଲା । ସମାଧାନର ବାଟ ଧୀରେ ଧୀରେ ସଂକୁଚିତ ହୋଇ ଶେଷରେ ବନ୍ଦ ହୋଇ ଯାଇଥିଲା । ଶେଷରେ ଦୁହେଁ ଅଲଗା ହୋଇ ଗଲେ ନ୍ୟାୟିକ ପ୍ରଣାଳୀରେ ଦୁହେଁ ଦୁହିଁଙ୍କୁ ଦୋଷାରୋପ କରୁଥିଲେ । ସତ୍ୟ କେତେ ମିଥ୍ୟା କେତେ ତାହା କେବଳ ଭଗବାନ୍ ଜାଣନ୍ତି, ତେବେ ମୁଁ ବନ୍ଧୁ ଠାରୁ ଯାହା ଶୁଣିଛି ତାହା କହୁଛି । ମାନସିକ ସ୍ତରରେ ସନ୍ଦୀପ୍ ଭାଙ୍ଗି ପଡିଲା ସ୍ତ୍ରୀର ଅଲଗା ହେବାର ବିରହ ବେଦନା, କନ୍ୟାର ଅନୁପସ୍ଥିତି ଏକ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିଥିଲା । ତେବେ ସନ୍ଦୀପ୍‌ର ଦୃଢ଼ ମନୋବଳ ତା'ର ଚାକିରୀ ଜୀବନ ତାକୁ ଏକ ଅଲଗା ଦୁନିଆ ଆଡକୁ ଧୀରେ ଧୀରେ ଆକର୍ଷିତ କରିଥିଲା । ଜଣେ ଜ୍ଞାନୀ ସଚ୍ଚୋଟ ଅଫିସର ହିସାବରେ ତାକୁ ସମସ୍ତେ ଜାଣିଥିଲେ ପ୍ରଶଂସା ମଧ୍ୟ କରୁଥିଲେ । ଝିଅ ବଡ ହୋଇଗଲା, ଇଞ୍ଜିନିୟର ହୋଇ ବିଦେଶ ଚାଲିଗଲା । ବାହା ମଧ୍ୟ ହୋଇଗଲା, ସନ୍ଦିପ ଅଜା ହେବାର ସୌଭାଗ୍ୟ ଲାଭ କଲେ ମଧ୍ୟ ନାତୁଣୀକୁ ନିଜ କୋଳରେ ଖେଳାଇ ବାର ଅଧିକାର ରୁ ବଞ୍ଚିତ ଥିଲା । ଝିଅ ସନ୍ଦୀପ୍ ସହିତ ମଝିରେ ମଝିରେ ଫୋନ୍ ଯୋଗେ କଥା ହୁଏ, ଦେଖା ମଧ୍ୟ କରେ । ଭାଗ୍ୟର ବିଡ଼ମ୍ବନା ଏହିକି ଯେ ତାର ପତ୍ନୀ କେବେ ବି ପଛକୁ ଫେରି ଚାହିଁ ନାହିଁ ।

ସନ୍ଦୀପ୍ ଚାକିରୀ କାଳ ମଧ୍ୟରେ ସଚ୍ଚୋଟ ଭାବେ ଅନେକ ଘରବାଡ଼ି ସମ୍ପତ୍ତି କରି ପାରିଛି । ଆବଶ୍ୟକତାଠାରୁ ଅଧିକ କୋଠା ବାଡ଼ି କରିବାର ଆଗ୍ରହ ତା'ର ଏକ ଦୁର୍ବଳତା ଥିଲା । ଅନେକ ବାର କଥା ଛଳରେ କହିଥିଲି, ଉପଦେଶ ଦେଇଥିଲି, କାହିଁକି ଏପରି କରି ଚାଲିଛୁ ରେ ଭାଇ ? କିଏ ଏହି ସବୁ ଭୋଗ କରିବ ? ଯେତିକି ଦରମା ମିଳୁଛି ନିଜେ ଖାଇ ପିଇ ଆରାମରେ ରହ । ଦୀନ ଦରିଦ୍ର ପରି ଜୀବନ ବିତାଇ ସମ୍ପତ୍ତି ବଢ଼ାଇ କ'ଣ ଲାଭ ପାଇବୁ ? ବରଂ ଯଦି ଟଙ୍କା ବଳୁଛି ତେବେ କିଛି ଗରିବ ମେଧାବୀ ଛାତ୍ର ମାନଙ୍କୁ ମାଗଣା ଶିକ୍ଷାର ବନ୍ଦୋବସ୍ତ କରି ଦେ, ଭଗବାନ ଆଶୀର୍ବାଦ କରିବେ । କିନ୍ତୁ ସତ କହିବାକୁ ଗଲେ ଜଣେ କୃପଣ ପ୍ରକୃତିର ବ୍ୟକ୍ତି ସଦା ସର୍ବଦା 'ମୋର ମୋର' କହି କିଛି ଖର୍ଚ୍ଚ କରି ନଥାଏ । ଲକ୍ଷ ଲକ୍ଷ ବା କୋଟି କୋଟି ଟଙ୍କା ତା'ର ମଲା ପରେ ଭୂତ ଖାଇ ଯାଆନ୍ତି । ବିଶ୍ୱବିଜୟୀ ଆଲେକ୍ଜାଣ୍ଡାର ମୃତ୍ୟୁ ପୂର୍ବରୁ କହିଥିଲେ ଯେ, ସେ ମରିଗଲା ପରେ ତାଙ୍କ ହାତ ଦୁଇଟିକୁ ଖୋଲି ତଳକୁ ଝୁଲାଇ ଦେବେ । ଜନତା ଜାଣିବେ ମରିଗଲା ପରେ କେହି କିଛି ନେଇକରି ଯାଆନ୍ତି ନାହିଁ । ସ୍ୱର୍ଜିତ ସମ୍ପତ୍ତି ସନ୍ଦୀପ୍‌ର କଷ୍ଟ ବହୁଗୁଣରେ ବଢ଼ାଇ ଦେଇଥିଲା । ରକ୍ଷଣା ବେକ୍ଷଣ ଠାରୁ ଆରମ୍ଭ କରି ଭଡା ଦେବା ଭଲ ମନ୍ଦ ସବୁ ବୁଝିବା ନିଜେ ହିଁ କରୁଥିଲା, ତା'ର କାହାରି ଉପରେ ବିଶ୍ୱାସ ରହୁ ନଥିଲା । ଏକୁଟିଆ ଜୀବନ ଭିତରେ ରକ୍ତର ସମ୍ପର୍କ ମାନେ ଧିରେ ଧିରେ ଦୂରେଇ ଯାଇଥିଲେ । ଆଉ ଯେଉଁ ମାନେ ଥିଲେ ସେମାନେ କେବଳ ଚାହିଁ ବସିଥିଲେ ତାଙ୍କୁ କିପରି କି ଉପାୟରେ ସନ୍ଦୀପ୍‌ର ସମ୍ପତ୍ତି ଟଙ୍କା ପଇସା ମିଳିଯିବ । ସ୍ୱାର୍ଥପର ଦୁନିଆରେ ଆଉ କ'ଣ ବା ଆଶା କରାଯାଇ ପାରେ ?

ଏକୁଟିଆ ଜୀବନ ଭିତରେ ଜଣେ ସାଥୀର ଆବଶ୍ୟକତାକୁ କେହି ଅସ୍ୱୀକାର କରିବେ ନାହିଁ । ମାନସିକ, ଶାରୀରିକ ଭାରସାମ୍ୟ ରଖିବା ପାଇଁ ଏହା ଜରୁରୀ । ଚାକିରୀ କାଳରେ ଅନେକ ସ୍ଥାନରେ ଇଚ୍ଛା ଥାଇ ମଧ୍ୟ ତାକୁ ତା'ର ମନ ପସନ୍ଦର ସାଥି ଟିଏ ମିଳି ନଥିଲା । ଜୀବନର ଅପରାହ୍ନରେ ସାଥିଟିଏ ପାଇବାକୁ ମନ ଖୁବ୍ ବ୍ୟାକୁଳ ହୁଏ । ସନ୍ଦୀପ୍ କ୍ଷେତ୍ରରେ ତାହାହିଁ ଘଟିଥିଲା ଜଣେ ମହିଳା ତା ଜୀବନରେ ଆସିଥିଲେ । ଦୁହେଁ ଦୁହିଁଙ୍କୁ ଅନ୍ତର ଦେଇ ଭଲ ପାଇବାକୁ ଆରମ୍ଭ କରିଦେଲେ । ଧୀରେ ଧୀରେ ଦୁହିଁଙ୍କ ସମ୍ପର୍କ ଦୃଢ଼ ହୋଇ ଗଲା । ବନ୍ଧୁଙ୍କ ଜୀବନରେ ଆସିଥିବା ମହିଳାଙ୍କ ବିଷୟରେ ଯେତିକି ଜାଣିଛି ତାହା ହେଲା ସେହି ମହିଳା ଜଣକ ମଧ୍ୟ ଜୀବନରେ ଶାନ୍ତି ଅପେକ୍ଷାରେ ସର୍ବସ୍ୱ ତ୍ୟାଗ କରି ଦେଇ ସାରିଥିଲେ । ତାଙ୍କର ପ୍ରାକ ଯୌବନ ପରେ ଯୌବନ ମଧ୍ୟ ଅତୀତ ହୋଇ ଯାଇଥିଲା । ଜୀବନରେ ଅନେକ ବସନ୍ତ ଆସି ତାଙ୍କୁ ଛୁଇଁ ଦେଇ ତା'ର ନିର୍ଦ୍ଦିଷ୍ଟ ସମୟରେ ଚାଲି ଯାଇଥିଲା, କୋଇଲିର କୁହୁ କୁହୁ ମଧୁର ସ୍ୱର ଅନେକ ଥର କର୍ଣ୍ଣ ଗହ୍ୱରରେ ପ୍ରବେଶ କରି ପ୍ରେମର ଆବେଗ ସୃଷ୍ଟି କରି ଥିଲା । ନାଲି ବାନରସି ଶାଢ଼ୀ ପିନ୍ଧି ବେଦୀରେ ଭାବୀ ସ୍ୱାମୀଙ୍କ ଠାରୁ ସିନ୍ଥିରେ ସିନ୍ଦୂର ପିନ୍ଧିବା ହୁଏତ ଏକ ସ୍ୱପ୍ନ ପରି ମନେ ହେଉଥିଲା । ଭାଗ୍ୟର ବିଡ଼ମ୍ବନା ଇଚ୍ଛା ଥିଲେ ମଧ୍ୟ ସ୍ୱାର୍ଥପର ପରିବାର ନିଜ ସ୍ୱାର୍ଥ ପାଇଁ ତାଙ୍କୁ ବିବାହ ଦେଇ ନଥିଲେ । ଶାରୀରିକ ଅସୁସ୍ଥତା ତଥା ମାନସିକ ସନ୍ତୁଳନର ଘୋର ଅଭାବ, ଜୈବିକ ଆବଶ୍ୟକତା, ଇତ୍ୟାଦି କଷ୍ଟରେ ଘାଣ୍ଟି ହେଉଥିବା ମହିଳା ଜଣକ ଅଥଳ ଜଳ ରାଶି ଭିତରେ ଜୀବନ ସଂଗ୍ରାମ କରୁଥିବା ସମୟରେ ମୋର ବନ୍ଧୁଙ୍କ ନଜରକୁ ଆସି ଯାଇଥିଲେ । ଆକର୍ଷଣରୁ ସମ୍ପର୍କ କହିବା ଭୂଲ ହେବ ଏଠାରେ ଆବଶ୍ୟକତାରୁ ସମ୍ପର୍କ କହିବା ଠିକ୍ ବୋଲି ମୋର ହୃଦ୍‌ବୋଧ ହୁଏ । ସେ ଯାହା ହେଉ କଥାରେ ଅଛି ' କୁଛ ତୋ ଲୋଗୋ କହେଁଗେ .... ତେଣୁ କାହାରି କହିବାକୁ ନଜର ନ ଦେଇ ଦୁହେଁ ଆପୋଷ ବୁଝାମଣାରେ ଏକତ୍ରିତ ହୋଇ ଯିବାକୁ ଶ୍ରେୟ ମଣିଲେ । ତଥାପି ଅନେକ ସମୟରେ ମହିଳା ଜଣକ ତାଙ୍କ ପରିବାରର ଡ଼ାକରାରେ ବନ୍ଧୁଙ୍କୁ ଛାଡି କିଛି ଦିନ ଚାଲି ଯାଆନ୍ତି, ପୁଣି କାର୍ଯ୍ୟ ସାରି ଫେରି ଆସନ୍ତି । ସେଇ କେତୋଟି ଦିନ ବନ୍ଧୁ ଖୁବ୍ ଅସହାୟ ହୋଇ ଯାଆନ୍ତି , ବାନ୍ଧବୀଙ୍କ ଅନୁପସ୍ଥିତି ତାଙ୍କୁ ଖୁବ୍ କଷ୍ଟ ଦିଏ । ମୋର ବନ୍ଧୁ ତାଙ୍କୁ ପାଇ ଜୀବନର ସର୍ବସ୍ୱ ପାଇବାର ସୁଖ ଅନୁଭବ କରୁଥିଲେ , ବଞ୍ଚିବା ପାଇଁ ଏହାହିଁ ଏକ ଶୁଭ ସୂଚନା ଥିଲା । ମୋର ବନ୍ଧୁ ବାନ୍ଧବୀଙ୍କ ସହିତ ସ୍ୱର୍ଗର ନନ୍ଦନ କାନନରେ ପରିକ୍ରମା କରୁଥିଲେ, ପାରିଜାତ ପୁଷ୍ପର ମହକରେ ଆତ୍ମହରା ହୋଇ ଯାଉଥିଲେ, ଐରାବତ ହସ୍ତୀ ଉପରେ ବସି ସ୍ୱର୍ଗକୁ ନିରେଖି ଦେଖୁଥିଲେ । ଦେବା ଦେବୀଙ୍କ ଦର୍ଶନ ସହିତ ଆଶୀର୍ବାଦ ଗୋଟାଉ ଥିଲେ । ଭଦ୍ର ମହିଳା ମଧ୍ୟ ଜୀବନର ବାକି ଥିବା ଅର୍ଦ୍ଧାଧିକ ସମୟକୁ ମୋର ବନ୍ଧୁଙ୍କ ପାଇଁ ଉତ୍ସର୍ଗିକୃତ କରି ଦେଉଥିଲେ ।

ତେବେ ମୋ ମନରେ ଅନେକବାର ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରେ ଅନେକ ଚିନ୍ତା କରି ମଧ୍ୟ ଏହାର ଉତ୍ତର ଖୋଜିବା ମୋ ପକ୍ଷରେ ସମ୍ଭବ ହୁଏ ନାହିଁ । ଅନେକ ଥର ବନ୍ଧୁଙ୍କୁ ଏହି ବିଷୟରେ ଜାଣିବାର ଆଗ୍ରହ ନେଇ ପ୍ରଶ୍ନ କରେ ତାଙ୍କ ଉତ୍ତର ମଧ୍ୟ ମୋ ମନକୁ ଠିକ୍ ଭାବେ ବୁଝାଇ ପାରେ ନାହିଁ । ଭଦ୍ର ମହିଳା ବନ୍ଧୁଙ୍କ ଦୁର୍ବଳତାର ସୁଯୋଗ ନେଉ ନାହାନ୍ତି ତ ? ଏତେ ମିତବ୍ୟୟୀ, ଏତେ କଠୋର ନିର୍ଣ୍ଣୟ ନେଉଥିବା ବ୍ୟକ୍ତିଟି କିପରି ଏତେ ନମନୀୟ ଦୁର୍ବଳ ହୋଇ ଗଲେ ? ଅକୁଣ୍ଠ ଚିତ୍ତରେ ଭଦ୍ର ମହିଳାଙ୍କ ପାଇଁ ଅର୍ଥ ବ୍ୟୟ ତଥା ମହିଳାଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ ମଧ୍ୟ ହୃଦୟ ଖୋଲି ଦେଉଥିଲେ ? ଏକ ବିଚିତ୍ର ଅନୁଭୂତିକୁ ନେଇ ମୁଁ ବନ୍ଧୁଙ୍କ ଚରିତ୍ର ଚିତ୍ରଣ କରୁଥିଲି କିନ୍ତୁ କିଛି ନକାରାତ୍ମକ୍ ଷୟ ମୋର ଦୃଷ୍ଟି ଆକର୍ଷଣ କରି ପାରୁ ନ'ଥିଲା । ଚରିତ୍ର ଏମିତି ଏକ ଶବ୍ଦ ଯାହାକୁ ତର୍ଜମା କରିବା କଷ୍ଟ କର୍ ଷୟ , ତେବେ ମୋର ବନ୍ଧୁଙ୍କର ଚାରିତ୍ରିକ ଦୋଷ ତ୍ରୁଟି ଆଦୌ ନ'ଥିଲା, ଥିଲା ଏକ ନୈସର୍ଗିକ ପ୍ରେମର ବନ୍ଧନ ତଥା ଭବିଷ୍ୟତରେ ପରସ୍ପରର ଦାୟିତ୍ୱ ନେବାର ସଂକଳ୍ପ ଏବଂ ତ୍ୟାଗର ଅନନ୍ୟ ଉଦାହରଣ । ଶୃଙ୍ଖଳ ବିହୀନ ବନ୍ଧନରେ ବାନ୍ଧି ହୋଇ ଯାଇଥିବା ବନ୍ଧୁ ଖୁସି ଥିଲେ ତା ଠାରୁ ଆଉ ବଡ଼ କଥା କ'ଣ ହୋଇ ପାରେ ?

ବନ୍ଧୁଙ୍କ ଶେଷ କଥା ମନେ ପଡି ଯାଏ ଥରେ ସେ କହୁଥିଲେ 'ମୋର ସବୁ ସମ୍ପତ୍ତି ମୁଁ ଉଇଲ୍ କରି ଦେଇଛି' । ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଭଦ୍ରମହିଳା ଯେ କି ତାଙ୍କ ଜୀବନର ହୃତସ୍ପନ୍ଦନ ଥିଲେ ତାଙ୍କ ପାଇଁ ମଧ୍ୟ ଗୋଟିଏ ଭାଗ ରଖି ଦେଇଛନ୍ତି । ପ୍ରକୃତରେ ତାହା ହିଁ ହେଲା ଉଇଲ୍ ରେ ସେ କାହାରିକୁ ପାତର ଅନ୍ତର କରି ନାହାନ୍ତି, ମନେ ହେଉଥିଲା ଅବସରପ୍ରାପ୍ତ ବିଚାରପତିଙ୍କ ଶେଷ ବିଚାର ଖୁବ୍ ସଠିକ୍ ତଥା ନ୍ୟାୟିକ ଥିଲା । ଜୀବନ ଯାତ୍ରାରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିବାହିତା ପତ୍ନୀ ମୁହଁ ଦେଖାଇଲେ ନାହିଁ କିମ୍ବା ଛାଡ ପତ୍ର ମଧ୍ୟ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଆଇନ୍ ଅନୁଯାୟୀ ବନ୍ଧୁଙ୍କ ଅବସରକାଳୀନ ପେନ୍ସନ୍‌ରୁ ଅର୍ଦ୍ଧେକ ସେ ପାଇବାକୁ ହକ୍‌ଦାର ହେଲେ । ଲିଭ-ଇନ୍ ରେ ରହିଥିବା ଭଦ୍ର ମହିଳା କିଛି ଆଶା ନ'କରି ମଧ୍ୟ ତାଙ୍କ ଉଇଲ୍ ଅନୁଯାଇ ସମ୍ପତ୍ତିର ଅଧିକାରୀ ହୋଇ ଗଲେ । ପରିବାରର ଅନ୍ୟ ମାନେ ମଧ୍ୟ ନିଜ ଅଧିକାର ସାବ୍ୟସ୍ତ କରି ଖୁସି ଥିଲେ । ତେବେ ପ୍ରଶ୍ନ ଏଠି ଭୂଲ କାହାର ? କିଏ ଜୀବନରେ ସର୍ବାଧିକ କ୍ଷତି ସହିଲେ ? କାହା ପାଇଁ ଏତେ ସବୁ ଘଟିଗଲା ? ଏଥିରେ କେବଳ ସାମାନ୍ୟ ଭୂଲ ବୁଝାମଣା, ଅହଙ୍କାର ପାଇଁ ସାରାଜୀବନ ମୋର ବନ୍ଧୁ ଏବଂ ତାଙ୍କ ବିବାହିତା ପତ୍ନୀ କଷ୍ଟ ପାଇବା ଛଡା କିଛି ସୁଫଳ ମିଳିଲା ନାହିଁ । ମହୁମାଛିର ସବୁ କଷ୍ଟ ସଞ୍ଚିତ ମହୁ ଅନ୍ୟମାନେ ଲୁଟି ନେଲେ । ଜୀବନରେ କାହାର ଭୂଲ ଠିକ୍ ବାଛିବା ବଡ଼ କଷ୍ଟକର କାର୍ଯ୍ୟ । ତେବେ ଭଗବାନଙ୍କୁ ପ୍ରାର୍ଥନା ଏପରି ଭୂଲ ଜୀବନରେ କେହି ନ କରନ୍ତୁ ।

+ସ୍ନେହ କୁଟୀର, ଝାଞ୍ଜିରୀମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭



# ଦୁଃଖୀଜନ

ପ୍ରଫୁଲ୍ଲ ବାରିକ

ରବିବାର ଥାଏ । ବନ୍ଦନାର ଫର୍ମାଇସ ଆଜି ମଲ ଯିବ । ନିଜପାଇଁ କିଛିସହ ପୁଅପାଇଁ ଜୋତା ସକ୍ସ ଓ ସ୍କୁଲବ୍ୟାଗ ଆଣିବ । ବିଜନ କହିଲା, ଦିନରେ ଖରା ଗରମ । ମଲ ଓ କାରରେ ଏସି ଥିଲେବି ବଜାର ସାରାତ ଏସି ନାହିଁ । ସନ୍ଧ୍ୟାକୁ ଯିବା । ଏମିତି ସେମାନେ ପ୍ରାୟ ସନ୍ଧ୍ୟାରେ ଯାଆନ୍ତି ବାହାରକୁ ବୁଲି । ବନ୍ଦନା ସେଇ ଅନୁଯାଇ ପ୍ରସ୍ତୁତ ରହିଲା । ସନ୍ଧ୍ୟାକୁ ବାହାରିଲେ ସେମାନେ ମଲ ଅଭିମୁଖେ ।

ମଲର ଅନତି ଦୂରରୁ ବିଜନ ଦେଖିଲା ମଲ ସାମ୍ନାରେ ଭର୍ତ୍ତି ଗାଡି । ତାଙ୍କ କାର ରଖିବାକୁ ଜାଗା ଇଞ୍ଚେ ନାହିଁ । ସମସ୍ତଙ୍କର ମଲ ବୁଲିବା ଏଇ ସମୟକୁ ।

ସାମାନ୍ୟ ଦୂରତାରେ ବିଜନ କାର ପାର୍କକଲା । ସମସ୍ତେ ଓହ୍ଲେଇଲେ । ଦୃଶ୍ୟଟିଏ ଆଖିରେ ପଡିଲା ବିଜନର । ଗଦାଏ ଲୋକ ରୁଣ୍ଡ ହେଇଛନ୍ତି ରାସ୍ତା କଡ଼କୁ । ତାଙ୍କଠାରୁ ସାମାନ୍ୟ ଦୂରରେ । ସମସ୍ତଙ୍କ ମନ ବିସନ୍ନ । ଠିଆ ହେଇଛନ୍ତି ଚୁପଚାପ । ନିରବତା ଛାଇରହିଛି ସ୍ଥାନଟିକୁ । ବିଜନ ମନରେ କୌତୁହଳ ଆସିଲା । ଚାହିଁଲେବି ପାଦ ଆଗେଇଲାନି ମଲକୁ । ବନ୍ଦନାକୁ କହିଲା, ତମେ ଚାଲ । ଦେଖି ରଖୁଥିବ । ମୁଁ ଗଲେ କରିବି ପେମେଣ୍ଟ । ବନ୍ଦନା ପୁଅ ବାବୁଲିକୁ ଧରି ଚାଲିଲା ମଲକୁ ।

ବିଜନ ଆସିଲା ଲୋକ ରୁଣ୍ଡ ହେଇଥିବା ସ୍ଥାନକୁ । ଆସି ଯାହା ଦେଖିଲା ବିଶ୍ୱାସୀ ପାରିଲାନି ଆଖିକୁ । ମହିଳାଟିର ନିର୍ଜୀବ ଶରୀର ପଡିଛି ଭୂଇଁରେ । ପାଟି ନାକରେ ମାଛି ବସିଲେଣି । ତାର କୁନି ପିଲାଟି ମାଆର ପଣତ ଭିଡି କାନ୍ଦୁଚି କୁନ୍ହେଇବା ପରି । ତା ମୁହଁରେ ଶବ୍ଦ ସ୍ଥିର ହେଇ ଆସିଲାଣି । ବିଜନ ଲୋକଙ୍କ ଭିତରୁ ଜଣକୁ ପଚାରିଲା, ଭାଇ ସେ ମଲା କିମିତି ? କୋଉ ଆକ୍ସିଡେଣ୍ଟରେ କି ? ଲୋକଟି କହିଲା, ନା ସିମିତି କିଛି ନୁହେଁ । ବିଚାରି ଖାଇ ନଥିଲା ତିନଚାରି ଦିନରୁ । ପଡିପଡି ଭୋକ ଆଉ ଖରାତାତିରେ ଟଳି ପଡିଲା । ଏଇ ଦ୍ୱିପହରର ଘଟଣା । ସଦ୍ୟ ।

ବିଜନ ଆଉ ଠିଆହେଇ ପାରିଲା ନାହିଁ । ତାକୁ ଲାଗିଲା ସିଏଇ ମାରିଛି ତାକୁ । ତା ମୃତ୍ୟୁର କାରଣ ସିଏ ନହେଲେବି ଚାହିଁଥିଲେ ସେ ବଂଚେଇ ପାରିଥାଆନ୍ତା ଅନାୟାସରେ କେଇଦିନ ।

ବିଜନ ଏକ ଦୋଷୀ ଦୋଷୀ ଭାବନେଇ ଆସିଲା ମଲକୁ । ବନ୍ଦନା ଜିନିଷ ବାଛି ପ୍ୟାକ କରେଇ ସାରିଥାଏ । ବିଜନ ବିନା ବାକ୍ୟ ବ୍ୟୟରେ କାଉଣ୍ଟର ଯାଇ ପେମେଣ୍ଟ କରିଦେଲା । ଗାଡିର ବସିବା ବେଳେ ଅନ୍ୟମନସ୍କ ହେଇ ବାରବାର ଚାହୁଁଥାଏ ସିଆଡେ, ଯୁଆଡେ ଏବେବି ଲୋକଙ୍କ ଗହଳି । ବିଜନର ଚୁପ ଓ ଅନ୍ୟମନସ୍କତା ଦେଖି ବନ୍ଦନା ପଚାରିଲା କାରଣ ସମ୍ପର୍କରେ । ବିଜନ କହିଲା କିଛି ନାହିଁ । ଘରକୁ ଚାଲ କହିବି । ଘରେ ପହଂଚୁ ପହଂଚୁ ବନ୍ଦନାର ଆଗ୍ରହ ଶୁଣିବାକୁ । ବିଜନ କହିଲା, ଗତକାଲି ଅଫିସରୁ ଫେରିବା ବେଳେ ଗାଡିରଖି ପରିବା ନେଲି । ଡୋରଦେଇ ଗାଡି ଷ୍ଟାର୍ଟ କରୁଛି ଭିକାରୁଣୀଟିଏ ତା ଶିଶୁ ସନ୍ତାନକୁ କାଖରେ ଜାକି କାଚ ଠକ ଠକ କଲା ମୋ କାରରେ । ମୁଁ ଅନେଇବାରୁ ସିଏ ହାତଯୋଡି ମାଗିଲା । ବୟସ ବେଶୀ ନହେଇଥିଲେବି ତା ଅବସ୍ଥା ତାକୁ ବୁଢୀଟିଏର ଭ୍ରମ ସୃଷ୍ଟି କରୁଥାଏ । ଅନେଇ ହେଉନଥାଏ ଦାରିଦ୍ର୍ୟଢଙ୍କା ତା ଶରୀରକୁ । ପିନ୍ଧା ଶାଢ଼ୀ ବୋଲି ଚିରା କନାଖଣ୍ଡେ । ପିନ୍ଧି ଅପିନ୍ଧା । କିଛି ଦେବାକୁ ମୁଁ ପକେଟରେ ହାତ ପୁରେଇଲି । ସାନ କିଛି ନଥିଲା । ଖାଲି ଶହେ ଟଙ୍କିଆ ନୋଟ କେଇଖଣ୍ଡ ହାତକୁ ଲାଗିଲା । ମୁଁ ହାତ ହଲେଇ ମନାକଲି । ସେ ପାଟିକୁ ଠାରି ଖାଇବାକୁ ମାଗିଲା । କ'ଣ ମୁଁ ଦେଇଥାନ୍ତି ତାକୁ । ଏକ୍ସିଲିଟର ଦେଇ ଗାଡି ଗଡେଇଲି ଆଗକୁ । ରାତିରେ ଶୋଇ ପାରିନି । ତା ରୂପ ଓ ତା ଅନୁନ୍ୟର ଚିତ୍ର ନାଚିଲା ମୋ ଆଖିରେ ସାରାରାତି । ଏବେ ଦେଖିଲି ଭିକାରୁଣୀଟି ମରି ପଡିଛି ।

-- ତା ପିଲା ?

ଚମକିବା ପରି ପଚାରିଲା ବନ୍ଦନା ଆଗ୍ରହରେ ।

--- ବସି କାନ୍ଦୁଚି ମାଆ ଲୁଗା କାନୀକୁ ଧରି । ତମେ ମଲକୁ ଯିବାବେଳେ ମୁଁ ଦେଖି ଆସିଲି । ଲୋକ ରୁଣ୍ଡ ହେଇଛନ୍ତି । ପଚାରିବାରୁ କହିଲେ, ଖାଇବା ବିନା ବିଚାରି ମରିଗଲା ।

ଶେଷଶବ୍ଦ କହୁଥିବା ବେଳେ ବିଜନର କଣ୍ଠ ଥରୁଥିଲା । ବନ୍ଦନା କହିଲା, ତମେ ଏତେ ବ୍ୟସ୍ତ ହେଉଛ କାଇଁକି ? ସେମାନଙ୍କ ଅବସ୍ଥାଇ ଏଇଆ । ତାଙ୍କ ଜନ୍ମ ଯିମିତି, ମୃତ୍ୟୁବି ସିମିତି । ବିଜନ କହିଲା, କାଲି ଯଦି ମୁଁ ଶହେଟଙ୍କା ଦେଇଥା'ନ୍ତି ତା ହାତକୁ ଆଜି ସେ ମରି ନଥାଆନ୍ତା । ପାପୀ ମୁଁ । ଟଙ୍କାଟିଏ ଦେଇ ତା ମୁହଁରେ ଦାନାମୁଠେ ପକେଇ ପାରିଲି ନାହିଁ । ଧିକ ମୋ ମଣିଷ ପଣିଆକୁ ।

ଅଧିକ କିଛି ନକହି ବିଜନ ଉଠିଗଲା ବନ୍ଦନା ପାଖରୁ । ଅନେଇଥାଏ ବନ୍ଦନା ବଲବଲ କରି ଓ ଦେଖୁଥାଏ ବିଜନଙ୍କ ମନର ଗଭୀର କ୍ଷତକୁ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫



# କେନ୍ଦ୍ରାପଡା ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିବାଦ ଦିବସ ପାଳନ

କେନ୍ଦ୍ରାପଡା, ୦୩/୦୫ (ନି.ପ୍ର): କେନ୍ଦ୍ରାପଡା ସାମ୍ବାଦିକମାନଙ୍କ ନ୍ୟାୟୋଚିତ ଦାବି ଭତ୍ତା, ସୁରକ୍ଷା ଓ ସ୍ୱୀକୃତି ପୂରଣ କରିବାରେ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ଶ୍ରମିକ ଦିବସକୁ ପ୍ରତିବାଦ ଦିବସ ରୁପେ ପାଳନ କରିଛି । ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ) ଡାକରାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଶତାଧିକ ସାମ୍ବାଦିକ କଳାବ୍ୟାଜ ପରିଧାନ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନରେ ରାଜ୍ୟର ସବୁ ଜିଲାରେ ସାମ୍ବାଦିକମାନେ ପ୍ରତିପାଦ ଦିବସ ପାଳନ କରୁଥିବା ବେଳେ କେନ୍ଦ୍ରାପଡ଼ାରେ ମଧ୍ୟ ଅନୁରୂପ ଭାବେ ପାଳନ କରାଯାଇଥିଲା । ସରକାର ବିନା ଦାବିରେ ଅନେକ ଯୋଜନା ପ୍ରଣୟନ କରି ଲୋକମାନଙ୍କୁ ହଜାର ହଜାର କୋଟି ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି । ସାମ୍ବାଦିକମାନେ ଝଡ଼ ତୋଫାନରେ ୨୪ ଘଂଟା ଧରି ଲୋକଙ୍କୁ ସେବା ଯୋଗାଦେଉଥିବା ବେଳେ ସେମାନଙ୍କ ପାଇଁ ସରକାର ଆଖି ବୁଜି ଦେଇଛନ୍ତି । ଦୀର୍ଘଦିନ ଧରି ସାମ୍ବାଦିକମାନଙ୍କୁ ଭତ୍ତା, ସୁରକ୍ଷା ଓ ସ୍ୱୀକୃତି ପ୍ରଦାନ ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି । ଏହାର ପ୍ରତିବାଦରେ ଓୟୁଜେ ଆଗାମୀ ଦିନରେ ଆନ୍ଦୋଳନକୁ ତିବ୍ରତର କରିବ । ଶ୍ରମିକ ଦିବସରୁ ପ୍ରତିବାଦ ଦିବସ ଆଧାରରେ ଆନ୍ଦୋଳନ ଆରମ୍ଭ କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ପରେଶ ଦାସଙ୍କ ନେତୃତ୍ୱରେ ଶତାଧିକ ସାମ୍ବାଦିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଏକ ପ୍ରତିବାଦ ସଭାରେ ଦାବି ଉପସ୍ଥାପନ କରିବା ସହିତ ସରକାରଙ୍କ ଅବହେଳାକୁ ସମାଲୋଚନା କରିଥିଲେ । ସଂଘ ସାଧାରଣ ସଂପାଦକ ଜଗନ୍ନାଥ ଦାସ ଆନ୍ଦୋଳନ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିବା ବେଳେ ଅକ୍ଷୟ ସାହୁ, ସାବିର ଖାନ୍, ଧୀରେନ୍ଦ୍ର ମିଶ୍ର, ପ୍ରମୋଦ ପ୍ରଧାନ, ସୋମନାଥ ସାହୁ, ଜ୍ୟୋତିର୍ମୟ ଜେନା, ସୁଶାନ୍ତ ଦାଶ, ପରାମର୍ଶଦାତା ବସନ୍ତ କୁମାର ହାତୀ, ପରାମର୍ଶଦାତା ଶ୍ରୀକାନ୍ତ ନାୟକ, ବେଦର୍ଗ୍ଣା ଅଜୟ ଦାସ, ଖୁର୍ସିଦ ଆଲାମ ଖାନ୍, ସୁକାନ୍ତ ଦାଶ, ସୁବାସ ସାମଲ ପ୍ରତାପ ଲେଙ୍କା, ଆଶୋକ ସ୍ୱାଇଁ, ସଚିକାନ୍ତ ବେହେରା, ଅଲେଖ ପରିଡ଼ା, ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ବିଶ୍ୱାଳ,ଦୁର୍ଗାପ୍ରସାଦ ପତି, ଅଭିରାମ ଦାସ, ଶିବ ପ୍ରସାଦ ପରିଜା, ଶ୍ରୀକାନ୍ତ ନାୟକ, ସମୀର ଦାସ, ବରୋଦା ପ୍ରସନ୍ନ କର, ସୁବାସ ସାହୁ, ଅମର ବିଶ୍ୱାଳ, ଇଂ. ମାନସ ମହାନ୍ତି, ଭବାନୀ ଶଙ୍କର ପଣ୍ଡା, ଲକ୍ଷ୍ମୀକାନ୍ତ ନାୟକ, ଧରଣୀଧର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରତିବାଦ ସ୍ଥଳକୁ ଆସି ଏହି ଦାବିପତ୍ରକୁ ଗ୍ରହଣ କରିବା ସହ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି କହିଥିଲେ । ଧାରଣା ସ୍ଥଳରେ ଅତିଥି ଭାବେ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ଓ ସମବାୟବିତ ପ୍ରମୋଦ କୁମାର ସାହୁ ଆସି ସାମ୍ବାଦିକମାନଙ୍କ ଦାବିକୁ ସମର୍ଥକ କରି ସରକାର ଏହି ଦାବିକୁ ତୁରନ୍ତ ପୂରଣ କରିବା ଉଚିତ ବୋଲି କହିଥିଲେ । ବିଧାୟକ ଗଣେଶ୍ୱର ବେହେରା ଭୁବନେଶ୍ୱରରୁ ସମର୍ଥନ କରି ସମର୍ଥନ ବାର୍ତ୍ତା ପଠାଇଥିଲେ ।

# କୋରାପୁଟରେ କୋଡିଙ୍ଗାମାଳି ଖଣିଖନନ ଓ ନ୍ୟାୟସଂଗତ ଜନଶୁଣାଣି ପାଇଁ ଦାବି

ଜୟପୁର, ୦୩/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ପ୍ରସ୍ତାବିତ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିର କ୍ଷମତା ୩ ମିଲିୟନ୍ ଟନ୍ ପ୍ରତି ବର୍ଷରୁ ୬ ଏମ୍ଟିପିଏକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଏବେ ବୃହତ୍ ଜନ ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀ, ଲୋକପ୍ରତିନିଧି ତଥା ବୁଦ୍ଧିଜୀବୀ ଓ କୋଡିଙ୍ଗାମାଳି ଅଞ୍ଚଳିକ ବିକାଶ ପରିଷଦ ଏବଂ କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ସଦସ୍ୟମାନେ ଏହି ବିସ୍ତାର ପ୍ରସ୍ତାବକୁ ଦୃଢ଼ ଭାବେ ବିରୋଧ କରିଛନ୍ତି । ସେମାନଙ୍କ ମତରେ ଅନିୟନ୍ତ୍ରିତ ଖଣି ଖନନ ଅଞ୍ଚଳର ଦୀର୍ଘସ୍ଥାୟୀ ଆର୍ଥିକ ଭବିଷ୍ୟତକୁ ସଙ୍କଟରେ ପକାଇବ । ତେଣୁ ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପରିବର୍ତ୍ତନ କରିବାକୁ ଅଞ୍ଚଳରେ ଦାବି ହୋଇଛି । ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ କୋଡିଙ୍ଗାମାଳି ଖଣିରେ ବର୍ତ୍ତମାନ ପ୍ରାୟ ୫୦ ମିଲିୟନ୍ ଟନ୍ ବକ୍ସାଇଟ୍ ମହଜୁଦ ଅଛି । ସମ୍ପ୍ରତି ଓଏମସି ପ୍ରାୟ ୩.୬ ଏମ୍ଟିପିଏ ବକ୍ସାଇଟ୍ ଖନନ କରୁଛି, ଏଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଏକ ଆଲୁମିନିୟମକୁ ଯୋଗାଣ ହେଉଛି । କିନ୍ତୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ଦୃଢ଼ ପ୍ରତିବାଦ ଜଣାଇଛନ୍ତି । ଉକ୍ତ ଖଣିରୁ ବାର୍ଷିକ ବକ୍ସାଇଟ୍ ଉତ୍ତୋଳନ କ୍ଷମତା ଦ୍ୱିଗୁଣ ହେବା ଦ୍ୱାରା ଖଣିରେ କଞ୍ଚାମାଲ ଦ୍ରୁତ ଗତିରେ ହ୍ରାସ ପାଇଛି । ଏବଂ ଆଗାମୀ ୭ରୁ ୮ ବର୍ଷ ମଧ୍ୟରେ ଖଣି ସମ୍ପୂର୍ଣ୍ଣ ଭାବେ ସରିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଫଳରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ରାୟଗଡ଼ା ଜିଲ୍ଲାର କାନସାରିଗୁଡାରେ ପ୍ରସ୍ତାବିତ ୮,୦୦୦ କୋଟି ଟଙ୍କା ବ୍ୟୟରେ ଆଦିତ୍ୟ ଆଲୁମିନା ରିଫାଇନେରୀକୁ କିଭଳି ଭାବେ କଞ୍ଚାମାଲ ଯୋଗାଣ ହେବ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଓଏମସି ତଥା ରାଜ୍ୟ ସରକାର ଏହି କମ୍ପାନୀ ସହ କୋଡିଙ୍ଗାମାଳି ଖଣିରୁ ୧୫ ବର୍ଷ ପାଇଁ ବକ୍ସାଇଟ୍ ? ଯୋଗାଣ ଚୁକ୍ତି ସ୍ୱାକ୍ଷର କରିସାରିଛନ୍ତି । ଏବଂ ଆସନ୍ତା ଦୁଇ ବର୍ଷ ମଧ୍ୟରେ ରିଫାଇନେରୀ କାର୍ଯ୍ୟାରମ୍ଭ ହେବା ଆଶା କରାଯାଉଛି । ତେବେ ବର୍ତ୍ତମାନ ସ୍ଥିତିରେ ଖଣି ଖନନ କ୍ଷମତାକୁ ଦ୍ୱିଗୁଣିତ ଅର୍ଥାତ୍ ୬ ଏମଟିପିଏ କରାଗଲେ, ଆଦିତ୍ୟ ଆଲୁମିନା ପାଇଁ କ'ଣ ରହିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ପ୍ରଶ୍ନ କରିଛନ୍ତି । ଏଭଳି ବୃହତ୍ ପ୍ରକଳ୍ପ ପାଇଁ ଦଶକ ଧରି ନିରନ୍ତର କଞ୍ଚାମାଲ ଆବଶ୍ୟକ ଥିବାବେଳେ ଅନାଶୟ ଖଣି ଖନନ ଯୋଗୁଁ ଏହାର ଆଦିତ୍ୟ ରିଫାଇନେରୀର ଦୀର୍ଘମିୟାଦୀ ସ୍ଥାୟୀତ୍ୱ ପାଇଁ ବିରାଟ ପ୍ରଶ୍ନରେ ସୃଷ୍ଟି ହୋଇଛି । ଅନ୍ୟପଟେ ଗ୍ରାମବାସୀମାନେ ଖଣି ବିସ୍ତାର ସମ୍ପର୍କିତ ଜନଶୁଣାଣିକୁ ଯାହା ଆସନ୍ତା ମାସ ମେ ୧୬ ରିଖରେ କୋଡିଙ୍ଗାମାଳି ପରିବର୍ତ୍ତେ ରାୟଗଡ଼ାରେ କରିବା ନିଷ୍ପତ୍ତିକୁ ନେଇ ସଂଶୟ ଓ ପ୍ରଶ୍ନ କରିଛନ୍ତି । ପ୍ରଭାବିତ ଅଞ୍ଚଳରୁ ଜନଶୁଣାଣିକୁ କାହିଁକି ସ୍ଥାନାନ୍ତର କରାଯାଉଛି ? କାହାର ସ୍ୱାର୍ଥରେ ଏହା କରାଯାଇଛି ବୋଲି ଅଞ୍ଚଳ ବାସୀ ପ୍ରଶ୍ନ କରିବା ସହିତ ଏହି ଜନ ଶୁଣାଣି ସମ୍ପୂର୍ଣ୍ଣ ପାରଦର୍ଶିତା ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଦାବି କରିଛନ୍ତି । ସ୍ଥାନୀୟ ଲୋକେ ଆଦିତ୍ୟ ଆଲୁମିନା ଦ୍ୱାରା ଅଞ୍ଚଳରେ କରାଯାଉଥିବା ଉନ୍ନୟନମୂଳକ ପ୍ରୟାସକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ସେମାନଙ୍କ କହିବା ଅନୁସାରେ, କମ୍ପାନୀ ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ସ୍ଥାନୀୟ ଯୁବକଙ୍କୁ ପ୍ରଶିକ୍ଷଣ ଦେଇଛି, ୧ ହଜାରରୁ ଅଧିକ ଲୋକଙ୍କୁ ଚାକିରି ସୁଯୋଗ ଦେଇଛି ଓ ୧୪୦ କୋଟି ଟଙ୍କାର ବସ୍ତ୍ର ପ୍ରକଳ୍ପ ଶୁଭାରମ୍ଭ କରିଛି ।

## ଜୟପାଟଣା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିପିସିଙ୍କ ମୃତ୍ୟୁ

ମୁଖୀଗୁଡା, ୦୩/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଗ୍ରାମୀଣ ଗୃହ ଯୋଜନାରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ (ବିପିସି) ଚନ୍ଦନ ସାହୁ (୩୪)ଙ୍କ ମୃତ୍ୟୁ ଘଟିଛି । ସେ ଗତ ଗୁରୁବାର ଦିନ ବ୍ଲକ କାର୍ଯ୍ୟାଳୟରୁ କାମ ସାରି ପ୍ରାୟ ସାଢେ ଗୋଟାଏ ପରେ ନିଜ ଗାଁ କୋକସରା ବ୍ଲକ ଅନ୍ତର୍ଗତ ଚିକିଲିକୁ ଫେରିଥିଲେ । ଘରକୁ ପହଂଚି ଅସୁସ୍ଥ ଲାଗିବାରୁ ବିଶ୍ରାମ ନେଇଥିଲେ ପରେ କାଲି ସକାଳେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ହେବାପରେ ନିଜ ଗାଁ ଚିକିଲିକୁ ଫେରିଥିଲେ। ପୁଣି ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜୁନାଗଡର ଏକ ଘରୋଇ ନର୍ସିଙ୍ଗହୋମରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା ହେଲେ ଚିକିତ୍ସାଧିନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ଜୟପାଟଣା ବ୍ଲକର ଅଧିକାରୀ, ସହକର୍ମଚାରି ଓ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଅଂଶୁଘାତରେ ଚନ୍ଦନଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

## ଟ୍ରକ୍ ଧକ୍କାରେ ଲୁନା ଚାଳକଙ୍କ ମୃତ୍ୟୁ

ଭଦ୍ରକ, ୦୩/୦୫ (ନି.ପ୍ର): ଆଜି ଏକ ସଡକ ଦୁର୍ଘଟଣାରେ ଜଣେ ଟିଭିଏସ୍ ଲୁନା ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ପରବର୍ତୀ ସମୟରେ ଭଦ୍ରକ ସହରାଂଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ହସ୍ତକ୍ଷେପରେ ରାସ୍ତା ଅବରୋଧ ହଟିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଆଜି ଏହି ରାସ୍ତାରେ ଭଦ୍ରକ ପୌରପାଳିକାର ୱାର୍ଡ ନଂ ୨୨ର କୁର୍ବାନ ଖାଁ ନାମକ ଜଣେ ଟିଭିଏସ୍ ଲୁନା ଚାଳକ ଯାଉଥିବାବେଳେ ୟୁନାନୀ ହସ୍ପିଟାଲ ନିକଟରେ ଏକ ଟ୍ରକ୍ ଲୁନା ଚାଳକ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ କୁର୍ବାନ ଖାଁଙ୍କର ମୃତ୍ୟୁ ଘଟିଥିଲା। ଉତ୍ୟକ୍ତ ଲୋକେ ଟ୍ରକ୍‌ଟିକୁ ଭଂଗାରୁଜା କରିଥିବାର ଦେଖାଯାଇଛି। ଏହି ଘଟଣାରେ ପୁଲିସ୍ ଓଡି-୦୪ସି-୮୯୫୩ ନମ୍ବରର ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ତେବେ ଏହି ଘଟଣାର ଖବର ପାଇ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ପୌରାଧକ୍ଷାଙ୍କ ପ୍ରତିନିଧି ଜାହିଦ ହବିବ (ଜାନୁ) ସ୍ଥାନୀୟ ପାରିଷଦଙ୍କ ସହ ଘଟଣାସ୍ଥଳରେ ପହଂଚି ମୃତ କୁର୍ବାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଖଡ଼ିଆଳ ଓ ବୋଡ଼େନ ଅଂଚଳରେ ବୈଶାଖ ମେଳା ଅନୁଷ୍ଠିତ

ନୂଆପଡ଼ା, ୦୩/୦୫ (ନି.ପ୍ର): ଓଡ଼ିଶାର ବିଭିନ୍ନ ଧାର୍ମିକ ପୀଠରେ ଏବେ ଧୁମଧାମରେ ପାଳନ କରାଯାଉଛି ବୈଶାଖ ମେଳା। ହୋମ, ଯଜ୍ଞ,ସଂକୀର୍ତନ ଆଦିରେ ଚଳଚଂଚଳ ଗାଁରୁ ସହର। ଖଡ଼ିଆଳ ବ୍ଲକର ନେହେନା ଓ ବୋଡ଼େନ ବ୍ଲକର ପର୍ଯ୍ୟଟନ ସ୍ଥଳୀ ପାତାଳଗଙ୍ଗାରେ ପାଳିତ ହେଉଛି ବୈଶାଖ ମେଳା। ବୈଶାଖ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଂଚଦିନ ଧରି ପାଳିତ ହେଉଥିବା ଏହି ମେଳା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଏହି ପୀଠରେ ଥିବା ମୃତ୍ୟୁଞ୍ଜୟ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ମାଆ ଦ୍ୱାରସେନି ମନ୍ଦିର ଆଦିରେ ପୂଜାର୍ଚ୍ଚନା ସହ ଭକ୍ତଙ୍କ ଗହଳି ଲାଗି ରହିଛି। ରାଧାକୃଷ୍ଣ ମନ୍ଦିର ପରିସରରେ ଯାଦବ ସମାଜ ତରଫରୁ ନାମଯଜ୍ଞ ସହ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ପାତାଳ ଗଙ୍ଗାର ପାଣିରେ ସ୍ନାନ କରିବା ସହ ବୁଲାବୁଲିର ମଜା ନେଉଛନ୍ତି। ଲୋକ କିମ୍ବଦନ୍ତୀ ଅନୁସାରେ ଯେତେବେଳେ ରାମ ଲକ୍ଷ୍ମଣ ଓ ସୀତା ବନବାସୀ ହୋଇଥିଲେ, ସେହି ସମୟରେ ବୁଲି ବୁଲି ଏହି ଅଞ୍ଚଳରେ ପହଂଚିଥିଲେ। ସେ ସମୟରେ ସୀତାଙ୍କୁ ଶୋଷ ଲାଗିବାରୁ ପାଣି ଖୋଜି ଖୋଜି ନ ପାଇବାରୁ ଲକ୍ଷ୍ମଣ ଶର ମାରିବାରୁ ଭୂମିରୁ ପାଣି ବାହାରିଥିଲା। ବର୍ତମାନ ପର୍ଯ୍ୟନ୍ତ ସେହି ପାଣି ଅନବରତ ଭୂମିରୁ ବାହାରୁଛି। ଲୋକେ ପାତାଳ ରୁ ଗଙ୍ଗା ଆସିଛନ୍ତି ବୋଲି ବିଶ୍ୱାସ କରନ୍ତି ଓ ତହିଁରେ ସ୍ନାନ କଲେ କିବା ସେହି ଜଳ ପାନ କଲେ ପୁଣ୍ୟ ମିଳିଥାଏ ବୋଲି ମନେ କରନ୍ତି। ଓଡିଶା ସରକାର ଏହି କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଛନ୍ତି ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ହାତକୁ ନେଉଛନ୍ତି। ବର୍ଷ ତମାମ ଏହି ସ୍ଥାନରେ ପର୍ବପର୍ବାଣୀ ପାଳିତ ହେଉଥିବା ବେଳେ ବୈଶାଖ ମେଳାରେ ଲୋକଙ୍କ ପ୍ରବଳ ଭିଡ ଜମିଥାଏ। ଓଡ଼ିଶା, ଛତିଶଗଡ ଓ ମଧ୍ୟ ପ୍ରଦେଶ ରାଜ୍ୟର ଲୋକେ ଭିଡ ଜମାଇଥିଲେ ।ଲୋକଙ୍କ ଭିଡକୁ ଦେଖି ପୁଲିସ ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ବବିଭିନ୍ନ ସାମାଜିକ କ୍ରିୟାକର୍ମ ଯଥା ଚୂଡ଼ାକରଣ, ନାମକରଣ ଆଦି ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଷ୍ଟଲ ପଡିଛି ।ଲୋକେ ଦିଅଁ ଦର୍ଶନ ସହ ଖିଆପିଆ ଓ କିଣାବିକାର ମଜା ନେଉଛନ୍ତି। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭାରତର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ବୈଶାଖ ମେଳା ଅନ୍ୟତମ, ବିଶେଷ କରି ଓଡ଼ିଆ ସଂସ୍କୃତି ରେ ଆଷାଢ଼, କାର୍ତିକ, ମାର୍ଗଶିର ଓ ବୈଶାଖ (ଆକାମାବୈ) ମାସକୁ ପୁଣ୍ୟ ମାସ ବୋଲି ମନେ କରାଯାଏ। ଗୌତମ ବୁଦ୍ଧ ଏହି ବୈଶାଖ ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିବା ବେଳେ ଜ୍ଞାନ ପ୍ରାପ୍ତି ଓ ନିର୍ବାଣ ପ୍ରାପ୍ତି ମଧ୍ୟ ଏହି ଦିନରେ ହୋଇଥିବାରୁ ବୌଦ୍ଧ ଧର୍ମୀଙ୍କ ପାଇଁ ଏହି ଦିନ ଏକ ପବିତ୍ର ଦିବସ ରୂପେ ମାନ୍ୟତା ପାଇଛି ।ସନ୍ଥ କବି ଭୀମଭୋଇ ଏହି ତିଥିରେ ଜନ୍ମ ହୋଇଥିବାରୁ ମହିମା ଧର୍ମାବଲମ୍ବୀ ମାନଙ୍କ ପାଇଁ ମଧ୍ୟ ଏହି ଦିନ ସ୍ୱତନ୍ତ୍ର ମାନ୍ୟତା ରଖିଥାଏ ।ମୋଟ ଉପରେ କହିବାକୁ ଗଲେ ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ର ଦିବସ ହେଉଛି ବୈଶାଖ ପୂର୍ଣ୍ଣିମା, ଅନ୍ଧକାର ରୁ ଆଲୋକ କୁ ଗତି କରିବାର ଦିନ ହେଉଛି ବୈଶାଖ ପୂର୍ଣ୍ଣିମା। ସେହିପରି ଖଡ଼ିଆଳ ବ୍ଲକର ନେହେନା ଶ୍ରୀରାମ ମନ୍ଦିରରେ ପବିତ୍ର ବୈଶାଖ ପୂର୍ଣ୍ଣିମା ମହାଡ଼ମ୍ବର ସହିତ ଶ୍ରଦ୍ଧା ଓ ଭକ୍ତିର ସହିତ ଆଜି ପାଳିତ ହୋଇଯାଇଛି। ଏହି ଶୁଭ ଅବସରରେ ଶ୍ରୀରାମ କଥା ପଠନ ସହ ଶ୍ରୀରାମ ମନ୍ଦିର, ତ୍ରିନାଥ ମନ୍ଦିର, କାଶୀ ବିଶ୍ୱନାଥ ଦେବ ଦେବ ମହାଦେବ, ଗାଁର ଇଷ୍ଟ ଦେବୀ ମା ଦେବସରଣୀଙ୍କ ଠାରେ ପୂଜା ଅର୍ଚନା କରି ପ୍ରଭୁଙ୍କ ଠାରେ ପଖାଳ ଭୋଗ ଅର୍ପଣ କରାଯାଇଥିଲା। ଅନେକ ଭକ୍ତ ବୃନ୍ଦ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ସମବେତ ପଖାଳ ଭୋଗ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂଜା କର୍ତୀ ଭାବରେ ଦାୟାନିଧି ରାଉତରାୟ, ଧର୍ମପତ୍ନୀ ରିତାଞ୍ଜଳୀ ରାଉତରାୟ, ଶ୍ରୀରାମ ନବମୀ ମେଳାର ବରିଷ୍ଠ କାର୍ଯ୍ୟକର୍ତା। ବ୍ରହ୍ମନନ୍ଦ ରାଉତରାୟ, ତରଣୀସେନ ବିଶି, ରାମଜୀ ପ୍ରସାଦ ଦର୍ଜୀ, ସୁଶାନ୍ତ କୁମାର ବିଶି, ତରୁଜରାମ ବାଗ, ପୀତବାସ ଦଣ୍ଡସେନା, ପ୍ରଦୀପ ରାଉତରାୟ, ବିଶ୍ୱ ରଞ୍ଜନ ଦଣ୍ଡସେନା, ଗୋପୀନାଥ ରାଉତରାୟ, ରାଜେଶ ରାଉତରାୟ, କାର୍ତିକ ମଲ୍ଲିକ, ଦୟା ଝଙ୍କାର, ନିତାଇରାମ ବିଶି, ଶିବଲ ଦଣ୍ଡସେନା, ବିଶ୍ୱବନ୍ଧୁ ଦଣ୍ଡସେନା, ତ୍ରିଦେବ ଦର୍ଜୀ, କ୍ଷୀରସିନ୍ଧୁ ବାରିକ, ବୋଧନ କର ଦଣ୍ଡସେନା, ଟିକଚନ କୈବର୍ତ, ରାଜେଶ ବାରିକ, ରୁଦ୍ର ମାଧବ ରାଉତରାୟ, ପରମେଶ୍ୱର ଗହୀର, ଜିତେନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀନୃସିଂହ ମନ୍ଦିର ପକ୍ଷରୁ ସାମୂହିକ ବ୍ରତୋପନୟନ

ବଲାଙ୍ଗିର, ୦୩/୦୫ (ନି.ପ୍ର): ଶ୍ରୀନୃସିଂହ ମନ୍ଦିରର ମହନ୍ତ ମହାରାଜ ଶ୍ରୀ ବ୍ରଜ ମୋହନ ଶରଣଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଗୁରୁଭାଇ ଓ ଭଉଣୀ ସେବାସଂଘ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀନୃସିଂହ ମହାପ୍ରଭୁଙ୍କର ଜନ୍ମୋତ୍ସବ ସହିତ ଦ୍ୱାଦଶ ବ୍ରାହ୍ମଣ ସନ୍ତାନ ମାନଙ୍କର ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶହ ଶହ ଭକ୍ତବୃନ୍ଦ ଯୋଗଦାନ କରି ପ୍ରଭୁକୃପା ସହିତ ମହନ୍ତ ମହାରାଜଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ । ଗୁରୁଭାଇ ଓ ଭଉଣୀ ସେବାସଙ୍ଘର ପ୍ରମୁଖ ଉପଦେଷ୍ଟା ପଣ୍ଡିତ ଚନ୍ଦ୍ର କୁମାର ପୁରୋହିତଙ୍କ ସହିତ ବିଶିଷ୍ଟ ପଣ୍ଡିତ ମୁରାରୀ ମିଶ୍ର ବ୍ରତୋପନୟନ ପୂଜାବିଧି ପରିଚାଳନା କରିଥିଲେ । ସହରର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି, ଉଭୟ ବ୍ରାହ୍ମଣ ସମାଜ ର କର୍ମକର୍ତା ସମେତ ବଲାଙ୍ଗୀର ପୌର ପରିଷଦର ଅଧକ୍ଷା ଲିକା ସାହୁ ମଧ୍ୟ ଯୋଗଦାନ କରି ଏଭଳି ପୁଣ୍ୟକାର୍ଯ୍ୟ ପାଇଁ ଭୁୟସୀ ପ୍ରଶଂସା କରିହିଲେ । ଶ୍ରୀ ନୃସିଂହ ମନ୍ଦିର ଭାଇ ଓ ଭଉଣୀ ସେବାସଂଘର ସଭାପତି କ୍ଷମାନିଧି ବାଘ, ସମ୍ପାଦକ ହଜାରୀ ମିଶ୍ର, ଯୁଗ୍ମ ସମ୍ପାଦକ କିଶୋର ପୁରୋହିତ, କୋଷାଧକ୍ଷ ଭକ୍ତବଂଧୁ ଦାଶ, କାର୍ଯ୍ୟକାରୀ ସଦସ୍ୟ ରଘୁନାଥ ରାଉତ, ଦିଲିପ କୁମାର ନାୟକ, ବ୍ରଜ ମୋହନ ସାହୁ, ଜଗମୋହନ ତ୍ରିପାଠୀ, ବିରଂଚି ନାରାୟଣ ତ୍ରିପାଠୀ, ପୁରନ୍ଦର ହୋତା, ପ୍ରଭାତ କୁମାର ଦାଶ, ଗୌର ଚରଣ ସାହୁ, ଭୁସାଗର ଡାଙ୍ଗ, ପଣ୍ଡିତ ଗୋବର୍ଦ୍ଧନ ଶତପଥି ସମେତ ସ୍ୱେଚ୍ଛାସେବୀ, ଜୟରାମ ମିଶ୍ର,ସଂକୀର୍ତନ ତ୍ରିପାଠୀ, ରାକେଶ ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ ଓ ଅନେକ ଭକ୍ତ ଉପସ୍ଥିତ ଥିଲେ ।

# ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବଲାଙ୍ଗିର, ୦୩/୦୫ (ନି.ପ୍ର): ସରକାର ରେ ଥିବା ଦଳ ହେଉ କି ରାଜ୍ୟ ରେ ମୁଖ୍ୟ ବିରୋଧି ଦଳ ହେଉ ନାରୀଙ୍କ ସ୍ୱାର୍ଥ ରକ୍ଷା ଲଢେଇ ରେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ନାରୀ ସମାଜ କୁ କେବଳ ଭୋଟ ହାତେଇବା ପାଇଁ ମାଧ୍ୟମ କରି ହୀନ ରାଜନୀତି କରୁଛନ୍ତି, କଂଗ୍ରେସ ଦଳ କିଂନ୍ତୁ ଏପରି ହୀନ ରାଜନୀତି ଉପରେ ବିଶ୍ୱାସ କରେନାହିଁ, ଆମର ରାଜନୀତି ସମ୍ପୂର୍ଣ ଅଲଗା । ଲୋକଙ୍କୁ ନେଇ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ବିଶେଷ କରି ମହିଳା ଙ୍କୁ ତୃଣ ମୂଳ ସ୍ତରରୁ ସଶକ୍ତ କରିବା ଆମର ଲକ୍ଷ, ତେଣୁ ଆମେ କଂଗ୍ରେସ ଦଳ ଓ ଆମର ମହିଳା ମାନେ ସ୍ଲୋଗାନ ରେ ବିଶ୍ୱାସ ନାଁ କରି ଗାଁ କୁ ଗାଁ ଘରକୁ ଘର ଯାଇ ମହିଳା ଓ ସାଧାରଣ ଲୋକଙ୍କ ପାଇଁ କାମ କରିବ ବୋଲି ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନ ଠାରେ ନଗର କଂଗ୍ରେସ ସଭାପତି ଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ୨୦୨୪ ସାଧାରଣ ନିର୍ବାଚନ ରେ ବଲାଙ୍ଗୀର ବିଧାନସଭା ବିଧାୟକ ପ୍ରାର୍ଥୀ କଂଗ୍ରେସ ର ଟାଣୁଆ ଯୁବନେତା ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟ ରେ କହିଛନ୍ତି । ସମରେନ୍ଦ୍ର ସଭାନେତ୍ରୀ ଜୟନ୍ତୀ ପଟେଲ ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଆହୁରି ମଧ୍ୟ କହିଛନ୍ତି ଯେ ସରକାରୀ ଦଳ ମାନେ ଭୋଟ ହତେଇବା ପାଇଁ କିଛି ଟଙ୍କା ପ୍ରଲୋଭନ ଦେଖେଇ ମିଥ୍ୟା ସାମୟିକ ଆଶ୍ୱସ୍ତି ଦେବାରେ ବ୍ୟସ୍ତ, କିଂନ୍ତୁ ଆମ ମହିଳା ମାନେ ଜାଣିବା ଦରକାର ଯେ ହୁତ ହୁତ ହେଇ ବଢୁଥିବା ଦରଦାମ କୁ ନିୟନ୍ତ୍ରଣ କୁ ନ ଆଣିଲେ ଆମର ମହିଳା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲ ଙ୍କ ନେତୃତ୍ୱ ଇ ସାରା ଜିଲ୍ଲାରେ ରଣା ହୁଙ୍କାର ଦେବେ ଓ ରାଜ୍ୟ ଓ କେନ୍ଦ୍ର ରେ ଶାସନ କରୁଥିବା ସରକାର ଙ୍କୁ କଡା ଜବାବ ଦେବେ । ସମ୍ବର୍ଦ୍ଧନା ସଭା ରେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଜୟନ୍ତୀ ପଟେଲ ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଜୟନ୍ତୀ ପଟେଲ ଅତିତ ରେ ଗାଁ, ପଂଚାୟତ ରାଜନୀତି ରେ ନିଜ ର ପରିପକ୍ୱତା ଦେଖେଇ ସାରିଛନ୍ତି । ସଫଳତା ର ସହ ଆଗଲପୁର ପଂଚାୟତ ରେ ଅଧକ୍ଷା ହୋଇ ସଫଳତା ର ସହ ଲୋକଙ୍କ ପାଇଁ କାମ କରି ଦେଖେଇଛନ୍ତି । ମୁଁ ଦୃଢ଼ ନିଶ୍ଚିତ ତାଙ୍କ ନେତୃତ୍ୱ ରେ ମହିଳା କଂଗ୍ରେସ ସାରା ଜିଲ୍ଲା ରେ ଗରିବ ନିଷ୍ପେସିତ ଅବହେଳିତ ଙ୍କ ଆୱାଜ ହେଇ ଉଭୟ ହେବେ । ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଆମକୁ ଉନ୍ନତି କରିବାକୁ ହେଲେ ରାଜତନ୍ତ୍ର ନୁହେଁ ଗଣତନ୍ତ୍ର କୁ ସ୍ୱଦୃଢ଼ କରିବାକୁ ପଡିବ । ରାଜତନ୍ତ୍ର ରେ କେବଳ ଅନ୍ୟାୟ ଅତ୍ୟାଚାର ହେଇଥାଏ, ଲୋକଙ୍କ ବିକାଶ କେବେ ହୁଏ ନାହିଁ, ଇତିହାସ କହେ ରାଜତନ୍ତ୍ର ସବୁ ବେଳେ ବିକାଶ ବିରୋଧି, ତେଣୁ ଆମର ମହିଳା ମାନେ ଆଗାମୀ ନିର୍ବାଚନ ମାନଙ୍କରେ ରାଜତନ୍ତ୍ରକୁ ଗାଦିଚ୍ୟୁତ କରିବା ପାଇଁ ଏବେଠୁ ଅନ୍ତ ଭିଡନ୍ତୁ । ସମ୍ବର୍ଦ୍ଧନାର ପ୍ରତିଉତରରେ ସଭାନେତ୍ରୀ ଜୟନ୍ତୀ ପଟେଲ ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଇବା ସହ ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜାତୀୟ କଂଗ୍ରେସ ସଭାନେତ୍ରୀ ଅଲକା ଲକ୍ଷମ୍ବାଙ୍କୁ ତାଙ୍କ ଉପରେ ବିଶ୍ୱାସ ରଖି ଥିବାରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଶ୍ରୀମତୀ ପଟେଲ ଅଗାମୀ ଦିନ ରେ ସମସ୍ତ ଙ୍କ ସହଯୋଗରେ ନିଶ୍ଚିତ ଭାବରେ ଦଳକୁ ଲୋକଙ୍କ ପାଖକୁ ନେଇ ନାରୀ ସୁରକ୍ଷାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ର କୁତ୍ସିତ ଚେହେରା କୁ ପଦାରେ ପକାଇବ ।

# କୋରପୁଟରେ କୋଡିଙ୍ଗାମାଳି ଖଣିଖନନ ଓ ନ୍ୟାୟସଂଗତ ଜନଶୁଣାଣି ପାଇଁ ଦାବି

ଜୟପୁର, ୦୩/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଂଚଳରେ ପ୍ରସ୍ତାବିତ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିର କ୍ଷମତା ୩ ମିଲିୟନ୍ ଟନ୍ ପ୍ରତି ବର୍ଷରୁ ୬ ଏମ୍ଟିପିଏକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଏବେ ବୃହତ୍ ଜନ ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀ, ଲୋକପ୍ରତିନିଧି ତଥା ବୁଦ୍ଧିଜୀବୀ ଓ କୋଡିଙ୍ଗାମାଳି ଆଂଚଳିକ ବିକାଶ ପରିଷଦ ଏବଂ କୋଡିଙ୍ଗାମାଳି ସୁରକ୍ଷା ମଂଚର ସଦସ୍ୟମାନେ ଏହି ବିସ୍ତାର ପ୍ରସ୍ତାବକୁ ଦୃଢ଼ ଭାବେ ବିରୋଧ କରିଛନ୍ତି । ସେମାନଙ୍କ ମତରେ ଅନିୟନ୍ତ୍ରିତ ଖଣି ଖନନ ଅଂଚଳର ଦୀର୍ଘସ୍ଥାୟୀ ଆର୍ଥିକ ଭବିଷ୍ୟତକୁ ସଙ୍କଟରେ ପକାଇବ । ତେଣୁ ରାଜ୍ୟ ସରକାର ଏହି ନିଷ୍ପତିକୁ ତୁରନ୍ତ ପରିବର୍ତନ କରିବାକୁ ଅଂଚଳରେ ଦାବି ହୋଇଛି । ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ କୋଡିଙ୍ଗାମାଳି ଖଣିରେ ବର୍ତମାନ ପ୍ରାୟ ୫୦ ମିଲିୟନ୍ ଟନ୍ ବକ୍ସାଇଟ୍ ମହଜୁଦ ଅଛି । ସମ୍ପ୍ରତି ଓଏମସି ପ୍ରାୟ ୩.୬ ଏମ୍ଟିପିଏ ବକ୍ସାଇଟ୍ ଖନନ କରୁଛି, ଏଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଏକ ଆଲୁମିନିୟମକୁ ଯୋଗାଣ ହେଉଛି । କିନ୍ତୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ଦୃଢ଼ ପ୍ରତିବାଦ ଜଣାଇଛନ୍ତି । ଉକ୍ତ ଖଣିରୁ ବାର୍ଷିକ ବକ୍ସାଇଟ୍ ଉତୋଳନ କ୍ଷମତା ଦ୍ୱିଗୁଣ ହେବା ଦ୍ୱାରା ଖଣିରେ କଂଚାମାଲ ଦ୍ରୁତ ଗତିରେ ହ୍ରାସ ପାଇଛି । ଏବଂ ଆଗାମୀ ୭ରୁ ୮ ବର୍ଷ ମଧ୍ୟରେ ଖଣି ସମ୍ପୂର୍ଣ୍ଣ ଭାବେ ସରିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଫଳରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ରାୟଗଡ଼ା ଜିଲ୍ଲାର କାନସାରିଗୁଡାରେ ପ୍ରସ୍ତାବିତ ୮,୦୦୦ କୋଟି ଟଙ୍କା ବ୍ୟୟରେ ଆଦିତ୍ୟ ଆଲୁମିନା ରିଫାଇନେରୀକୁ କିଭଳି ଭାବେ କଂଚାମାଲ ଯୋଗାଣ ହେବ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଓଏମସି ତଥା ରାଜ୍ୟ ସରକାର ଏହି କମ୍ପାନୀ ସହ କୋଡିଙ୍ଗାମାଳି ଖଣିରୁ ୧୫ ବର୍ଷ ପାଇଁ ବକ୍ସାଇଟ୍ ଯୋଗାଣ ଚୁକ୍ତି ସ୍ୱାକ୍ଷର କରିସାରିଛନ୍ତି । ଏବଂ ଆସନ୍ତା ଦୁଇ ବର୍ଷ ମଧ୍ୟରେ ରିଫାଇନେରୀ କାର୍ଯ୍ୟାରମ୍ଭ ହେବା ଆଶା କରାଯାଉଛି । ତେବେ ବର୍ତମାନ ସ୍ଥିତିରେ ଖଣି ଖନନ କ୍ଷମତାକୁ ଦ୍ୱିଗୁଣିତ ଅର୍ଥାତ୍ ୬ ଏମ୍‌ଟିପିଏ କରାଗଲେ, ଆଦିତ୍ୟ ଆଲୁମିନା ପାଇଁ କଣ ରହିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ପ୍ରଶ୍ନ କରିଛନ୍ତି । ଏଭଳି ବୃହତ୍ ପ୍ରକଳ୍ପ ପାଇଁ ଦଶକ ଧରି ନିରନ୍ତର କଂଚାମାଲ ଆବଶ୍ୟକ ଥିବାବେଳେ ଅନାଶୟ ଖଣି ଖନନ ଯୋଗୁଁ ଏହାର ଆଦିତ୍ୟ ରିଫାଇନେରୀର ଦୀର୍ଘମିୟାଦୀ ସ୍ଥାୟୀତ୍ୱ ପାଇଁ ବିରାଟ ପ୍ରଶ୍ନରେ ସୃଷ୍ଟି ହୋଇଛି । ଅନ୍ୟପଟେ ଗ୍ରାମବାସୀମାନେ ଖଣି ବିସ୍ତାର ସମ୍ପର୍କିତ ଜନଶୁଣାଣିକୁ ଯାହା ଆସନ୍ତା ମାସ ମେ ୧୬ ରିଖରେ କୋଡିଙ୍ଗାମାଳି ପରିବର୍ତେ ରାୟଗଡ଼ାରେ କରିବା ନିଷ୍ପତିକୁ ନେଇ ସଂଶୟ ଓ ପ୍ରଶ୍ନ କରିଛନ୍ତି । ପ୍ରଭାବିତ ଅଂଚଳରୁ ଜନଶୁଣାଣିକୁ କାହିଁକି ସ୍ଥାନାନ୍ତର କରାଯାଉଛି ? କାହାର ସ୍ୱାର୍ଥରେ ଏହା କରାଯାଇଛି ବୋଲି ଅଂଚଳବାସୀ ପ୍ରଶ୍ନ କରିବା ସହିତ ଏହି ଜନ ଶୁଣାଣି ସମ୍ପୂର୍ଣ୍ଣ ପାରଦର୍ଶିତା ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଦାବି କରିଛନ୍ତି । ସ୍ଥାନୀୟ ଲୋକେ ଆଦିତ୍ୟ ଆଲୁମିନା ଦ୍ୱାରା ଅଂଚଳରେ କରାଯାଉଥିବା ଉନ୍ନୟନମୂଳକ ପ୍ରୟାସକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ସେମାନଙ୍କ କହିବା ଅନୁସାରେ, କମ୍ପାନୀ ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ସ୍ଥାନୀୟ ଯୁବକଙ୍କୁ ପ୍ରଶିକ୍ଷଣ ଦେଇଛି, ୧ ହଜାରରୁ ଅଧିକ ଲୋକଙ୍କୁ ଚାକିରି ସୁଯୋଗ ଦେଇଛି ଓ ୧୪୦ କୋଟି ଟଙ୍କାର ବସ୍ତ୍ର ପ୍ରକଳ୍ପ ଶୁଭାରମ୍ଭ କରିଛି । ଏହାର ପାଂଚ- ସ୍ତମ୍ଭୀୟ ସିଏସଆର୍ ମଡେଲ୍ ମାଧ୍ୟମରେ କୋଡିଙ୍ଗାମାଳି ଓ ପାର୍ଶ୍ୱସ୍ଥ ଗ୍ରାମର ୧୮ ହଜାରରୁ ଅଧିକ ଲୋକଙ୍କୁ ଲାଭାନ୍ୱିତ କରାଯାଇଛି । ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜୀବିକା ଓ ସମୁଦାୟ ଢାଂଚାରେ ଉଲ୍ଲେଖନୀୟ ତଥା ଆଖିଦୃଶିଆ ଉନ୍ନତି ଆଣିଛି । ଆମ ପାଇଁ ଖଣି ଖନନ କେବଳ ଆର୍ଥିକ କାର୍ଯ୍ୟକଳାପ ନୁହେଁ; ଏହା ଆମର ଜୀବନ, ମର୍ଯ୍ୟାଦା ଓ ଭବିଷ୍ୟତ ସହ ଜଡିତ ବୋଲି ସ୍ଥାନୀୟ ଲୋକ ପ୍ରତିନିଧିମାନେ କହିଛନ୍ତି । କୋଡିଙ୍ଗାମାଳିରେ ଦାୟିତ୍ୱପୂର୍ଣ୍ଣ ଭାବେ ଖନନ ହେବା ଆବଶ୍ୟକ, ଯାହା ଆଗାମୀ ପିଢ଼ୀ ପର୍ଯ୍ୟନ୍ତ ଚାକିରି, ଉନ୍ନତି ଓ ସମୃଦ୍ଧି ନିଶ୍ଚିତ କରିବ ବୋଲି ଅଂଚଳବାସୀ ଦାବି କରିଛନ୍ତି । ତେଣୁ ରାଜ୍ୟ ସରକାର ଅଂଚଳବାସୀଙ୍କ ଦାବୀ କୁ ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ମିଶନ୍ ଆଶାଲୋକର ପ୍ରୟାସରେ ମନୋରୋଗୀ ଶ୍ରମିକଙ୍କୁ ପରିବାର ସହ ପୁନର୍ମିଳନ

ଝାରସୁଗୁଡ଼ା, ୦୩/୦୫ (ନି.ପ୍ର): ଝାରସୁଗୁଡାରେ ମିଶନ୍ ଆଶାଲୋକ-୧ ଦଳର ସଂଘବଦ୍ଧ ପ୍ରୟାସରେ ଜଣେ ମନୋରୋଗୀ ଶ୍ରମିକଙ୍କୁ ତାଙ୍କ ପରିବାର ସହ ପୁନର୍ମିଳନ କରାଯାଇଥିବା ଘଟଣା ସମ୍ମୁଖକୁ ଆସିଛି। ନରେନ୍ଦ୍ର କୁମାର ଗେନ୍ଦ୍ରାୟ (୪୫), ପିତା ନୃସିଂହ ଗେନ୍ଦ୍ରାୟ ଓ ମାତା ଲକ୍ଷ୍ମୀବାଇ ସତନାମୀଙ୍କ ପୁତ୍ର, ଛତିଶଗଡର ବାଲୋଡ ଜିଲ୍ଲା ଅଧୀନ ଗୁଣ୍ଡରଦେହି ବ୍ଲକର ଅରଜୁଣ୍ଡା ଗ୍ରାମର ନିବାସୀ। ସେ ଜଣେ ଦିନମଜୁରିଆ ଶ୍ରମିକ ଥିବା ସୂଚନା ମିଳିଛି। ଗତ ୩୦ ମାର୍ଚ୍ଚ ୨୦୨୩ରେ ଝାରସୁଗୁଡା ରେଲବେ ଷ୍ଟେସନ୍ ନିକଟରୁ ସେ ଗୁରୁତର ମାନସିକ ଅସ୍ଥିରତା ଅବସ୍ଥାରେ ମିଳିଥିବାବେଳେ ମିଶନ୍ ଆଶାଲୋକ-୧ ଦଳ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭର୍ତି କରିଥିଲେ। ପରବର୍ତୀ ସମୟରେ ନିରନ୍ତର ଚିକିତ୍ସା, ମନୋଚିକିତ୍ସା, ପରାମର୍ଶ ଏବଂ ସମଗ୍ର ମନୋସାମାଜିକ ସହଯୋଗ ଫଳରେ ତାଙ୍କ ସ୍ୱାସ୍ଥ୍ୟରେ ଧୀରେଧୀରେ ସୁଧାର ଦେଖାଯାଇଥିଲା। ଆରମ୍ଭରେ ତାଙ୍କ ପରିଚୟ ସମ୍ପର୍କରେ ସୀମିତ ସୂଚନା ଥିଲେ ସୁଦ୍ଧା, ମିଶନ୍ ଆଶାଲୋକ-୧ ଦଳ ତାଙ୍କ ପରିବାରକୁ ଖୋଜିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ଏହି ପ୍ରୟାସ ସଫଳ ହୋଇ ଛତିଶଗଡର ବାଲୋଡ ଜିଲ୍ଲାରେ ତାଙ୍କ ପରିବାରକୁ ଚିହ୍ନଟ କରାଯାଇଥିଲା ଏବଂ ଦୀର୍ଘ ସମୟ ପରେ ପୁନଃ ସମ୍ପର୍କ ସ୍ଥାପିତ ହୋଇଥିଲା।

# ଭଗବାନ ଗୌତମ ବୁଦ୍ଧଙ୍କ ତ୍ରିପାବନ ବୁଦ୍ଧପୂର୍ଣ୍ଣିମା ପାଳିତ

ବଲାଙ୍ଗିର, ୦୩/୦୫ (ନି.ପ୍ର): ୨୫୮୮ ତମ ବୁଦ୍ଧ ପୂର୍ଣ୍ଣିମା ମହୋତ୍ସବ ଗେଟ ସରୋବରପଡା ଅମ୍ବେଦକର ପାଠାଗାର ସ୍ଥିତ ବୁଦ୍ଧ ଏବଂ ଅମ୍ବେଦକରଙ୍କ ମିଳିତ ପ୍ରତିମୂର୍ତ୍ତି ଦଣ୍ଡୁଆ କୁମ୍ଭାରଙ୍କ ନେତୃତ୍ୱରେ ଏକ ପ୍ରଭାତଫେରି ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ରୁକ୍ମିଣୀ ବାଗ, ସୁବଳୟା କୁମ୍ଭାର, ସଂଯୁକ୍ତା ବାଗ, ବିଜୟ ବାରିକ, କଳିଙ୍ଗ ସୁନା, ରଘୁନାଥ ମୁଗ୍ରୀ, ଭୁବନ ନାଗ, ବିଶ୍ୱାମିତ୍ର କୁମ୍ଭାର ଏବଂ ବହୁ ସଂଖ୍ୟାରେ ବାଳକ, ବାଳିକା, ପୁରୁଷ ମହିଳାମାନେ ସାମିଲ ହୋଇଥିଲେ । ସହର ପରିକ୍ରମା ପୂର୍ବକ ବ୍ରାହ୍ମଣପଡା ରେ ସ୍ଥିତ ବୁଦ୍ଧ ପ୍ରତିମୂର୍ତ୍ତି, କଚରୀଛକ ରେ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତି ଏବଂ ଯାଦବ ଭବନ ସମ୍ମୁଖରେ ସ୍ଥାପିତ ଫୁଲେ ଦମ୍ପତିଙ୍କ ଯୁଗ୍ମ ପ୍ରତିମୂର୍ତ୍ତିରେ ଯଥାରୀତ ମତେ ଶ୍ରଦ୍ଧା ଓ ସମ୍ମାନ ଅଭିବାଦନ କରାଯାଇଥିଲା । ପରିଶେଷରେ ବଲାଙ୍ଗିର ରାଜେନ୍ଦ୍ର ପାର୍କ ମଧ୍ୟରେ ପ୍ରଭାତ ଫେରି ଦଳ ପହଂଚି ଥିଲେ । ଏହା ପରେ ଯୋଗଦାନ କରିଥିବା ପ୍ରାୟ ସମସ୍ତ ଜାତି, ଧର୍ମ ବର୍ଗର ବହୁ ସଂଖ୍ୟକ ମାନବୀୟ ଶ୍ରଦ୍ଧାଳୁ, ଶୁଭାକାଂକ୍ଷା ଏବଂ ହିତୈଷି ସମୂହକୁ ନେଇ ବୁଦ୍ଧଙ୍କୁ ଫୁଲ, ଧୂପ ଅର୍ପଣ ଏବଂ ଦୀପ ପ୍ରଜ୍ୱଳନ ପରେ ସାମୁହିକ ବୁଦ୍ଧ ବର୍ଣ୍ଣନା, ତ୍ରିଶରଣ, ପଂଚଶିଳ, ବୁଦ୍ଧପୂଜା ପଠନ ଗାନ କରାଯାଇଥିଲା ।

# ନୀଳମଣି ମହାବିଦ୍ୟାଳୟରେ ଡେମୋନଷ୍ଟ୍ରେଟରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୦୩/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ କର୍ମଚାରୀ ପରିଷଦ ଆନୁକୁଲ୍ୟରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାସନ୍ତୀ ସାହୁ ୧୯୮୭ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଭାବେ ଦୀର୍ଘ ୩୯ ବର୍ଷ ନିରବଚ୍ଛିନ୍ନ ସେବା ପ୍ରଦାନ କରି ଚାକିରୀ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି, ପ୍ରାଧ୍ୟାପିକା କଞ୍ଚନାମଞ୍ଜରୀ ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପକ ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ବେହେରା, ଡ. ତପନ କୁମାର ଦାସ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରୀମତୀ ବେହେରାଙ୍କର ଚାକିରୀ ଜୀବନର ଗାଥା ଆଲୋଚନା କରିଥିଲେ । ସେ ଏକାଧାରରେ ମହାବିଦ୍ୟାଳୟର ଛାତ୍ରୀ ନିବାସର ସୁପରିଣ୍ଟେଣ୍ଡେଣ୍ଟ, କଲେଜ କ୍ୟାଲେଣ୍ଡରର ସମ୍ପାଦକ, ଯୁବ ରେଡକ୍ରସ କାଉନସେଲର, ବିଜ୍ଞାନ ପରିଷଦର ଉପସଭାପତି ଓ ଆଡମିଶନ ବିଭାଗର ସହାୟିକା ପ୍ରଭୃତି ଦାୟିତ୍ୱ ନିର୍ବାହ କରିଥିଲେ । ମହାବିଦ୍ୟାଳୟର ୨୦୦୬ ଓ ୨୦୨୪ ମସିହା ନାକ ମୂଲ୍ୟାୟନରେ ଦାୟିତ୍ୱ ନିର୍ବାହ କରି ନିଜର ସ୍ୱକୀୟ ପରିଚୟ ପ୍ରଦାନ କରିଛନ୍ତି । ଅଧ୍ୟାପକ ଲକ୍ଷୀରାମ ହାଁସଦା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନୁରୂପ ଭାବେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟକୃଷ୍ଣ ସାହୁ, ରମେଶ ଚନ୍ଦ୍ର ବେହେରା, ସହାୟକ ଶ୍ରୀଧର ମହାପାତ୍ର, ଛାତ୍ରଛାତ୍ରୀ ଓ ଛାତ୍ରୀନିବାସର ଅନ୍ତେବାସିନୀଙ୍କ ତରଫରୁ ବାସନ୍ତୀ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ଡେମନଷ୍ଟ୍ରେଟରଙ୍କ ସ୍ୱାମୀ ପ୍ରାକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ବେହେରା, ବନ୍ଧୁବାନ୍ଧବ, ପରିବାରବର୍ଗ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ଚନ୍ଦନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମଚରିତ ମାନସ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଭୁବନେଶ୍ୱର, ୦୩/୫ (ନି.ପ୍ର): ବାଲକାଟି ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ମଦନ ମୋହନ ମଠ ଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ୯ ଦିନ ଧରି ଅନୁଷ୍ଠିତ ହେଉଥିବା ରାମଚରିତ ମାନସ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମର ଆଜି ଥିଲା ଉଦ୍ଯାପନ ଉତ୍ସବ। ସଂଧ୍ୟା ସମୟରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ପରେ ଏହି ଉଜ୍ଜପନ ଉତ୍ସବରେ ମୁଖ୍ୟ ଆକର୍ଷଣ ହେଉଛି ପ୍ରଭୁ ଶ୍ରୀ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ନଗର ପରିକ୍ରମା ଦୃଷ୍ୟ । ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଅଭିଶେକ ନିତି ପରେ ପ୍ରଭୁ ଥାଟପାଟ ଧରି ନଗର ପରିକ୍ରମା କରି ବାହାରି ଥିଲେ । ପ୍ରତ୍ୟେକ ନଗର ବାସୀ ଆନନ୍ଦରେ ପାଛୋଟି ନେଇ ପୂଜା ଅର୍ଚ୍ଚନା କରିବା ସହ ଭୋଗ ଲାଗି କରି ଆର୍ଶୀବାଦ ଲାଭ କରିଥିଲେ । ବର୍ଷକର ଏହି ଦିନଟିକୁ ସ୍ଥାନୀୟ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି । ଗତ ତା୨୫ ରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବ୍ୟାସ ଭାବରେ ଦାମ ମହାରାଜ ଆସନ ଅଳଙ୍କୃତ କରିଥିଲେ । ପ୍ରତ୍ୟହ ସକାଳ ୯ଟାରୁ ବ୍ୟାସଜୀ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଅନୁଷ୍ଠିତ ହେଉଥିଲା। ସଂଧ୍ୟାରେ ଶ୍ରୀରାମ ନାମ ମାହାତ୍ମ୍ୟ, ସତସଙ୍ଗ ମାହାତ୍ମ୍ୟ,ସତୀମୋହ, ଶିବ ବିବାହ, ଅବତାର ହେତୁ, ପ୍ରଭୁଙ୍କ ପ୍ରକଟ, ବାଲ୍ୟଲୀଳା, ପୁଷ୍ପ ବାଟିକା ପ୍ରସଙ୍ଗ,ଶିବଧନୁ ଭଗ୍ନ, ଜାନକୀ ବିବାହ, ପର୍ଶୁରାମ ଭେଟ, ଶ୍ରୀରାମ ବନବାସ, କୈବର୍ତ୍ତ ପ୍ରସଙ୍ଗ, ଲକ୍ଷ୍ମଣ ଗୀତା, ଦଶରଥଙ୍କ ଦେହତ୍ୟାଗ, ଭରତ ଓ ଭରଦ୍ୱାଜଙ୍କ ସମ୍ବାଦ, ଭରତ ମିଳନ, ସୀତା ହରଣ, ଜଟାୟୁ ପ୍ରସଙ୍ଗ, ପ୍ରେମମୂର୍ତ୍ତୀ ଶବରୀ ଉପାଖ୍ୟାନ, ସୁଗ୍ରୀବ ମିତ୍ରତା, ଅଙ୍ଗଦ ରାବଣ ଭେଟ, ବାଳୀ ବଧ,ଲଙ୍କା ଦହନ, ବିଭିଷଣ ଶରଣ, ଅଙ୍ଗଦ ରାବଣ ଭେଟ, ମେଘନାଧ , ମୁମ୍ଭକର୍ଣ୍ଣ ବଧ, ରାବଣ ବଧ, ଜାନକୀ ଉଦ୍ଧାର, ଅଯୋଧ୍ୟା ବାହୁଡ଼ା, ଶ୍ରୀରାମଙ୍କ ରାଜ୍ୟାଭିଷେକ ଏବଂ କାକଭୁଷଣ୍ଡି ପ୍ରସଙ୍ଗ ଉପରେ ପ୍ରବଚନ କାର୍ଯ୍ୟକ୍ରମକୁ ହଜାର ହଜାର ଶ୍ରୋତା ଶ୍ରବଣ କରୁଥିଲେ। ପଣ୍ଡିତ ବ୍ରଜକିଶୋର ମହାନ୍ତି, ବେଦାନ୍ତ ସ୍ୱାମୀ ସନ୍ତୋଷ ଚୈତନ୍ୟ ମହାରାଜ, ଅଧ୍ୟାପକ ସନ୍ତୋଷ ସାହୁ ଏବଂ ଡ. ରଜନୀ ରଞ୍ଜନ ଦାଶ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ ।

## ଭତ୍ତା ପାଇଁ ଲୋଧା ଜନଜାତିର 'ଜଗ' କଲେ ଗୁହାରି

ଉଦଳା, ୦୩/୫ (ନି.ପ୍ର): ଉଦଳା ବ୍ଲକର ପାଟଣାିପୁର ପଂଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ଝରଣାସାହି ଠାରେ ବସବାସ କରୁଥିବା ଲୋଧା ଜନଜାତିର ସ୍ୱର୍ଗତଃ ବାଇଧର ମଳିକଙ୍କ ପୁତ୍ର ଜଗ ମଳିକ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବା ପାଇଁ ଗୁହାରି ଜଣାଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଜଗ' ଘୋର ଅଭାବ ଅନାଟନ ଭିତରେ ଦିନ ବିତାଉଥିବାରୁ ସେ ଏପରି ନେହୁରା ହେଉଥିବାର ଜଣାଯାଇଛି । ଆଧାର କାର୍ଡ଼ରେ ଉଲେଖଥିବା ଜନ୍ମତାରିଖ ହିସାବରେ 'ଜଗ' ଚଳିତ ବର୍ଷ ୬୦ ବୟସରେ ପଦାର୍ପଣ କଲେ । ତେବେ 'ଜଗ'ଙ୍କୁ ଭତା ଯୋଗାଇ ଦେବାକୁ ସ୍ୱେଚ୍ଛାସେବି ରାମଚନ୍ଦ୍ର ସିଂ ଅନୁରୋଧ ଜଣାଇଛନ୍ତି ।

## ବେଆଇନ ଗଞ୍ଜେଇ ତେଲ ପ୍ରସ୍ତୁତି ୟୁନିଟ୍ ଠାବ, ୧୦୦ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ

ମାଲକାନଗିରି, ୦୩/୫ (ନି.ପ୍ର): ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ମାଲକାନଗିରି ଜିଲ୍ଲା ପୋଲିସର ଏକ ବଡ଼ ସଫଳତା। ଚିତ୍ରକୋଣ୍ଡା ଅଂଚଳରେ ଚାଲିଥିବା ଏକ ବେଆଇନ ହାସିସ୍ ଅଏଲ୍ ବା ଗଞ୍ଜେଇ ତେଲ ପ୍ରସ୍ତୁତି ୟୁନିଟ୍ କୁ ପୋଲିସ ଠାବ କରିଛି। ଏହି ଚଢ଼ଉରେ ପ୍ରାୟ ୧୦୦ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଥିବା ବେଳେ ଏକ ବଡ଼ ରାକେଟ୍ ର ପର୍ଦ୍ଦାଫାଶ ହୋଇଛି।

# ଜିଲ୍ଲା ସଂସ୍କୃତି ଭବନ ପରିସରରେ ବନ୍ଧୁ ମିଳନ ଓ ସାମ୍ବାଦିକ ଏବଂ ଗୋ ସେବକମାନଙ୍କ ସମ୍ବର୍ଦ୍ଧନା ସଭା



ଭଦ୍ରକ , ୦୩/୫ (ନି.ପ୍ର): ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ସମାଜସେବୀ ଓ ଯୁବ ଇଞ୍ଜିନିୟର ଶ୍ରୀ ଦେବାଶିଷ ରାୟ ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ବନ୍ଧୁ ମିଳନ ଓ ସାମ୍ବାଦିକ ଏବଂ ଗୋ ସେବକମାନଙ୍କ ସମ୍ବର୍ଦ୍ଧନା ସଭାଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକ ବନ୍ଧୁମାନେ ନିରପେକ୍ଷତା ଓ ସତ୍ୟନିଷ୍ଠାକୁ ଆଧାର କରି ସମାଜକୁ ସଠିକ୍ ଦିଗଦର୍ଶନ ଦେଉଥିବା ବେଳେ, ଗୋ ସେବକମାନେ ନିଷ୍କାମ ସେବାଭାବରେ ଗୋମାତାଙ୍କ ସେବାରେ ନିରନ୍ତର ନିୟୋଜିତ ଅଛନ୍ତି। ଏହି ପବିତ୍ର ଅବସରରେ ସମାଜର ଏହି ଦୁଇ ମୂଲ୍ୟବାନ ସେବାମୂଖୀ ଶ୍ରେଣୀକୁ ସମ୍ମାନ ଓ ସମ୍ବର୍ଦ୍ଧନା ଜଣାଇବା ମୋ ପାଇଁ ଗର୍ବ ଓ ସନ୍ତୋଷର ବିଷୟ ବୋଲି ଏହି ସଭାରେ ଯୋଗ ଦେଇ ଭଦ୍ରକ ବିଧାୟକ ସିତାଂସୁ ଶେଖର ମହାପାତ୍ର ମତବ୍ୟକ୍ତ କରିଛନ୍ତି।

# ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ



ବାରିପଦା, ୦୩/୫ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାରସକଣାର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ସଭାମଞ୍ଚରେ ଛାତ୍ରଛାତ୍ରୀ, ଅଭିଭାବକ/ ଅଭିଭାବିକା ଏବଂ ଶିକ୍ଷାନୁରାଗୀ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ମଇ ୧ ତାରିଖ ୨୦୨୬, ଆନନ୍ଦ ଉଲ୍ଲାସ ମଧଦେଇ ମହାଡମ୍ବରରେ ପାଳିତ ହୋଇଯାଇଛି। ପରିଚାଳନା ସମିତି ଉପାଧକ୍ଷ ସୁରଥ କୁମାର ସାହୁ ପୌରୋହିତ୍ୟ କରି ଉତ୍ସବରେ ଯୋଗଦାନ କରିଥିବା ସମସ୍ତ ସଭାସଦ୍ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଥିଲେ। ଗୁରୁଜୀ ସୋମନାଥ ସୋରେନଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କ୍ରମେ ଉତ୍ସବରେ ଶ୍ରୀ ଭାଦବ ହାଁସଦାଃ, ମାନ୍ୟବର ସାରସକଣା ବିଧାୟକ, ଡାଃ ବୁଦ୍ଧାନ ମୁର୍ମୁ ଅଧକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜ , ଶ୍ରୀ ମନୋଜ କୁମାର କାର୍ଜୀ, ତହସିଲଦାର ସାରସକଣା ତଥା ଶ୍ରୀ ଜଗନ୍ନାଥ ସାହୁ ପୂର୍ବତନ ସମ୍ପାଦକ ଓ ପଦ୍ମନାଭ ସାହୁ ପୂର୍ବତନ ପରିଚାଳନା ସମିତି ସଭାପତି ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ବିଶେଷ ସମ୍ମାନିତ ଅତିଥି ଏବଂ ସମ୍ମାନୀୟ ବକ୍ତା ଭାବେ ଯୋଗଦାନ ପୂର୍ବକ ଉଦବୋଧନ ଦେଇଥିଲେ । ବିଦ୍ୟା ଭାରତୀ ମାର୍ଗଦର୍ଶନରେ ଦେଶର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମା'ମାନେ ପୁସ୍ତକଗତ ବିଦ୍ୟାଦାନ ସହିତ ଭବିଷ୍ୟତ ପିଢିଙ୍କ ମନହୃଦକୁ ଯେଭଳି ପରମ୍ପରା ଓ ସଂସ୍କୃତିର ସୁରକ୍ଷା, ନୈତିକତା ବୃଦ୍ଧି , ଭାରତୀୟତା ଭାବନାର ଉଦ୍ରେକ ପାଇଁ ଯେଭଳି ଉଦ୍ୟମ କରୁଛନ୍ତି ବରେଣ୍ୟ ଅତିଥିମାନେ ନିଜନିଜ ଭାଷଣରେ ତାର ଭୂୟସୀ ପ୍ରଶଂସା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମାହାଳିକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର ନାଥ ଭୋଳ ବିଦ୍ୟା ମନ୍ଦିରର ପରିଚାଳନା ସମ୍ବନ୍ଧରେ ସଂକ୍ଷେପ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ କରକମଳରେ ଶିକ୍ଷାନୁଷ୍ଠାନର ବାର୍ଷିକ ମୁଖପତ୍ର 'ସାରସ' ଶୁଭୋନ୍ମଚନ ହୋଇଥିଲା। ସହଯୋଗ କରିଥିଲେ ଗୁରୁଜୀ ଅଭିନନ୍ଦନ, ରାଜେଶ୍, ସଞ୍ଜୀବ ଓ ଗୁରୁଜୀ ଅନୁପମ । ବିଦ୍ୟା ମନ୍ଦିରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଏବଂ ପୁରସ୍କାର ଦେଇଥିଲେ। ଲିଲୀ ଗୁରୁମା' ଓ ଉତ୍ତମ ଗୁରୁଜୀଙ୍କ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସମାରୋହ ପ୍ରାରମ୍ଭରେ ଛବି ଗୁରୁମା', ବିଷ୍ଣୁପ୍ରିୟା ଏବଂ ମମତା ଗରୁମା'ଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ଗାନ କରିଥିଲେ ଛାତ୍ରୀ ରଞ୍ଜନା, ରିତିକା, ଲୀଜା, ଶୁଭଲକ୍ଷ୍ମୀ, ରଶ୍ମିତା, ମାନ୍ୟତା, ପ୍ରାଚୀ ଓ ମିଳନଜ୍ୟୋତି ପ୍ରମୁଖ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଦର୍ଶକ ଦର୍ଶିକାଙ୍କ ମନୋରଞ୍ଜନ ପାଇଁ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ସାଂସ୍କୃତିକ ବିଚିତ୍ରା ପରିଚାଳନା କରିଥିଲେ ଗରୁମା' ଗୁରୁଜୀ ସର୍ବଶ୍ରୀ ସମୀକ୍ଷା, ବନିତା, ଲକ୍ଷ୍ମୀକାନ୍ତ, ଗଣେଶ୍ୱର, ଇଲାବତୀ, ବିପ୍ଳବ, ଅନୀଲ, ଯୋଗେଶ୍ୱର ଏବଂ ମନ୍ମଥ ଗୁରୁଜୀ ପ୍ରମୁଖ। ଧନ୍ୟବାଦ ଜ୍ଞାପନ କରିଥିଲେ କାଜଲ ଗରୁମା' ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକା ପ୍ରତିବନ୍ଧକକୁ ...

ଆମେରିକା ନିଜର ଅର୍ଥନୈତିକ କ୍ଷମତା ଏବଂ ଡଲାରର ପ୍ରଭାବ ବ୍ୟବହାର କରି ଅନ୍ୟ ଦେଶର ସ୍ୱାଧୀନ ବାଣିଜ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆମେରିକାର ଅର୍ଥ ବିଭାଗ ଅଧୀନରେ ଥିବା ବିଦେଶୀ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଚୀନର କ୍ଷୁଦ୍ର ତୈଳ ବିଶୋଧନାଗାରଗୁଡ଼ିକ ଲଗାତାର ଇରାନୀ ତୈଳ କ୍ରୟ କରି ଇରାନ ଅର୍ଥବ୍ୟବସ୍ଥାକୁ ମଜବୁତ କରୁଛନ୍ତି। ଚୀନ ସରକାର ସ୍ପଷ୍ଟ କରିଛନ୍ତି ଯେ, ସେମାନେ ନିଜର ସୁରକ୍ଷା ଓ ଅର୍ଥନୈତିକ ସ୍ୱାର୍ଥ ରକ୍ଷା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ଘଟଣା ପରେ ବିଶ୍ୱ ତୈଳ ବଜାରରେ ଏକ ଅସ୍ଥିରତା ଦେଖାଦେବାର ଆଶଙ୍କା ପ୍ରକାଶ ପାଇଛି। ଏହି ଆଇନଗତ ଯୁଦ୍ଧ କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରହି ବିଶ୍ୱ ବାଣିଜ୍ୟିକ କୂଟନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉଭୟ ଦେଶ ନିଜ ନିଜ ଜିଦରେ ଅଟଳ ଥିବାରୁ ଏହି ତିକ୍ତତା ଆଗକୁ ଆହୁରି ଜଟିଳ ହୋଇପାରେ।

### ସ୍ୱର୍ଗତ ସାମ୍ବାଦିକ ଅମର...

ଯେତେବେଳେ ଯାହା ସାହାଯ୍ୟ ଦରକାର ପଡିବ ସେ ଦେବେ ବୋଲି ପ୍ରକାଶ କରିଥିଲେ। ସେହିପରି ଭାବରେ ଅମର ନନ୍ଦଙ୍କ ବାଲ୍ୟକାଳରୁ ବନ୍ଧୁ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗଦାଧର ବାବୁ ଯୋଗଦେଇ ତାଙ୍କ ପିଲାଦିନର କଥା ବଖାଣିଥିଲେ। ସମାଜ ସେବୀ ଶ୍ରୀ ମତୀ ଆଶ୍ରୀତା ତରେଇ ଯୋଗଦେଇ ସ୍ମୃତିଚାରଣ କରିଥିଲେ।ଅମର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ବରିଷ୍ଠ ସାମ୍ବାଦିକ ତଥା ପରିବାର ଅଦାଲତର ମୁଖ୍ୟ ଶ୍ରୀ ଯୁକ୍ତ ଶିବ ଦାସ କୁଣ୍ଡୁଙ୍କୁ ମାନପତ୍ର ଉପଢ୍ୱୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ବିଦ୍ୟାଧର ମହାନ୍ତି, ତ୍ରିଲୋଚନ ମହାନ୍ତି,ହିତ୍ରିକ ନାୟକ, ସମ୍ବିତ ବେହେରା, ସମ୍ପାଦକ ଗଗନ କୁମାର ସେଠୀ, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ସର୍ବଶେଷରେ ସାମ୍ବାଦିକ ତ୍ରିଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ମହଙ୍ଗା ମାଡ଼ ବେଳାରେ....

ଏବେ ୪ ଟଙ୍କା ବଢ଼ିବା ପରେ ଚାଷୀର ଅଳ୍ପ ମାତ୍ରାରେ ଆୟ ବଢ଼ିବ। କିନ୍ତୁ ଦାନା, ନଡ଼ା ତୁଳନାରେ ଏହା ସମୁଦ୍ରକୁ ଶଙ୍ଖେ ହୋଇଛି।  ଏଣେ କ୍ଷୀର ଲିଟର ପ୍ରତି ୪ ଟଙ୍କା ବଢିବା ପରେ ଏବେ ଚିନ୍ତାରେ ଉଭୟ ବ୍ୟବସାୟୀ ଓ ଗ୍ରାହକ । ବିଶେଷକରି ଚା ଦୋକାନୀ ମାନେ ଏଥିରେ ବେଶି ପ୍ରଭାବିତ ହୋଇଛନ୍ତି। ଚା ଗ୍ଲାସ ପ୍ରତି ପୂର୍ବରୁ ୧୦ ଟଙ୍କା ବିକ୍ରି ହେଉଥିବା ବେଳେ ଏବେ ଆଉ ୨ ଟଙ୍କା ବଢାଇବା ପାଇଁ କହିଛନ୍ତି ବ୍ୟବସାୟୀ । ଗୋଟିଏ ପଟେ ଗ୍ୟାସ ରେଟ ବୃଦ୍ଧି ସହ କ୍ଷୀର ଦର ବୃଦ୍ଧି ସମସ୍ୟା କୁ ଆହୁରି ବଢେଇ ଦେଇଛି ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାହକ ମଧ୍ୟ ଦରବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

### ଇମ୍ଫାଲ ବିମାନ ବନ୍ଦର ...

ବୋଲି ସୂତ୍ରରୁ ପ୍ରକାଶ। ବିସ୍ଫୋରଣ ପରେ ସୁରକ୍ଷା ବାହିନୀ ଏବଂ ପୋଲିସ ଘଟଣା ସ୍ଥଳରେ ପହଂଚି ଅଂଚଳକୁ କର୍ଡନ୍ କରିଥିଲେ। ବିସ୍ଫୋରଣରେ ସମ୍ପୃକ୍ତ ଦୁର୍ବୃତ୍ତ ଏବଂ ଏହା ସହିତ ଜଡିତ ମାମଲା ବିଷୟରେ ସୂଚନା ପାଇବା ପାଇଁ ଏକ ସର୍ଚ୍ଚ ଏବଂ ସାନିଟାଇଜେସନ୍ ଅପରେସନ୍ ଚାଲିଛି। ତେବେ ବିସ୍ଫୋରଣର ପ୍ରକୃତ କାରଣ ଏବଂ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଏପର୍ଯ୍ୟନ୍ତ ଏଥିପାଇଁ ନିଜକୁ ଦାୟୀ କରିନାହାନ୍ତି ବୋଲି ଜଣାପଡ଼ିଛି। ଅଧିକାରୀମାନେ ବର୍ତମାନ ଘଟଣାର ତଦନ୍ତ କରୁଛନ୍ତି। ଘଟଣା ସଂକ୍ରାନ୍ତରେ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି।

### ଦକ୍ଷିଣ ଲେବାନନରେ...

ରବିବାର ସକାଳେ କେତେକ ସହରରେ ଭୟଙ୍କର ବିସ୍ଫୋରଣ ଘଟିଛି। ପରିସ୍ଥିତି ବହୁତ ତିବ୍ର ଓ ଉତ୍ତେଜନାପୂର୍ଣ୍ଣ ଅଛି। ବର୍ତ୍ତମାନ ଦକ୍ଷିଣ ଲେବାନନ୍‌ର ଆକାଶରେ ଡ୍ରୋନ୍ ଉଡୁଛି। ବମାବର୍ଷଣରେ ଚିହିନ୍ ସହରରେ ବ୍ୟାପକ କ୍ଷତି ହୋଇଛି। ଆଲ୍-ତୁଫ୍ଫାହ ଜିଲ୍ଲାର ଆର୍-ରଇହାନ୍ ସହରରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ଖରାପ ପରିସ୍ଥିତି ମଧ୍ୟରେ ଦକ୍ଷିଣ ଲେବାନନ୍‌ର ଲୋକମାନେ ନିଜ ଶିଶୁମାନଙ୍କ ସହ ଘର ଛାଡ଼ି ପଳାଇବାକୁ ବାଧ୍ୟ ହେଉଛନ୍ତି। ଗତ ୨୪ ଘଂଟା ଧରି ସମଗ୍ର ଦକ୍ଷିଣ ଲେବାନନ୍ ବୋମାବର୍ଷଣରେ ପୀଡ଼ିତ ହେଉଛି।

# ଦିଲ୍ଲୀର ବିବେକ ବିହାରରେ ୪ମହଲା ଘରେ ଲାଗିଲା ନିଆଁ: ୯ ମୃତ

ନୂଆଦିଲ୍ଲୀ,୦୩/୫ : ଜାତୀୟ ରାଜଧାନୀ ଦିଲ୍ଲୀର ବିବେକ ବିହାର ଅଂଚଳରେ ଆଜି ଭୋର ସମୟରେ ଏକ ଚାରିମହଲା ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। କେତେକ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଦୁଇ ଜଣ ଲୋକ ସାମାନ୍ୟ ଭାବେ ପୋଡି ହୋଇଯାଇଛନ୍ତି। ସେମାନଙ୍କୁ ଗୁରୁ ତେଗ ବହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଅନୁସାରେ, ଭୋର ପ୍ରାୟ ୩:୪୮ ବେଳେ ବିବେକ ବିହାର ଥାନାକୁ ଏକ ପିସିଆର କଲ୍ ମାଧ୍ୟମରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ ସହ ଅନ୍ୟାନ୍ୟ ଦଳ ତତକ୍ଷଣାତ୍ ଘଟଣାସ୍ଥଳ (ବିବେକ ବିହାର ଫେଜ-୧ ଅବସ୍ଥିତ ଘର ନମ୍ବର ବି-୧୩)ରେ ପହଂଚିଥିଲେ। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାରୁ ଉଚ୍ଚ ନିଆଁ ଉଠୁଥିଲା। ଅଗ୍ନିଶମ କର୍ମଚାରୀ ଓ ପୋଲିସ ଯୁକ୍ତ ଭାବେ ଉଦ୍ଧାର ଓ ସହାୟତା ଅଭିଯାନ ଚଳାଇ ଅଗ୍ନିକାଣ୍ଡରେ ଫସିଥିବା ପ୍ରାୟ ୧୦-୧୫ ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ମୃତକମାନଙ୍କ ପରିଚୟ ଚିହ୍ନଟ ପ୍ରକ୍ରିୟା ଚାଲିଛି।

# ପୋଖରୀରେ ବୁଡି ଦୁଇ ନାବାଳିକା ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

ନୀଳଗିରି, ୦୩/୫ (ନି.ପ୍ର): ପୋଖରୀରେ ଗାଧୋଉଥିବା ବେଳେ ପାଣିରେବୁଡି ଦୁଇସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ। ରେମୁଣାବ୍ଲକ ସାଆନ୍ତା ନିକଟ ଭୂଇଁପଡା ଅଞ୍ଚଳରେ ଘଟିଛି ଏଭଳି ଦୁର୍ଘଟଣା।ମୃତକ ନାବାଳିକା ହେଲେ ଭୂଇଁପଡା ଅଞ୍ଚଳର ଅନ୍ନପୂର୍ଣ୍ଣା ମଲ୍ଲିକ(୧୦) ଓ ଅନ୍ୟାଶା ମଲ୍ଲିକ(୧୦)। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ଭୁଇଁପଡା ଗ୍ରାମର ସଞ୍ଜୟ ମଲ୍ଲିକଙ୍କ ୧୦ ବର୍ଷର ଝିଅ ଅନ୍ନପୂର୍ଣ୍ଣା ଓ ସମ୍ପର୍କୀୟ ସୁଜିତ ମଲ୍ଲିକଙ୍କ ୧୦ବର୍ଷର ଝିଅ ଅନ୍ୟାଶା ମଲ୍ଲିକ ଘରପାଖ ପୋଖରୀକୁ ରବିବାର ପ୍ରାୟ ୧୧ମିନିଟ ସମୟରେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ଯୋଗୁ ପୋଖରୀ ଭିତରକୁ ଗୋଡ ଖସିଯିବାରୁ ଦୁଇଭଉଣି ବୁଡିଯାଇଥିଲେ। ପରିବାର ଲୋକେ ଗାଧୋଇବାକୁ ଯାଇଥିବା ଦୁଇଝିଅ ନଫେରିବାରୁ ବହୁସମୟ ଖୋଜାଖୋଜି ପରେ ପାଣିରେ ବୁଡ଼ି ଯାଇଥିବାର ଅନୁମାନକରି ସ୍ଥାନୀୟଯୁବକଙ୍କ ସହାୟତାରେ ପାଣି ଭିତରେ ବୁଡି ଉଭୟଭଉଣୀଙ୍କୁ ପାଣି ଭିତରୁ ଉଦ୍ଧାରକରି ନୀଳଗିରି ମେଡିକାଲକୁ ଆଣିଥିଲେ। ତେବେ ଡାକ୍ତର ଉଭୟ ଦୁଇ ଭଉଣୀଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଦେଇଥିଲା। ନୀଳଗିରି ମେଡିକାଲରେ ମୃତ୍ୟୁବରଣ କରିଥିବା ଦୁଇଝିଅଙ୍କୁ ଦେଖି ଉଭୟଙ୍କ ମାଆ କାନ୍ଦି କାନ୍ଦି ଭାଙ୍ଗି ପଡୁଥିବାର ଦୃଶ୍ୟ ହୃଦୟ ବିଦାରକ ଥିଲା। ପରେ ଖନ୍ତାପଡା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ।

# ପ୍ରବୀଣ ଶିକ୍ଷାବିତଙ୍କ ବିୟୋଗରେ ଶୋକସଭା



ଭଦ୍ରକ , ୦୩/୫ (ନି.ପ୍ର): ଭଦ୍ରକର ଦୁଇ ପ୍ରବୀଣ ଅବସର ପ୍ରାପ୍ତ ଶିକ୍ଷାବିତି ସୁ ସାହିତିକା ଡ଼. ପ୍ରଭାତ ନଳିନୀ ମହାପାତ୍ର ଓ ପ୍ର. ଡ଼ ମାନସ ରଞ୍ଜନ ଲେଙ୍କାଙ୍କ ଅକାଳ ବିୟୋଗରେ ଭଦ୍ରକ ଜିଲ୍ଲପାଳ ଙ୍କ କାଯ୍ୟଳୟ ସମୁଖରେ ସମ୍ଭାବନା ସାହିତ୍ୟ ସଂସଦ, ଓ ସାହିତ୍ୟ ସଂକୃତି ସଂଗଠନ ଆମେ ର ମିଳିତ ସହଯୋଗରେ ସକାଳ ୮ଘଟିକା ସମୟରେ ପ୍ର. ଡ଼. ଅଟଳବିହାରୀ ନାୟକ ଙ୍କ ସଭାପତିତ୍ୱ ରେ ଏକ ଶୋକସଭା ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ଆତ୍ମାଙ୍କ ଉଦେଶ୍ୟରେ ୨ମିନିଟ ନିରବ ପାର୍ଥନା କରାଯାଇଥିଲା। ଉଭୟ ଅନୁଷ୍ଠାନର ସଦସ୍ୟ ମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ଦୁଇ ଦିବଂଗତ ଶିକ୍ଷା ବିତଙ୍କ ଗୁଣାବଳି ଉପରେ ଆଲୋକପାତ କରିଥିଲେ ସର୍ବଶ୍ରୀ ଡ଼. ରବିନାରାୟଣ ମହାପାତ୍ର, ଅଧିବକ୍ତା ଅମିତାବାଲା, ଆଚାର୍ଯ୍ୟ ବରିଷ୍ଠ ଅଧିବକ୍ତା ରୋଟାରୀ ମିଡିଟାଉନ ଅତିଶ କୁମାର ବେହେରା, ଜିଲ୍ଲାର ସର୍ବୋଦୟ ମଣ୍ଡଳର ସଭାପତି ଆମରକୁମାର ପାଣିଗ୍ରାହୀ,ବ୍ୟଙ୍ଗ କବି ବିଜୟ ବହଳି, ରୂପକ ରାୟ, କବି ରମେଶ ଦାସ, ରମେଶ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ମିଶ୍ର,ପ୍ରଧାପିକା ଭାନୁମତି ମାଟିଆ,ସରୋଜିନୀ ନାୟକ, ନାଟ୍ୟକାର ଗୌରାଙ୍ଗ ବାରିକ, କ୍ୟାପଟେନ ଓଁଙ୍କର, ଡ଼. ପୂଜାରାଣୀ ଘୋଷ,ସମାଜସେବୀ ଦିଲୀପ ନାୟକ ଅରୂପାନନ୍ଦ ନାୟକ,ଜୟ ଜଗନ୍ନାଥ ମଲ୍ଲିକ,ଦେବସ୍ମିତା ମିଶ୍ର, ହେମନ୍ତ ନାୟକ, ଇ ଦିନେଶନାୟକ, ସମ୍ଭାବନା ର ସମ୍ପାଦକ ଋତୁରାଜ ଅକ୍ଷୟ ଓ ଆହୁରି ଅନେକ ଯୋଗ ଦେଇଥିଲେ।

## ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର, ୦୩/୫ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବାସୁଦେବପୁର ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ଧନଞ୍ଜୟ ବେହେରା ୫୪୬ ନମ୍ବର ରଖିଛନ୍ତି ଓ ୯୧ ଶତକଡା ମାର୍କ ରଖି ଏ ୱାନ୍ ହୋଇଛନ୍ତି। ଏହି ଅବସରରେ ଧନଞ୍ଜୟ ଙ୍କୁ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ହେମନ୍ତ କୁମାର ମହାକୁଡ଼ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ଏବଂ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ। ଧନଞ୍ଜୟଙ୍କ ପିତା ରମେଶ ଚନ୍ଦ୍ର ବେହେରା ଓ ମାତା ମମତା ରାଉତ। ଭବିଷ୍ୟତରେ ଧନଞ୍ଜୟ ଇଞ୍ଜିନିୟର ହୋଇ ଦେଶ ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି । ଏହି ଅବସରରେ ଧନଞ୍ଜୟ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ, ପିତା, ମାତା, ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ହେମନ୍ତ କୁମାର ମହାକୁଡ଼ ପ୍ରମୁଖ ଙ୍କୁ ସଫଳତାର ଶ୍ରେୟ ଦେବେ ବୋଲି ନିଜେ ଗଣ ମାଧ୍ୟମ ସାମ୍ନାରେ ମତ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ ଧନଞ୍ଜୟ ଙ୍କୁ ମିଠା ଖୁଆଇ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।



## ଶ୍ରମିକ ଦିବସରେ ସମ୍ବର୍ଦ୍ଧିତ ହେଲେ ସଫେଇ କର୍ମଚାରୀ



ଉଦଳା, ୦୩/୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନଙ୍କୁ ଚଳିତ ମେ ୧ ତାରିଖ ଶୁକ୍ରବାର ଦିନ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବାର ଜଣାଯାଇଛି । ଏହି ଅବସରରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଆୟୋଜିତ ଏକ ଉତ୍ସବରେ ନଗରପାଳ ପ୍ରମିଳା ପଣ୍ଡା ଅଧକ୍ଷତା କରିବା ସହ ସଫେଇ କର୍ମଚାରୀ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ପରେ ଅନୁଷ୍ଠିତ ସାଧାରଣସଭାରେ ସହର ଗଠନରେ ସଫେଇ କର୍ମଚାରୀ ମାନେ କିପରି ଭୂମିକା ଲିଭାଉଛନ୍ତି ଏହାର ଏକ ସ୍ୱଷ୍ଟ ଚିତ୍ର ନଗରପାଳ ଉପସ୍ଥାପନ କରିଥିଲେ । ଶେଷରେ ସଫେଇ କର୍ମଚାରୀ ମାନେ ଜଣ ଜଣ କରି ନିଜ ନିଜର ଅନୁଭବ ବ୍ୟକ୍ତ କରିବା ସମୟରେ ଦୈନନ୍ଦିନ ଜୀବନରେ ସମ୍ମୁଖିନ ହେଉଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।

## ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ

କେନ୍ଦ୍ରାପଡା, ୦୩/୫ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ର ୨୨ ପାହାଚ ଉପରେ ଶ୍ରୀରାମ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ସମ୍ମୁଖରେ ଶ୍ରୀରାମ ନବମୀ ଠାରୁ ମାସାଧିକ କାଳ ଅନୁଷ୍ଠିତ ହେଉଥିବା ଶ୍ରୀରାମ ଲୀଳା ଅଭିନୟ ସମାପ୍ତି ପରେ ପରମ୍ପରା ଅନୁଯାୟୀ ମନ୍ଦିର ମଧ୍ୟରେ ଶ୍ରୀଜୀଉ ମାନଙ୍କ ସମ୍ମୁଖରେ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ଦୀର୍ଘ ବର୍ଷ ହେଲା ପାଳନ କାରଯାଇ ଆସୁଛି । ଚଳିତ ବର୍ଷ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ପୂର୍ବତନ ଅଧକ୍ଷା ତଥା ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶ୍ରୀରାମ ଲୀଳା କମିଟିର ସଭାପତି ନରୋତମ ଦାସ, ସଂପାଦକ ଅକ୍ଷୟ କୁମାର ମେକାପ, ମୁଖ୍ୟ ଉପଦେଷ୍ଟା ତଥା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ଅମିତାବ ସୁଆର, କାହ୍ନା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା




ଭଦ୍ରକ , ୦୩/୫ (ନି.ପ୍ର): ଜୀବନବ୍ୟାପୀ ଶିକ୍ଷା ଦାନ କରି ଦୁଇ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋସ୍ନାମୟୀ ପଣ୍ଡା ଏକକାଳୀନ ଗୋଟିଏ ବିଦ୍ୟାଳୟରୁ ଅବସର ନେବା ଦିବସରେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି ହୋଇଛି। ଭଦ୍ରକ ମିର୍ଜାପୁର ନାଥ ସାହିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ତଥା ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ କରଙ୍କ ସଂଯୋଜନାରେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନାଦର୍ଶ ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିବା ବେଳେ ଶିଶୁ ସାହିତ୍ୟିକ ଇଂ ଅଭୟ ସୂତାର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାର ବରେଣ୍ୟ ଅତିଥି, ଶିକ୍ଷାବିତ୍ ଗୀତାରାଣୀ ଆଇଚ, ହରେକୃଷ୍ଣ ଜେନା, ପୂର୍ବତନ ଅଧକ୍ଷ ଶିବ ଚରଣ ଖାମୁରାଇ ସ୍ୱତନ୍ତ୍ର ଅତିଥି, ଭାସ୍କର ଚନ୍ଦ୍ର ପଣ୍ଡା, ଦ୍ରୌପଦୀ ସାହୁ, କୈଳାସ ଚନ୍ଦ୍ର ଜେନା, ମହେଶ୍ୱର ନାଥ, ଅରୁଣ କୁମାର ମଲ୍ଲିକ, ରଶ୍ମିତା ଦାଶ , ରତ୍ନାକର ପଣ୍ଡା, ସମୀର କୁମାର ଜେନା, ମୀନା କୁମାରୀ ଦାସ, ମଧୁମିତା ପାଣି, ସନ୍ତୋଷ କୁମାର ବେହେରା , ଗୀତାଞ୍ଜଳି ବେହେରା, ମଧୁମିତା ମାଝୀ, ଲକ୍ଷ୍ମୀପ୍ରୀୟା ମୁର୍ମୁ, ମଧୁସ୍ମିତା ମହାନ୍ତି, ଗୌରୀ ଶତପଥୀ, ଗୀତାଞ୍ଜଳି ମହାନ୍ତି, ଜାନକୀ ପାଢ଼ୀ, ମନୋରମା ରାୟ, ପ୍ରଣତୀ ମଲ୍ଲିକ, ଗୋପୀନାଥ ଦାଶ, ଦେବସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରିୟ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ଜୀବନାଦର୍ଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷଣୀୟ ପାଲା ପରିବେଷଣ କରି କିଛି ସମୟ ପାଇଁ ସଭାକୁ ମନ୍ତ୍ରମୁଗ୍ଧ କଲା ପରି ଉପସ୍ଥିତ ସମସ୍ତଙ୍କୁ ମୋହିତ କରିଥିଲେ।ଏହି ଅବସରରେ ଜୀବନବ୍ୟାପୀ ଶିକ୍ଷା ପ୍ରଦାନ କରି ସମସ୍ତଙ୍କ ନିକଟରେ ପ୍ରିୟ ହୋଇଥିବା ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତି ଓ କୃତିତ୍ୱ ପାଇଁ ଓଡ଼ିଶା ରାଜ୍ୟ ପୂଜ୍ୟ ପୂଜା ପରିଷଦ ପକ୍ଷରୁ ଶ୍ରୀମତୀ ଦ୍ରୌପଦୀ ସାହୁ ଏବଂ ଅରୁଣ କୁମାର ମଲ୍ଲିକଙ୍କୁ ଶିକ୍ଷା ରତ୍ନ ସମ୍ମାନ , ବିଜୟଲକ୍ଷ୍ମୀ ପଣ୍ଡା, ଜ୍ୟୋସ୍ନାମୟୀ ପଣ୍ଡା ଏବଂ ରଶ୍ମିତା ଦାଶଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଓ ରମାପଦ ରଣାଙ୍କୁ ଆଦର୍ଶ ଗୁରୁଜୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଗ୍ରାମବାସୀ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମିର୍ଜାପୁର ନାଥ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରିୟ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋସ୍ନାମୟୀ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଭାବମୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ କର ଧନ୍ୟବାଦ ଅର୍ପଣ କରିବା ପରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ସମ୍ମାନର ସହିତ ବିଦାୟ ଦେଇଥିଲେ।

## ମୟୂରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଏସୋସିଏସନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ




ବାରିପଦା , ୦୩/୫ (ନି.ପ୍ର): ବାରୁଣୀ ରୋଡ଼ ସ୍ଥିତ ମୟୁରଭଞ୍ଜ କେମିଷ୍ଟ ଭବନ ପରିସରରେ ମୟୁରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଏସୋସିଏସନ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଡ୍ରାଗିଷ୍ଟ ପରିବାରର ଦିବଂଗତ ଚୌଧୁରୀ ପ୍ରବୀର ଦାସଙ୍କ ସ୍ମୃତିରେ ତଥା ୧୦ମ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି ଶିବିରରେ ୨ ଜଣ ମହିଳା ସମେତ ମୋଟ ୧୭୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟ ରଞ୍ଜନ ନାଏକ ଏହି ଶିବିରର ଉଦଘାଟନ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ସରୋଜ କୁମାର ସାହୁ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ଦୁର୍ଗା ପ୍ରସାଦ ମିଶ୍ର, ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏସୋସିଏସନର ସଭାପତି ବିକାଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ଅମୀୟ କୁମାର ମହାପାତ୍ର, କୋଷାଧକ୍ଷ ନରେଶ କୁମାର ଅଗ୍ରୱାଲ ତଥା ସଦସ୍ୟ ଡଃ ନାରାୟଣ ବେହେରା, ତପନ ବସା, ନୟନ ଦାସ, ବିବେକାନନ୍ଦ ଶେଜପଡା, ଭବାନୀ ଶଙ୍କର ରାଉତ, ସୁନିତ ସାକୁନିଆ, ସୁଶାନ୍ତ ପୃଷ୍ଟି, ଆଶିଷ ସାକୁନିଆ ପ୍ରମୁଖ ଶିବିରର ଆୟୋଜନ କରିବା ସହ ବହୁ ସଦସ୍ୟ ମଧ ରକ୍ତଦାନ କରିଥିଲେ । ବାରିପଦା ରକ୍ତ କେନ୍ଦ୍ର, ବାରିପଦା ର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବବିତା ପଟ୍ଟାୟତ, ସତ୍ୟଜିତ ମହାନ୍ତ, ନିତିଶ ସାମଲ, ବିଜୟ ବାନ୍ଦ୍ରା, ପାର୍ଥସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ତତସହିତ ଏସୋସିଏସନର ରାଇରଙ୍ଗପୁର ଶାଖା ତରଫରୁ ୪୨ ୟୁନିଟ ଓ ଉଦଳା ଓ କରଞ୍ଜିଆ ଶାଖା ତରଫରୁ ୧୫ ୟୁନିଟ ଲେଖାଏଁ ରକ୍ତ ସଂଗୃହିତ ହୋଇଯାଇଛି ।

## ପଛରୁ ବାଇକ୍‌କୁ ପିଟିଲା ବାଇକ୍: ୭ବର୍ଷର ଶିଶୁପୁତ୍ର ଗୁରୁତର

ନୀଳଗିରି , ୦୩/୫ (ନି.ପ୍ର): ଏକ ବାଇକରେ ଦ୍ରୁତଗତିରେ ପଛରୁ ଆସି ଅନ୍ୟଏକ ବାଇକକୁ ଧକ୍କାଦେବା ଫଳରେ ଜଣେ ନାବାଳକ ଶିଶୁପୁତ୍ର ଗୁରୁତର ହେବାସହିତ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ନୀଳଗିରି ବ୍ଲକ୍ ବରହମପୁର ଅଞ୍ଚଳର ଅମିତ୍ କୁମାର ଦାସ ଏକ ହୋଣ୍ଡାବାଇକରେ ନିଜ ପୁଅ, ଝିଅ ଏବଂ ସ୍ତ୍ରୀ ସହିତ ସୋର ମଙ୍ଗଳପୁର ଅଞ୍ଚଳର ବନ୍ଧୁଘରୁ ଶେରଗଡ଼ ଦେଇ ବରହମପୁର ଘରକୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରୀ ଶନିମନ୍ଦିର ନିକଟରେ ପଛପଟୁ ଧୋବଶିଳା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସୁଶୀଲ ମଲ୍ଲିକ ଏକ ପଲ୍ସର ଗାଡ଼ିରେ ଆସି ପଛପଟୁ ଧକ୍କାଦେବା ଫଳରେ ଅମିତଙ୍କ ପରିବାର ସହିତ ସୁଶୀଲ ପଡ଼ିଯାଇଥିଲେ। ଫଳରେ ଅମିତଙ୍କ ୭ବର୍ଷର ଶିଶୁପୁତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା ବେଳେ ଅମିତ୍ ଏବଂ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ମାତ୍ର ଝିଅର କୌଣସି କ୍ଷତି ହୋଇନଥିବା ବେଳେ ସୁଶୀଲଙ୍କର ନାକରୁ ରକ୍ତସ୍ରାବ ହେଉଥିବା ବେଳେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିବା ଜଣାଯାଇଛି।

## ମୁନିଲାଲ ହାଇସ୍କୁଲରେ ଶତ ପ୍ରତିଶତ ସଫଳତା: ପାଖ ବିଦ୍ୟାଳୟ ଗୁଡିକରେ ୯୭ ଶତକଡା

ବୈଶିଙ୍ଗା , ୦୩/୫ (ନି.ପ୍ର): ବୈଶିଙ୍ଗାର ସର୍ବ ପୁରାତନ ମୁନିଲାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ମିଳିଥିବା ଜଣା ଯାଇଛି । ୫୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ କୃତ କାର୍ଯ୍ୟ ହୋଇଥିବା ର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁ ପ୍ରକାଶ କରିଛନ୍ତି । ସେହିଭଳି ପୁରୁଣିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ୬୯ ଜଣ ପରୀକ୍ଷା ଦେଇ ଥିବା ବେଳେ ୬୭ ଜଣ ପାସ କରିଛନ୍ତି । ହେମପୁର ସ୍ଥିତ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୨୩ ଜଣ ପରୀକ୍ଷା ଦେଇଥିବା ବେଳେ ୨୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଖୁଣ୍ଟାପୁର ସ୍ଥିତ ସତ୍ୟସାଇ ବିଦ୍ୟା ନିକେତନରେ ୫୧ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୮ ଜଣ ପାସ କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ ସମରଜିତ୍ ମହାପାତ୍ର ପ୍ରକାଶ କରିଛନ୍ତି । ଏହି ୪ଟି ଉଚ୍ଚ ବିଦ୍ୟାଳୟ ରେ ଇ୧ ରେଙ୍କ ରେ କେହି ପାସ କରି ନଥିବା ଯୋଗୁଁ ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବସ୍ତାର ଗୌରବ ଗାୟତ୍ରୀ ଜେନା



ବସ୍ତା, ୦୩/୫ (ନି.ପ୍ର): ବସ୍ତା ଜିଲ୍ଲାଶିକ୍ଷା ଅଧିନରେଥିବା ରତନକୁଣ୍ଡୁ ହାଇସ୍କୁଲ ର ଦଶମ ଶ୍ରେଣୀର ଛାତ୍ରୀ ଗାୟତ୍ରୀ ଜେନା ଏ ୱାନ୍ ରେ( ୫୫୬)ନମ୍ବର ରେ ଉତ୍ତିର୍ଣ୍ଣ ହୋଇ ବିଦ୍ୟାଳୟର ନାମ ରଖି ବା ସହିତ ବସ୍ତା ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟୁଛି । ମଥାନୀସ୍ଥିତ ଲକ୍ଷ୍ମୀନାରାୟଣ ହାଡୱାର ଷ୍ଟୋର ମାଲିକ ତଥା ପରିବେଷ ବିତ ସୁମନ୍ତ ଜେନା ସୋଲଚନା ଜେନାଙ୍କର ସାନଝିଅ ଗାୟତ୍ରୀ ଚଳିତବର୍ଷ ଦଶମଶ୍ରେଣୀ ବୋଡ ପରୀକ୍ଷାରେ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏନେଇ ଗାୟତ୍ରୀ କୁହନ୍ତି ମୋର ସଫଳତା ପାଇଁ ମୋର ବାପା ମା ଜେଜେମା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ମୋ ଟିଉସନ ସାର ଙ୍କ ଆର୍ଶ୍ରିବାଦ ମୋର ପାଠପଢାରେ ନିଷ୍ଠାପରତା ମୋତେ ମୋତେ ସଫଳତାରେ ପହଞ୍ଚାଇଛି । ମୁଁ ଭବିଷ୍ୟତରେ ଅଧ୍ୟାପକ ହୋଇ ଶିକ୍ଷାଦାନ କଲେ ମୁଁ ନିଜକୁ ଧନ୍ୟ ମଣିବି ବୋଲି ଆଶା ରଖିଛି ।

## ମ୍ୟାଟ୍ରିକ ପରୀକ୍ଷାରେ ଭଦ୍ରକ ଟପ୍ପର ହୋଇଥିବା ସରିତା ନାୟକଙ୍କୁ ସିପିଆଇ(ଏମ) ପକ୍ଷରୁ ଶୁଭେଚ୍ଛା




ଚାନ୍ଦବାଲି, ୦୩/୫ (ନି.ପ୍ର): ମ୍ୟାଟ୍ରିକ ପରୀକ୍ଷାରେ ଭଦ୍ରକ ଜିଲ୍ଲା ଟପ୍ପର ହୋଇଥିବା ଚାନ୍ଦବାଲି ବ୍ଲକ ନୂଆଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନ୍ତୁଆଳି ନୂଆଗାଁ ବଲ୍ଲଭ ଶଙ୍ଖାଳି ଚାରିମୌଜା ନୋଡାଲ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ସରିତା ନାୟକଙ୍କୁ ସିପିଆଇ(ଏମ) ପକ୍ଷରୁ ଫୁଲତୋଡା ଓ ପୁରସ୍କାର ଦିଆଯାଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ଜଣେ ଚାଷୀ ଘରର ପିଲା ଭାବେ ମ୍ୟାଟ୍ରିକ ପରୀକ୍ଷାରେ ୬୦୦ ମାର୍କ୍ସରୁ ୫୭୩ ମାର୍କ୍ସ ରଖି ଜିଲ୍ଲାରେ ଗୌରବ ଆଣିଥିବାରୁ ସିପିଆଇ(ଏମ) ପକ୍ଷରୁ ସୁଶ୍ରୀ ସରିତା ନାୟକଙ୍କୁ ଧନ୍ୟବାଦ ଜଣାଯାଇଛି । ଏହି ସଫଳତା ପଛରେ ତାଙ୍କ ପିତା ଶ୍ରୀଯୁକ୍ତ ନିରଞ୍ଜନ ନାୟକ,ମାଆ ସିପିଆଇ(ଏମ) ନେତ୍ରୀ ରଞ୍ଜିତା ନାୟକ, ବଡବାପା ଦେବେନ୍ଦ୍ର ନାୟକ, ବଡବଉ ସୁକାନ୍ତି ନାୟକ, ବିଏସସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଜୟ ନାୟକ ଓ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମଧ ଧନ୍ୟବାଦ ଜଣାଯାଇଛି । ସିପିଆଇ(ଏମ)ର ଏହି ପ୍ରତିନିଧି ଦଳରେ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା କାହ୍ନୁ କିଶୋର ସାହୁ,ଯୁବନେତା ଦୀପକ ଦାସ ପ୍ରମୁଖ ଯାଇ ସରିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ ।

## ହାଇସ୍କୁଲ ପରୀକ୍ଷାରେ ୧୦ ଜଣ ଟପ୍ପରଙ୍କ ମଧ୍ୟରୁ ଜଳେଶ୍ୱରରୁ ୨ଜଣ



ଜଳେଶ୍ୱର ତା ୩/୫ (ନିପ୍ର ) ଓଡ଼ିଶା ମାଟ୍ରିକ ବୋର୍ଡ଼ ପରୀକ୍ଷାରେ ସମଗ୍ର ରାଜ୍ୟରେ ଦଶଜଣ ଟପ୍ପରଙ୍କ ମଧ୍ୟରୁ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅନିକେତ ପାତ୍ର ୫୮୬ ନମ୍ବର ରଖି ରାଜ୍ୟରେ ତୃତୀୟ ସ୍ଥାନ ଓ ଜୟପ୍ରକାଶ ପାତ୍ର ୫୮୦ ନମ୍ବର ରଖି ରାଜ୍ୟରେ ଦଶମ ସ୍ଥାନ ଅଧିକାର କରି ଆମ ଅଞ୍ଚଳ ପାଇଁ ଗର୍ବ ଆପଣାଇଛନ୍ତି। ଆଜି ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଯୁବ ଆଇନଜୀବୀ ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୌରବ ଅର୍ଜନ କରୁଥିବା ଦୁଇଜଣଙ୍କ ଘରକୁ ଯାଇ ଉପଢୌକନ,କଲମ,ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇ ଖୁସି ବାଣ୍ଟିଥିଲେ । ସମଗ୍ର ରାଜ୍ୟରେ ଜଳେଶ୍ୱରର ନାମକୁ ଗୌରବାନିତ କରିଥିବା ଦୁଇଜଣ ଛାତ୍ରର ଉଜ୍ୱଳ ଭବିଷ୍ୟତ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଅଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଚନ୍ଦନ ଦାସ,ନଗର ସାଧାରଣ ସମ୍ପାଦକ ସମର କରଣ, ବିପ୍ଳବ ପ୍ରଧାନ, ଅଞ୍ଜନ ଦାସ, ରଞ୍ଜିତ ପାତ୍ର, ଶଙ୍କର ମହାଲିକ, ସୌରଭ ଗୁପ୍ତା, ରାଧାକୃଷ୍ଣ ସେନ, ଗଜେନ୍ଦ୍ର ଖମାରୀ, ରୋହିତ ବେହେରାଙ୍କ ସମେତ ବହୁ ଯୁବକାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଅଜଣା ଅପରିଚିତ ଝିଅ ଉଦ୍ଧାର

ବାଲେଶ୍ୱର , ୦୩/୫ (ନି.ପ୍ର): ବାଳାଶ୍ରମ ସମ୍ମୁଖ ରାସ୍ତା ନିକଟରେ ଏକ ଅପରିଚିତ ଝିଅଟି ମୁର୍ମୁଷ ଅବସ୍ଥାରେ ପଡିଥିବାର ଦେଖି ବାଲେଶ୍ୱରର ଜଣେ ପରିଚିତ ମୋଟର ସାଇକେଲ ମେକାନିକ ବିଜୟ ବେହେରା (ଲିଟୁ ) ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ,ମାନବଧିକାର କର୍ମୀ ସୁଧାକର ସେଠୀଙ୍କୁ ଜଣାଇଥିଲେ । ଶ୍ରୀ ସେଠୀ ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ ଅନୁରୋଧ କରିଥିଲେ ,ଖବର ପାଇ ଏକ ସରକାରୀ ଦଳ ପହଁଚି ଝିଅଟିର ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ସହ ଅନୁସଙ୍ଗିକ ସେବା ଯୋଗାଇ ଦେଇଥିଲେ। ଝିଅଟି ନିଜର ପରିଚୟ ବର୍ତ୍ତମାନ ପର୍ଯ୍ୟନ୍ତ ଠିକ ଭାବରେ ଦେଇ ପାରୁନଥିବା ବେଳେ, ଭଲ ଭାବରେ କଥା କହିପାରୁ ନାହିଁ କି ତାବିଷୟରେ ସଠିକ ତଥ୍ୟ ମିଳୁନାହିଁ। ବୋଦ ହୁଏ ଏମିତି କିଛି ଘଟଣା ତା ଉପରେ ଘଟିଛି ସେ ନିଜକୁ ସେଥିରୁ ମୁକୁଳାଇ ପାରୁନାହିଁ, ଏବାବଦରେ ପ୍ରଶାସନ ସମ୍ପୂର୍ଣ୍ଣ ହସ୍ତକ୍ଷେପ କରିବା ସହ ପିଲାଟିକୁ ଚିକିତ୍ସା ସହ ଥଇଥାନ ପାଇଁ ମଧ ଦାବି ରଖିଛନ୍ତି।

## ସ୍ୱର୍ଗତଃ ଭଗବାନ ଚନ୍ଦ୍ର ମହାପାତ୍ରଙ୍କ ସ୍ମରଣିକା ପାଇଁ ଲେଖା ଆବଶ୍ୟକ

ଆମ ପରିବାର ଓ ଆମ ପଂଚାୟତ ପତ୍ରିକାର ପ୍ରତିଷ୍ଠାତା ଓ ପୂର୍ବତନ ସୋଶାଇଟି ସେକ୍ରେଟାରୀ ସ୍ୱର୍ଗତଃ ଭଗବାନ ଚନ୍ଦ୍ର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସମ୍ପର୍କିତ ଓ ତାଙ୍କ ସହିତ ମିଶିଥିବା ବ୍ୟକ୍ତିବିଶେଷଙ୍କଠାରୁ ତାଙ୍କ ସମ୍ପର୍କରେ ବିଭିନ୍ନ ଉପାଦେୟ ଲେଖା ପ୍ରବନ୍ଧ, କବିତା, ଗଳ୍ପ ଆଦି ପ୍ରକାଶିତ କରାଯିବ। ଏଥି ନିମନ୍ତେ ଏକ ଶୋଭନୀୟ ପତ୍ରିକା ତାଙ୍କ ସମ୍ପର୍କକୁ ନେଇ ଜୁଲାଇ ୧୦ ତାରିଖରେ ପ୍ରକାଶିତ ହେବାକୁ ଯାଉଛି। ଏଥିରେ ଇଚ୍ଛୁକ ଥିବା ବ୍ୟକ୍ତିବିଶେଷ ତାଙ୍କ ସମ୍ପର୍କିତ ଲେଖା ଗୋଟିଏ ପୃଷ୍ଠାରେ ମଇ ୧୫ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ। ଲେଖା ପଠାଇବାର ଠିକଣା:

ମହାପାତ୍ର ଫାର୍ମହାଉସ, ଭଗବାନପୁର, ବାମଡ଼ା, ରୂପସା, ବାଲେଶ୍ୱର-୭୫୬୦୨୮।
ମୋ: ୯୭୭୮୭୨୪୬୭୭ ଓ କିଶୋର ମହାପାତ୍ର, ଦୁର୍ଗା ପ୍ରେସ୍,
ମୋ: ୯୩୩୮୩୧୨୦୫୭

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida